# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଜୁନ୍ ୧୪/୨୦୨୧ (୧୨ ପୃଷ୍ଠା) | Berhampur, Monday, June 14/2021 | ★★★

୧୭ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଫିଟ୍‌ନେସ୍‌କୁ ଫେରିଲେ କ୍ୟାଟ୍ରିନା**

କରୋନାରୁ ସୁସ୍ଥ ହେବା ପରେ ଫିଟ୍‌ନେସ୍ ୱାର୍କଆଉଟ୍‌କୁ ଫେରିଛନ୍ତି ଅଭିନେତ୍ରୀ କ୍ୟାଟ୍ରିନା କୈଫ୍।

୧୦

୧୨

**କ୍ରେଜିକୋଭାଙ୍କୁ ଡବଲ ଟାଇଟଲ**

ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସରେ ଉଭୟ ମହିଳା ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।



# ଆଗକୁ ବିପଦ କୋଭିଡ୍ ଆବର୍ଜନା

**ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ), ୧୩।୬**

- ଭାରତରେ ଦିନକୁ ୨୦୩ ଟନ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି
- କେରଳରେ ସର୍ବାଧିକ ୨୩.୭୧, ଓଡ଼ିଶାରେ ୬.୬୫ ଟନ୍
- ଅଧିକାଂଶ ରାଜ୍ୟରେ ବୈଜ୍ଞାନିକ ଉପାୟରେ ନଷ୍ଟ କରାଯାଉ ନାହିଁ
- ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ କ୍ଷତିକାରକ ବିଷାକ୍ତ ଆବର୍ଜନା: ବିଶେଷଜ୍ଞ

ମହାମାରୀ କରୋନାର ଦ୍ୱିତୀୟ ଲହର କ୍ରମଶଃ ଦୁର୍ବଳ ହେବାରେ ଲାଗିଥିବାବେଳେ କୋଭିଡ୍ ରୋଗୀଙ୍କ ଚିକିତ୍ସାରୁ ବାହାରୁଥିବା ବ୍ୟବହୃତ ଡାକ୍ତରୀ ଉପକରଣର ଗଦା ଗଦା ଆବର୍ଜନା ସାରା ଦେଶ ପାଇଁ ଆଉ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗତ ଏପ୍ରିଲରୁ ମେ' ମାସ ମଧ୍ୟରେ ଏଭଳି ବାୟୋମେଡିକାଲ୍ ୱେଷ୍ଟ (ବିଏମ୍‌ଡବ୍ଲ୍ୟୁ/ବି-ୱେଷ୍ଟ)ରେ ୫୦% ବୃଦ୍ଧି ଘଟିଛି। ସର୍ବାଧିକ ସଂକ୍ରମଣ ବୋଝ ସହିଥିବା ରାଜ୍ୟଗୁଡ଼ିକ ପାଇଁ ଏହା ବେଶି ବିପଦ ସାଜିଛି। ଚଳିତବର୍ଷ ସୃଷ୍ଟି ହୋଇଥିବା ବି-ୱେଷ୍ଟ ମଧ୍ୟରୁ ଅଧା କେବଳ ୫ଟି ରାଜ୍ୟରେ ରହିଛି। ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ଦିନକୁ ୬.୬୫ ଟନ୍ ବାୟୋମେଡିକାଲ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। ତେଣୁ ଆଗକୁ ସେଗୁଡ଼ିକୁ ବୈଜ୍ଞାନିକ ଉପାୟରେ ନଷ୍ଟ କରା ନ ଗଲେ ବିଷାକ୍ତ ଆବର୍ଜନା ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ହାନିକାରକ ହେବ ବୋଲି ଡାକ୍ତର ଓ ବିଶେଷଜ୍ଞମାନେ ମତ ଦେଇଛନ୍ତି। କୋଭିଡ୍ ଚିକିତ୍ସାରେ ବ୍ୟବହୃତ ସିରିଞ୍ଜ, ଗ୍ଲୋଭ୍, ଫେସ୍ ଶିଲ୍ଡ, ପିପିଇ କିଟ୍, ଡିସ୍ପୋଜେବୁଲ ବେଡ୍‌ଶିଟ୍ ଆଦିର ଉପଯୁକ୍ତ ଟ୍ରିଟ୍‌ମେଣ୍ଟ କରାଯାଉ ନାହିଁ। ସଂକ୍ରମଣର ଦ୍ୱିତୀୟ ଲହରରେ ଏଭଳି ବର୍ଜ୍ୟବସ୍ତୁ ଏଣେତେଣେ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହା ଆଗକୁ ସଂକ୍ରମଣ ବୃଦ୍ଧିର କାରଣ ସାଜିପାରେ।



ଏହା କରୋନା ଭଳି ଜନସ୍ୱାସ୍ଥ୍ୟ ସମସ୍ୟାକୁ ଜନ୍ମ ଦେଇପାରେ ବୋଲି ଡାକ୍ତର ଓ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍ସ, ୨୦୧୬ ଅନୁସାରେ ଦୂରନ୍ତ ସ୍ଥାନରେ ଗଭୀର ଗାତ ଖୋଳି ଏଭଳି ଆବର୍ଜନାକୁ ବୈଜ୍ଞାନିକ ଉପାୟରେ ପୋତି ନଷ୍ଟ କରାଯିବା ପାଇଁ ନିୟମ ରହିଛି। ତେବେ ଅନେକ ରାଜ୍ୟ ମ୍ୟୁନିସିପାଲିଟି ଗାଡ଼ିରେ ସେଗୁଡ଼ିକୁ ବୋହି ନଇନାଳ ଓ ଖୋଲାପଡ଼ିଆରେ ଫୋପାଡ଼ିଦେଉଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ସଂଗୃହୀତ ତଥ୍ୟାନୁସାରେ ୨୦୨୧ ମେ'ରେ କୋଭିଡ୍‌ଜନିତ ବାୟୋମେଡିକାଲ ଆବର୍ଜନା ଦୈନିକ ୨୦୩ ଟନ୍ (ଟିପିଡି) ସୃଷ୍ଟି ହୋଇଛି। ଅଣକୋଭିଡ୍ ସମୟ ତୁଳନାରେ ଏହା ୩୩% ଅଧିକ। ଏଥିରୁ କେବଳ କେରଳ, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ ଓ କର୍ନାଟକରେ ୫୦% ବି-ଆବର୍ଜନା ସୃଷ୍ଟି ହୋଇଛି। ମେ' ୧୦ରେ ☞ପୃଷ୍ଠା-୪

## ଓଡ଼ିଶାରେ ବି ପାଳନ ହେଉନି ନିୟମ

**ଭୁବନେଶ୍ୱର (ବ୍ୟୁରୋ), ୧୩।୬**

ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ସାଢ଼େ ୮ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କରୋନାରେ ସଂକ୍ରମିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮ ଲକ୍ଷ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ମଧ୍ୟ ୬୦,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ରାଜ୍ୟର ୮୩ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାବାଦ୍ ୧୨୦ଟି କୋଭିଡ୍ କେୟାର ସେଣ୍ଟର(ସିସିସି) ଜରିଆରେ ଚିକିତ୍ସା ଓ ଅନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ସରକାରୀ ତଥ୍ୟକୁ ବାଦ୍ ଦେଲେ ଆହୁରି ୧୦୦ଟି ଛୋଟବଡ଼ ମେଡିକାଲ ☞ପୃଷ୍ଠା-୪

# ଜୁନ୍ ଶେଷ ସୁଦ୍ଧା ମାଟ୍ରିକ ଫଳ


**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଜୁନ୍ ଶେଷ ସପ୍ତାହ ସୁଦ୍ଧା ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ। ଏ ନେଇ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଚଳିତବର୍ଷ କରୋନା ଯୋଗୁ ମାଟ୍ରିକ ପରୀକ୍ଷା ବାତିଲ କରାଯାଇଥିଲା। ମୂଲ୍ୟାୟନ ପାଇଁ ବିଭାଗ ବିକଳ୍ପ ବ୍ୟବସ୍ଥା ମଧ୍ୟ ଆପଣାଇଥିଲା। କିନ୍ତୁ ପରୀକ୍ଷା ଫଳ କେବେ ପ୍ରକାଶ ପାଇବ ତାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶଙ୍କା ରହିଥିଲା। ଏବେ ଏହି ଆଶଙ୍କାକୁ ଦୂର କରିଛନ୍ତି ବିଭାଗୀୟ ମନ୍ତ୍ରୀ। ଚଳିତ ମାସ ଶେଷ ସୁଦ୍ଧା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ମାଟ୍ରିକ ମୂଲ୍ୟାୟନ କାର୍ଯ୍ୟ ଠିକ୍ ଭାବେ ଚାଲିଛି। ତେଣୁ ଆଶା କରାଯାଉଛି ନିର୍ଦ୍ଧାରିତ ସମୟ ଭିତରେ ଫଳ ପ୍ରକାଶ ପାଇବ। ଯୁକ୍ତ୨ ଫଳ ସମ୍ପର୍କରେ ମଧ୍ୟ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ଯୁକ୍ତ୨ର ମୂଲ୍ୟାୟନ ପ୍ରକ୍ରିୟା ନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ମୂଲ୍ୟାୟନ କିପରି କରାଯିବ, ତାହା ବିଶେଷଜ୍ଞ କମିଟି ସ୍ଥିର କରିବ। କମିଟି ଏ ପର୍ଯ୍ୟନ୍ତ କିଛି ରିପୋର୍ଟ ଦେଇ ନାହିଁ। ରିପୋର୍ଟ ଆସିବା ପରେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଜି ୭କୁ ଚାଇନାର ଉପହାସ

## 'ବିଶ୍ୱରେ କ୍ଷୁଦ୍ର ଗୋଷ୍ଠୀର ଶାସନ ଚାଲେନାହିଁ'

**କାର୍ବିସ୍ ବେ (ଇଂଲଣ୍ଡ), ୧୩।୬**



ଶି ଜିନ୍‌ପିଙ୍ଗ୍

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ କୋଣଠେସା କରିବା ପାଇଁ ୭ ଧନୀ ରାଷ୍ଟ୍ର ବ୍ରିଟେନ୍‌ରେ ରଣନୀତି ପ୍ରସ୍ତୁତ କରୁଥିବାବେଳେ ସେମାନଙ୍କୁ ଦୃଢ଼ ଜବାବ ଦେଇଛି ବେଜିଂ। କ୍ଷୁଦ୍ର ରାଷ୍ଟ୍ରଗୋଷ୍ଠୀ ବିଶ୍ୱର ଭାଗ୍ୟ ନିୟନ୍ତ୍ରଣ କରିବା ସମୟ ଚାଲିଗଲାଣି ବୋଲି ଚାଇନା ରବିବାର ଜି ୭ ନେତାମାନଙ୍କୁ ସତର୍କ କରାଇ ଦେଇଛି। ଚାଇନାର ବର୍ଦ୍ଧିତ ଶକ୍ତିର ମୁକାବିଲା ପାଇଁ ଧନୀ ରାଷ୍ଟ୍ରଗୁଡ଼ିକର ମିଳିତ ଉଦ୍ୟମକୁ ବେଜିଂ ସମାଲୋଚନା କରିଛି। ୧୯୯୧ରେ ସୋଭିଏତ୍ ୟୁନିୟନ ଭୁଶୁଡ଼ିବା ସହ ଶୀତଳ ଯୁଦ୍ଧର ଅନ୍ତ ଘଟିଥିଲା। ଏହା ପରେ ଚାଇନା ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବେ ମୁଣ୍ଡ ଟେକିଛି। ଚାଇନାର ଶକ୍ତିବୃଦ୍ଧି ଆମେରିକାକୁ ହତୋତ୍ସାହିତ କରିଛି। ରାଷ୍ଟ୍ରପତି ଜୋ ବାଇଡେନ୍ ଚାଇନାକୁ ମୁଖ୍ୟ ରଣନୀତିକ ପ୍ରତିଦ୍ୱନ୍ଦ୍ୱୀ ବିବେଚନା କରୁଛନ୍ତି। ଦିନ ଥିଲା ଯେତେବେଳେ ଏକ କ୍ଷୁଦ୍ର ରାଷ୍ଟ୍ରଗୋଷ୍ଠୀ ସାରା ବିଶ୍ୱ ଉପରେ ନିଷ୍ପତ୍ତି ନେଉଥିଲା। ଏବେ ସେ ସମୟ ଆଉ ନାହିଁ ବୋଲି ଲଣ୍ଡନରେ ଥିବା ଚାଇନା ଦୂତାବାସର ମୁଖପାତ୍ର କହିଛନ୍ତି। ରାଷ୍ଟ୍ର ଛୋଟ ହେଉ କି ବଡ଼, ଶକ୍ତିଶାଳୀ ହେଉ ଅଥବା ଦୁର୍ବଳ, ଧନୀ ହେଉ କି ଗରିବ; ବିଶ୍ୱ ବ୍ୟାପାର ସବୁ ଦେଶ ସହ ପରାମର୍ଶ ମାଧ୍ୟମରେ ପରିଚାଳନା ହେବା ଚାଇନା ବିଶ୍ୱାସ କରେ ବୋଲି ସେ କହିଛନ୍ତି। ଜାତିସଂଘ ନୀତି ଆଧାରରେ ଅନ୍ତର୍ଜାତୀୟ ନିର୍ଦ୍ଦେଶନାମା ହେଉଛି ଏକମାତ୍ର ବୈଧ ବୈଶ୍ୱିକ ପ୍ରଣାଳୀ, ତଥାକଥିତ କ୍ଷୁଦ୍ର ରାଷ୍ଟ୍ରଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ନୁହେଁ ବୋଲି ଚାଇନା ମୁଖପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ଜି୭ ରାଷ୍ଟ୍ରଗୋଷ୍ଠୀ ପକ୍ଷରୁ ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଭିତ୍ତିଭୂମି ପ୍ରକଳ୍ପକୁ ବିରୋଧ କରାଯାଇ ଗ୍ଲୋବାଲ୍ ଇନ୍‌ଫ୍ରା ପ୍ଲାନ୍ (ବିଶ୍ୱ ଭିତ୍ତିଭୂମି ଯୋଜନା) ଗୃହୀତ ହୋଇଥିଲା। ଗରିବ ରାଷ୍ଟ୍ରଗୁଡ଼ିକରେ ଉଚ୍ଚ ମାନର ଭିତ୍ତିଭୂମି ବିକାଶ ଲାଗି ସହାୟତା ଯୋଗାଇ ଦେବା ଏହି ଯୋଜନାର ଉଦ୍ଦେଶ୍ୟ।

# ସାରା ରାଜ୍ୟରେ ମୌସୁମୀ

## ୧୯ ଯାଏ ବର୍ଷା, ବନ୍ୟା ଆଶଙ୍କା ନାହିଁ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପକୁ ଲାଗି ଏକ ଘୂର୍ଣ୍ଣିବଳୟ ରହିଛି। ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଲଘୁଚାପ ଓଡ଼ିଶା, ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହା ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇ ଓଡ଼ିଶାର ସମସ୍ତ ଜିଲାକୁ ଛୁଇଁଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ , ଯାଜପୁର ଜିଲାକୁ ସମ୍ପୂର୍ଣ୍ଣ ଏବଂ ମୟୂରଭଞ୍ଜ ଜିଲାର ବାକି ଅଂଶକୁ ମୌସୁମୀ ପ୍ରବେଶ କରିଛି। ଏଥିଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଥିବା ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଅନୁଗୋଳ, ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଅସତ୍ୟକୁ ହାମୁଡ଼ୁଛି**

**ଆଜିର ମନ୍ତବ୍ୟ**

"ଦେଶ ଏକ ଦୃଢ଼ ତଥା ବିଶ୍ୱାସଯୋଗ୍ୟ ବିରୋଧୀ ଦଳ ଚାହେଁ। ଏଥିପାଇଁ କଂଗ୍ରେସରେ ବ୍ୟାପକ ସଂସ୍କାର ଆଣିବାକୁ ହେବ।"

**-କପିଲ ସିବଲ, କଂଗ୍ରେସ ନେତା**




## ବିସ୍ଫୋରଣରେ ୧୨ ମୃତ

ଚାଇନାର ହୁବେଇ ପ୍ରଦେଶ ଶିଆନ ସହରରେ ରବିବାର ଗ୍ୟାସ୍ ବିସ୍ଫୋରଣ ଘଟି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ଶତାଧିକ ଆହତ ହୋଇଛନ୍ତି। ୧୫୦ରୁ ଊର୍ଦ୍ଧ୍ୱଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନେକ ଘଟଣାସ୍ଥଳରେ ଫସି ରହିଥିବା ଜଣାଯାଇଛି। ବିସ୍ଫୋରଣ କାରଣ ଜଣାପଡ଼ିନାହିଁ।

## ସଂକ୍ଷେପରେ

### ଗୋରୁ ଚୋର ସନ୍ଦେହରେ ପିଟି ହତ୍ୟା

**ଗୁଆହାଟୀ, ୧୩ା୬:** ଆସାମର ତିନସୁକିଆ ଜିଲାରେ ଜଣେ ୩୪ ବର୍ଷୀୟ ବ୍ୟକ୍ତିଙ୍କୁ ଗୋରୁ ଚୋରି ସନ୍ଦେହରେ ଉତ୍ତ୍ୟକ୍ତ ଲୋକେ ପିଟି ହତ୍ୟା କରିଛନ୍ତି। ଏହି ଘଟଣା ଜିଲାର କରଜୋଙ୍ଗା ଗ୍ରାମରେ ଘଟିଛି। ମୃତ ବ୍ୟକ୍ତିଜଣକ ହେଲେ କୋରଡୋଇ ଗ୍ରାମର ଶରତ ମୋରାନ। ସେ ରାତିରେ ତାଙ୍କ ବନ୍ଧୁ ଘରେ ରହିବା ପାଇଁ କରଜୋଙ୍ଗା ଯାଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଗୋରୁ ଚୋର ସନ୍ଦେହ କରି ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। କଙ୍ଗାରୁ କୋର୍ଟରେ ବିଚାର ପରେ ଉତ୍ତ୍ୟକ୍ତ ଲୋକେ ଶରତଙ୍କ ପୋଷାକ ଓହ୍ଲାଇ ନିର୍ଘାତ ପିଟିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶରତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୧୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଶିଶୁକୁ ୧୬ କୋଟିର ଇଞ୍ଜେକଶନ

**ହାଇଦ୍ରାବାଦ, ୧୩ା୬:** ଏକ ବିରଳ ଜିନ୍‌ଗତ ରୋଗରେ ପୀଡ଼ିତ ହୋଇଥିବା ହାଇଦ୍ରାବାଦର ୩ ବର୍ଷୀୟ ଶିଶୁ ଆୟାଂଶ ଗୁପ୍ତାଙ୍କୁ ବିଶ୍ୱର ସବୁଠୁ ଦାମୀ ଇଞ୍ଜେକଶନ ଦିଆଯାଇଛି। ଏହାର ନାଁ ଜୋଲଜେନ୍ସମା ଏବଂ ମୂଲ୍ୟ ୧୬ କୋଟି ଟଙ୍କା ହେବ। ଆୟାଂଶଙ୍କ ଚିକିତ୍ସା ପାଇଁ ପ୍ରାୟ ୬୫ ହଜାର ଲୋକ କ୍ରାଉଡ୍ ଫଣ୍ଡିଂ ଜରିଆରେ ଦାନ କରିଛନ୍ତି। ଏହି ଇଞ୍ଜେକଶନ ଆମେରିକାରୁ ଆସିଥିବାବେଳେ ସିକନ୍ଦରାବାଦ୍‌ର ରେନ୍‌ବୋ ହସ୍ପିଟାଲରେ ଗତ ୯ ତାରିଖରେ ଆୟାଂଶକୁ ତାହା ଦିଆଯାଇଛି। ଏଥିପାଇଁ ଆବଶ୍ୟକ ଟଙ୍କା ଯୋଗାଡ଼ କରିବାକୁ ଆୟାଂଶଙ୍କ ମା' ବାପା ରୁପାଲ ଗୁପ୍ତା ଏବଂ ଯୋଗେଶ ଗୁପ୍ତା ଗତ ଫେବୃୟାରୀରୁ ଫଣ୍ଡିଂ କ୍ୟାମ୍ପେନ ଆରମ୍ଭ କରିଥିଲେ।

### ତଥ୍ୟ ଦେଲେ ୮୦୦ ଓଟିଟି ପ୍ଲାଟଫର୍ମ

**ନୂଆଦିଲ୍ଲୀ, ୧୩ା୬:** ଭିଡିଓ ଷ୍ଟ୍ରିମିଂ ସେବା ପ୍ରଦାନକାରୀ ନେଟ୍‌ଫ୍ଲିକ୍ସ, ହଟ୍‌ଷ୍ଟାର ଭଳି ୮୦୦ରୁ ଊର୍ଦ୍ଧ୍ୱ ଓଭର ଦି ଟପ୍ (ଓଟିଟି) ପ୍ଲାଟଫର୍ମ ଏବଂ ଡିଜିଟାଲ ନ୍ୟୁଜ୍ ମିଡିଆ ଆଉଟ୍‌ଫିଟ୍‌ସ ନୂଆ ଆଇଟି ନିୟମ ଅଧୀନରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ତଥ୍ୟ ପ୍ରଦାନ କରିଛନ୍ତି। ପ୍ରାୟ ଅଧିକାଂଶ ଓଟିଟି ପ୍ଲାଟ୍‌ଫର୍ମ ତଥ୍ୟ ଦେଇଥିବା ମନ୍ତ୍ରଣାଳୟ ପକ୍ଷରୁ ଜଣାଯାଇଛି। ଡିଜିଟାଲ ପ୍ଲାଟଫର୍ମ ଉପରେ ନିୟନ୍ତ୍ରଣ ରଖିବା ପାଇଁ କେନ୍ଦ୍ର ସରକାର ଗତ ଫେବୃୟାରୀରେ ନୂଆ ନିୟମ ଆଣିଥିଲେ। ଉପଭୋକ୍ତା ଏବଂ ଅଭିଯୋଗକାରୀଙ୍କ ଭେରିଫିକେଶନ ଅଫିସରଙ୍କ ସମେତ ଅଭିଯୋଗ ଶୁଣାଣି ଅଧିକାରୀ, ୨୪ ଘଣ୍ଟିଆ ଯୋଗାଯୋଗ ଅଧିକାରୀ ଆଦିଙ୍କୁ ନିଯୁକ୍ତ ଦେବାକୁ ସରକାର ପ୍ରସ୍ତାବ ଦେଇଥିଲେ। ସମ୍ପୃକ୍ତ ଅଧିକାରୀ ନିୟମ ଅନୁଯାୟୀ, ନିର୍ଦ୍ଦେଶ କିମ୍ବା ଆବଶ୍ୟକତା ଅନୁସାରେ କାମ କରିବେ ବୋଲି ସରକାର କହିଥିଲେ। ନିୟମ ଅନୁଯାୟୀ ସମସ୍ତ ବିଷୟରେ ବିସ୍ତୃତ ତଥ୍ୟ ୧୫ ଦିନ ମଧ୍ୟରେ ମନ୍ତ୍ରଣାଳୟକୁ ପ୍ରଦାନ କରିବାକୁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା।



ପରିବାର ସଦସ୍ୟଙ୍କ ସହ ଜିଓନା ଚାନା।

# ଆଉ ନାହାନ୍ତି ବିଶ୍ୱର ସବୁଠୁ ବଡ଼ ପରିବାର ମୁଖ୍ୟ

**ଆଇଜଲ୍, ୧୩ା୬**

- ଜିଓନାଙ୍କ ୩୮ ସ୍ତ୍ରୀ, ୮୯ ପିଲା
- ଗୋଟିଏ ଘରେ ଶତାଧିକ ରୁମ୍
- ଭେଟିବାକୁ ଆସନ୍ତି ପର୍ଯ୍ୟଟକ

ବିଶ୍ୱର ସବୁଠାରୁ ବଡ଼ ପରିବାରର ମୁଖିଆ ମିଜୋରାମର ଜିଓନା ଚାନାଙ୍କ ପରଲୋକ ଘଟିଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ଜିଓନାଙ୍କ ୩୮ ଜଣ ସ୍ତ୍ରୀ ଥିବାବେଳେ ୮୯ ସନ୍ତାନସନ୍ତତି ରହିଛନ୍ତି। ତାଙ୍କ ମୃତ୍ୟୁ ସମ୍ପର୍କରେ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଓନାଙ୍କ ବଡ଼ ପରିବାର ଯୋଗୁ ତାଙ୍କ ଗ୍ରାମ ବକ୍‌ତଙ୍ଗ୍ ତଲାଙ୍ଗନୂଆମ୍ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଜୋରାମଥାଙ୍ଗା ତାଙ୍କ ପରିବାରକୁ ସମବେଦନା ଜଣାଇ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଜିଓନା ଚାନା ତାଙ୍କ ଗ୍ରାମର 'ଚାନାସ୍ ସେକ୍ଟ' ଧାର୍ମିକ ଗୋଷ୍ଠୀର ମୁଖ୍ୟ ଥିଲେ। ୧୯୪୫ ଜୁଲାଇ ୨୧ରେ ତାଙ୍କ ଜନ୍ମ। ଜିଓନାଙ୍କ ପ୍ରଥମ ସ୍ତ୍ରୀ ତାଙ୍କଠାରୁ ୩ ବର୍ଷ ବଡ଼। ୧୭ ବର୍ଷ ବୟସରେ ସେ ପ୍ରଥମ ବିବାହ କରିଥିଲେ। ପରିବାରର ସମସ୍ତ ସଦସ୍ୟ ୪ ମହଲା ବିଶିଷ୍ଟ ଘର 'ଛୁଆନ୍ ଥର୍ ରନ୍'ରେ ରୁହନ୍ତି। ପର୍ବତାଞ୍ଚଳରେ ଥିବା ଏହି ଘରେ ଶତାଧିକ କୋଠରି ରହିଛି। ରିପୋର୍ଟ ଅନୁଯାୟୀ, ଜିଓନାଙ୍କ ସମସ୍ତ ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ଅଲଗା ଅଲଗା ରୁମ୍ ରହିଛି। କିନ୍ତୁ ସମସ୍ତେ ଗୋଟିଏ ରୋଷେଇ ଘର ବ୍ୟବହାର କରନ୍ତି।

# ୭୧ ଦିନରେ ସର୍ବନିମ୍ନ ସଂକ୍ରମଣ

**ନୂଆଦିଲ୍ଲୀ, ୧୩ା୬**



ଭାରତରେ କରୋନା ସଂକ୍ରମଣ କ୍ରମାଗତ ୬ ଦିନ ହେଲା ୧ ଲକ୍ଷ ତଳେ ରହିଥିବାବେଳେ ରବିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ୮୦,୮୩୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୭୧ ଦିନ ମଧ୍ୟରେ ଏହା ସର୍ବନିମ୍ନ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମଣ ୨,୯୪,୩୯,୯୮୯ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ତେବେ ଦୈନିକ ମୃତ୍ୟୁସଂଖ୍ୟା ଏବେ ବି ୩ ହଜାର ଉପରେ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩,୩୦୩ ଜଣଙ୍କ ମୃତ୍ୟୁ ହେବା ସହ ଦେଶରେ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୩,୭୦,୩୮୪ ହୋଇଛି। ଗତ ମେ' ୧ରେ ଦେଶରେ ଦୈନିକ ସଂକ୍ରମଣ ୪ ଲକ୍ଷ ଟପିଥିଲାବେଳେ ମେ' ୮ରେ ଦୈନିକ ମୃତ୍ୟୁସଂଖ୍ୟା ୪ ହଜାରରୁ ଅଧିକ ରହିଥିଲା। ଇତିମଧ୍ୟରେ ସଂକ୍ରମଣ କମିବା ସହ ଅଧିକ ଲୋକ ସୁସ୍ଥ ହେଉଥିବାରୁ ସକ୍ରିୟ ମାମଲା ସଂଖ୍ୟା ହ୍ରାସ ପାଇ ୧୦,୨୬,୧୫୯ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ସକ୍ରିୟ ମାମଲା ୫୪,୫୩୧ ହ୍ରାସ ପାଇଛି। ଆରୋଗ୍ୟ ହାର ୯୫.୩୬ ପ୍ରତିଶତକୁ ବୃଦ୍ଧି ପାଇବା ସହ ଶନିବାର ୧,୩୨,୦୬୨ ଜଣ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି। ସେହିପରି ଦୈନିକ ସଂକ୍ରମଣ ହାର ୪.୨୫%କୁ ହ୍ରାସ ପାଇଛି। କ୍ରମାଗତ ୨୦ ଦିନ ହେଲା ଦୈନିକ ପଜିଟିଭିଟି ହାର ୧୦ ପ୍ରତିଶତରୁ କମ୍ ରହିଛି।

## ମହାରାଷ୍ଟ୍ରରେ କୋଭିଡ୍ ମୃତ୍ୟୁ ୧.୦୮ ଲକ୍ଷ

**ମୁମ୍ବାଇ, ୧୩ା୬**

**ତଥ୍ୟ ସଂଶୋଧନ ପରେ ୮,୮୦୦ ବଢ଼ିଲା**

ମହାରାଷ୍ଟ୍ର ସରକାର କୋଭିଡ୍ ମୃତ୍ୟୁସଂଖ୍ୟା ଲୁଚାଇଥିବା ନେଇ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ପରେ ଗତ ୧୨ ଦିନ ହେଲା ରାଜ୍ୟ ପ୍ରଶାସନ ଏଥିରେ ସଂଶୋଧନ କରିଆସୁଛନ୍ତି। ଇତିମଧ୍ୟରେ ରାଜ୍ୟରେ କୋଭିଡ୍ ମୃତ୍ୟୁସଂଖ୍ୟା ୮,୮୦୦ ବୃଦ୍ଧି ପାଇ ୧,୦୮ ଲକ୍ଷରେ ପହଞ୍ଚିଛି। ପୁଣେ, ଠାଣେ, ନାଗପୁର, ନାଶିକ୍, ଔରଙ୍ଗାବାଦ, ଆହମଦନଗର ଏବଂ ୟାଭାତ୍‌ମାଲରୁ ମୃତ୍ୟୁସଂଖ୍ୟା ରିପୋର୍ଟ ବିଳମ୍ବରେ ମିଳିବାରୁ ସଂଖ୍ୟା ବଦଳିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। କେବଳ ପୁଣେ, ଠାଣେ ଏବଂ ନାଗପୁରରେ ମୃତ୍ୟୁସଂଖ୍ୟା ଯଥାକ୍ରମେ ୧,୩୬୮, ୧,୧୬୭ ଏବଂ ୫୦୩ ବଢ଼ିଛି। ନୂଆ ତଥ୍ୟକୁ ମିଶାଇବା ପରେ ଗତ ଶୁକ୍ରବାର ଗୋଟିଏ ଦିନରେ ମୃତ୍ୟୁସଂଖ୍ୟା ସର୍ବାଧିକ ୨,୨୧୩ ହୋଇଥିଲା।

ମହାରାଷ୍ଟ୍ର ସରକାର ଗତ କିଛିଦିନ ହେଲା ହେଲ୍‌ଥ ବୁଲେଟିନ୍‌ରେ ପୂର୍ବ ସପ୍ତାହର ତଥ୍ୟ ଦେଇଆସୁଥିଲେ। ସମାଲୋଚନା ପରେ ଏଥିରେ ସଂଶୋଧନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏବେ ପ୍ରତି ମଧ୍ୟରାତ୍ରରେ ରାଜ୍ୟର ଆନାଲିଟିକ୍ସ ପୋର୍ଟାଲରୁ ମୃତ୍ୟୁସଂଖ୍ୟା ତାଲିକା ଡାଉନଲୋଡ୍ ହେବା ସହ ଜିଲାସ୍ତରୀୟ ଡୁପ୍ଲିକେଟ୍ ଏଣ୍ଟ୍ରିଗୁଡ଼ିକୁ ହଟାଇ ଦିଆଯାଉଛି।

# ରାଜସ୍ଥାନ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ର

**ଜୟପୁର/ନୂଆଦିଲ୍ଲୀ, ୧୩ା୬**

- ହୋଇପାରେ କ୍ୟାବିନେଟ ସମ୍ପ୍ରସାରଣ
- ସମାଧାନ ଲାଗି ହାଇକମାଣ୍ଡଙ୍କ ଉଦ୍ୟମ



ଅଶୋକ ଗେହଲଟ | ସଚିନ ପାଇଲଟ

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ କଂଗ୍ରେସ ନେତା ସଚିନ ପାଇଲଟଙ୍କ ବିଦ୍ରୋହର ପ୍ରାୟ ବର୍ଷେ ପରେ ପୁଣିଥରେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ର ହୋଇଛି। ସଚିନ ଇତିମଧ୍ୟରେ ଦିଲ୍ଲୀରେ ପହଞ୍ଚିଥିବାବେଳେ ରାଜନୈତିକ ସଙ୍କଟ ଦୂର କରିବା ଲାଗି କେନ୍ଦ୍ରୀୟ ନେତୃତ୍ୱ ତତ୍ପର ହୋଇଛନ୍ତି। ସଚିନଙ୍କ କ୍ୟାମ୍ପ୍‌ରୁ ୪/୫ ଜଣ ଅନୁଗତଙ୍କୁ ରାଜ୍ୟ କ୍ୟାବିନେଟରେ ନେବା ଲାଗି ଗେହଲଟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଗତବର୍ଷ ଜୁଲାଇରେ ସଚିନ ମୁଖ୍ୟମନ୍ତ୍ରୀ ଗେହଲଟଙ୍କ ନେତୃତ୍ୱ ବିରୋଧରେ ଖୋଲା ବିଦ୍ରୋହ କରିଥିଲେ। ଦଳ ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଅଚଳାବସ୍ଥାର ସମାଧାନ ହୋଇଥିଲା। ରାଜ୍ୟ ସରକାରରେ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳିବ ବୋଲି ସେତେବେଳେ ସଚିନଙ୍କ ଗୋଷ୍ଠୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା, ଯାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସଙ୍କଟ ସମାଧାନ ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଅଣ୍ଟା ଭିଡ଼ିଥିବାବେଳେ ଖୁବ୍‌ଶୀଘ୍ର ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ଗେହଲଟ ଦଳୀୟ ବିଧାୟକ ଏବଂ ବିଏସ୍‌ପିରୁ ଆସି କଂଗ୍ରେସରେ ଯୋଗଦେଇଥିବା ସଦସ୍ୟମାନଙ୍କ ସହ ନିୟମିତ ବୈଠକ ଚଳାଇଛନ୍ତି। ଗେହଲଟଙ୍କ କ୍ୟାବିନେଟରେ ୯ ମନ୍ତ୍ରୀପଦ ଖାଲି ରହିଛି। ସଚିନଙ୍କ ଅନୁଗତଙ୍କ ବ୍ୟତୀତ ୧୮ ଜଣ ସ୍ୱାଧୀନ ବିଧାୟକଙ୍କର ମଧ୍ୟ ଉକ୍ତ ପଦବୀ ଉପରେ ଆଖି ରହିଛି।

ସଚିନଙ୍କ ଗୋଷ୍ଠୀର ବିଧାୟକମାନଙ୍କ ଫୋନ୍ ଟ୍ୟାପିଂ କରାଯାଉଥିବା ନେଇ ଶନିବାର ବିଧାୟକ ବେଦପ୍ରକାଶ ସୋଲାଙ୍କି ଅଭିଯୋଗ କରିଥିଲେ। ତେବେ କାହା ନିର୍ଦ୍ଦେଶରେ କିଏ ଫୋନ୍ ଟ୍ୟାପ୍ କରୁଛି ତାହା ସେ ଜାଣନ୍ତି ନାହିଁ ବୋଲି କହିଥିଲେ।

# ଦିଲ୍ଲୀରେ ଆଜିଠୁ ସବୁଦିନ ମଲ୍, ମାର୍କେଟ ଖୋଲା

**ନୂଆଦିଲ୍ଲୀ, ୧୩ା୬(ପି.ଟି.)**


ଦିଲ୍ଲୀରେ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଥିବାରୁ ସରକାର ଅନ୍‌ଲକ ପ୍ରକ୍ରିୟାକୁ ଆହୁରି କୋହଳ କରିଛନ୍ତି। ସୋମବାରଠାରୁ ମଲ୍ ଓ ମାର୍କେଟଗୁଡ଼ିକ ପ୍ରତିଦିନ ଖୋଲିବ। ରେଷ୍ଟୁରାଣ୍ଟଗୁଡ଼ିକ ୫୦% ସାମର୍ଥ୍ୟରେ ଖୋଲିବାକୁ ଅନୁମତି ମିଳିଛି। ସାପ୍ତାହିକ ବଜାର ଏବଂ ଧର୍ମପୀଠଗୁଡ଼ିକ ସୋମବାରଠାରୁ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। ସେହିପରି ସେଲୁନ, ବିଉଟି ପାର୍ଲର ମଧ୍ୟ ସୋମବାରଠାରୁ ଖୋଲିବ। ଅଳ୍ପ କେତେକ ନିଷିଦ୍ଧ କାର୍ଯ୍ୟକୁ ବାଦ୍ ଦେଲେ ସୋମବାର ସକାଳ ୫ଟାରୁ ଅନ୍ୟ ସବୁ କାର୍ଯ୍ୟକଳାପକୁ ଅନୁମତି ଦିଆଯାଇଛି। ପ୍ରତି ମ୍ୟୁନିସିପାଲିଟି ଜୋନ୍‌ରେ ଦିନକୁ ଗୋଟିଏ ସାପ୍ତାହିକ ହାଟ ଖୋଲାଯିବ। ସଂକ୍ରମଣ ଆହୁରି କମିଲେ ଆଗକୁ କଟକଣା ଅଧିକ କୋହଳ ହେବ ବୋଲି ସେ କହିଛନ୍ତି। ତେବେ ସ୍କୁଲ୍ କଲେଜ ଆଦି ସମସ୍ତ ଶିକ୍ଷାନୁଷ୍ଠାନ, ସିନେମା ହଲ, ମଲ୍ଟିପ୍ଲେକ୍ସ, ଥିଏଟର, ଜିମ୍, ସ୍ପା, ଅଡିଟୋରିୟମ, ବଙ୍କେଟ୍ ହଲ୍, ପ୍ରମୋଦ ଉଦ୍ୟାନ, ସ୍ୱାଟର ପାର୍କ ଆଦି ଜୁନ୍ ୨୧ ସକାଳ ୫ଟା ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି କୌଣସି ସାମାଜିକ, ରାଜନୈତିକ, କ୍ରୀଡା, ଆମୋଦପ୍ରମୋଦ, ଶୈକ୍ଷିକ, ସାଂସ୍କୃତିକ/ଧର୍ମୀୟ ସମାବେଶ କରାଯାଇପାରିବ ନାହିଁ।

# ବିକାନେରରେ ଡୋର୍-ଟୁ-ଡୋର୍ ଟିକାକରଣ

**ଜୟପୁର, ୧୩ା୬**

**ଦେଶରେ ପ୍ରଥମ**

ରାଜସ୍ଥାନର ବିକାନେରରେ ସୋମବାରଠାରୁ ଡୋର୍-ଟୁ-ଡୋର୍ କୋଭିଡ୍ ଟିକାକରଣ କରାଯିବ। ୪୫ରୁ ଊର୍ଦ୍ଧ୍ୱ ବୟସ ବର୍ଗର ଲୋକଙ୍କୁ ଏହି କ୍ୟାମ୍ପେନ୍‌ରେ ଟିକା ଦିଆଯିବ। ଏପରି କରିବାରେ ବିକାନେର ଦେଶର ପ୍ରଥମ ସହର ହେବ। ଏଥିରେ ୨ଟି ଆମ୍ବୁଲାନ୍ସ ଏବଂ ୩ଟି ମୋବାଇଲ ଟିମ୍ ସାମିଲ ହେବେ। ଜିଲା ପ୍ରଶାସନ ପକ୍ଷରୁ ଏକ ହ୍ୱାଟ୍ସଆପ୍ ହେଲ୍ପଲାଇନ ନମ୍ବର ଖୋଲାଯାଇଛି। ଏହି ନମ୍ବର ଯୋଗେ ଲୋକେ ଭାକ୍ସିନ୍ ଡୋଜ୍ ପାଇଁ ନିଜ ନାମ ଓ ଘର ଠିକଣା ଦେବେ। କୌଣସି ଅଞ୍ଚଳରୁ ଅତି କମ୍‌ରେ ୧୦ ଜଣ ନାମ ଦେଲେ ଭାକ୍ସିନ ଭ୍ୟାନ୍ ସେଠାକୁ ଯାଇ ଟିକା ପ୍ରଦାନ କରିବ। ବିକାନେରରେ ଥିବା ୧୬ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ନିଜ ନିଜ ଅଞ୍ଚଳରେ ଟିକା ନେଇଥିବା ବ୍ୟକ୍ତିଙ୍କ ତାଲିକା ରଖିବେ। ଏହା ଦ୍ୱାରା କୌଣସି ବ୍ୟକ୍ତିଙ୍କଠାରେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ସେମାନେ ଅବଗତ ହୋଇପାରିବେ। ଏଯାଏ ସହରର ୬୦ରୁ ୬୫%ଙ୍କ ଟିକାକରଣ ହୋଇଛି।



ଦିଲ୍ଲୀରେ କୋଭିଡ୍ ଲକ୍‌ଡାଉନ ଭିତରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବିବେକାନନ୍ଦ କ୍ୟାମ୍ପ ନିକଟ ଏକ ଟ୍ୟାଙ୍କରରୁ ସ୍ଥାନୀୟ ଲୋକେ ଜାର୍ ଓ ଡ୍ରମ୍‌ରେ ପାଣି ସଂଗ୍ରହ କରୁଛନ୍ତି।

## ବେଜୋସ୍‌ଙ୍କ ସହ ମହାକାଶ ଯାତ୍ରା

# ପାଖ ସିଟ୍ ପାଇଁ ୨୦୫ କୋଟି

**ୱାଶିଂଟନ, ୧୩ା୬**



ବ୍ଲୁ ଓରିଜିନ ପ୍ରତିଷ୍ଠାତା ତଥା ଆମାଜନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଜେଫ୍ ବେଜୋସ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ। ମହାକାଶ ଯାତ୍ରା ପ୍ରତି ତାଙ୍କ ଆଗ୍ରହ ପିଲାବେଳରୁ ରହିଆସିଛି। ମହାକାଶ ପାଇଁ ଅସୀମିତ ମହତ୍ତ୍ୱାକାଂକ୍ଷା ରଖୁଥିବା ଅରବପତି ଆଷ୍ଟ୍ରୋନେଟ ରିଚାର୍ଡ ବ୍ରେନ୍‌ସନ ଏବଂ ଏଲନ୍ ମସ୍କଙ୍କ ବିରୋଧୀ ଦୌଡ଼ରେ ବେଜୋସ୍ ଆଗରେ ଅଛନ୍ତି। ସେ ମହାକାଶ ଯାତ୍ରାର ସୁଯୋଗ ପାଇଛନ୍ତି ଏବଂ ଏଥିପାଇଁ ପ୍ରସ୍ତୁତ ହେଉଛନ୍ତି। ଯେଉଁ ସ୍ପେସ୍‌ଶିପ୍‌ରେ ସେ ମହାକାଶ ଯିବେ, ସେଥିରେ ତାଙ୍କ ପାଖ ସିଟ୍ ପାଇଁ ଶନିବାର ନିଲାମୀ ଡକାଯାଇଥିଲା। ବେଜୋସ୍ ନିଜ କମ୍ପାନୀ ବ୍ଲୁ ଓରିଜିନର ଏକ ରକେଟରେ ଯିବେ। ଏହି ସ୍ପେସ୍‌ଶିପ୍ ସାଇଡ୍ ସିଟ୍ ହାସଲ କରିବା ପାଇଁ ଜଣେ ବ୍ୟକ୍ତି ୨୮ ନିୟୁତ ଡଲାର (ପ୍ରାୟ ୨୦୫ କୋଟି ୪ ଲକ୍ଷ ୯୦ ହଜାର ୪୦୦ ଟଙ୍କା) ପଇଠ କରିଛନ୍ତି। ଶନିବାର ଲାଇଭ୍ ଫୋନ୍ ଅକ୍ସନ ଖୋଲିବାର ୪ ମିନିଟ ଭିତରେ ଆଗ୍ରହୀ ପକ୍ଷମାନେ ୨୦ ନିୟୁତ ଡଲାରରୁ ଅଧିକ ବିଡିଂ କରିଥିଲେ। ନିଲାମୀ ଆରମ୍ଭ ହେବାର ମାତ୍ର ୭ ମିନିଟ ପରେ ବିଡିଂକୁ ବନ୍ଦ କରିଦିଆଯାଇଥିଲା। ବିଜେତାଙ୍କ ପରିଚୟ ବର୍ତ୍ତମାନ ଯାଏ ସାମ୍ନାକୁ ଆସିନାହିଁ। ମହାକାଶ ଯାତ୍ରା ପାଇଁ ମହତ୍ତ୍ୱାକାଂକ୍ଷୀ କୌଣସି ଧନୀ ବ୍ୟକ୍ତି ଏହି ମହଙ୍ଗା ନିଲାମୀକୁ ଗ୍ରହଣ କରିଛନ୍ତି।

ମହାକାଶରୁ ପୃଥିବୀକୁ ଦେଖିଲେ ଏହି ଗ୍ରହ ସହ ସମ୍ପର୍କର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି ବେଜୋସ୍ ନିଲାମୀର ଶେଷ ବିଡିଂ ପୂର୍ବରୁ ଏକ ଭିଡିଓରେ କହିଛନ୍ତି। ବେଜୋସଙ୍କ ସହ ତାଙ୍କ ଭାଇ ମଧ୍ୟ ମହାକାଶ ଯାତ୍ରା କରିବେ। ବ୍ଲୁ ଓରିଜିନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ଗୁରୁବାର ନିଲାମୀ ପର୍ଯ୍ୟନ୍ତ ଅନ୍ୟୁନ ୧୪୩ ଦେଶର ୬,୦୦୦ରୁ ଅଧିକ ଲୋକ ମହାକାଶ ଯାତ୍ରା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବିଜ୍‌ନେସ୍ ୱାର୍ଲ୍ଡର ସବୁଠୁ ଚର୍ଚ୍ଚିତ ବ୍ୟକ୍ତିଙ୍କ ସ୍ପେସ୍ ଦୁନିଆରେ ପ୍ରବେଶ ନିବେଶ ଓ ଶିଳ୍ପାୟନର ସବୁଠୁ ବଡ଼ ବିଜ୍ଞାପନ। ଏହି ଆୟୋଜନରୁ ସଂଗୃହୀତ ଅର୍ଥକୁ ଚ୍ୟାରିଟି ପାଇଁ ଖର୍ଚ୍ଚ କରାଯିବ। ବଡ଼ ବଡ଼ କମ୍ପାନୀଗୁଡ଼ିକ ମଧ୍ୟ ଏଥିରେ ଭାଗନେବେ ବୋଲି ବ୍ଲୁ ଓରିଜିନର ଆଶା। ବ୍ଲୁ ଓରିଜିନ ଜୁଲାଇ ୨୦ରେ ଲଞ୍ଚ ହେବ। ମହାକାଶ ଯାତ୍ରା ପାଇଁ ପ୍ରାଇଭେଟ କମର୍ସିଆଲକୁ ଆଗକୁ ବଢ଼ିବାର ସୁଯୋଗ ମିଳିଥିବାରୁ ୱେଷ୍ଟ ଟେକ୍ସାସ ପାଇଁ ଏହା ଐତିହାସିକ ମୁହୂର୍ତ୍ତ ହେବ।

# ୧୦୦ କୋଟି ଡୋଜ୍ ଟିକା ଦେବ ଜି ୭

**କାର୍ବିସ୍ ବେ, ୧୩ା୬**

ବ୍ରିଟେନରେ ଚାଲିଥିବା ଜି ୭ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀ ରବିବାର ଶେଷ ହୋଇଛି। ଗରିବ ରାଷ୍ଟ୍ରଗୁଡ଼ିକୁ ୧୦୦ କୋଟିରୁ ଊର୍ଦ୍ଧ୍ୱ କୋଭିଡ୍ ଟିକା ଡୋଜ୍ ଯୋଗାଇଦେବାକୁ ଉକ୍ତ ଗୋଷ୍ଠୀର ୭ ଧନୀ ରାଷ୍ଟ୍ର ପ୍ରତିଶ୍ରୁତି ଦେଇଥିବା ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ସୂଚନା ଦେଇଛନ୍ତି। ଏହି ଟିକା ସିଧାସଳଖ ଏବଂ କୋଭାକ୍ସ କାର୍ଯ୍ୟକ୍ରମ ଜରିଆରେ ଯୋଗାଇ ଦିଆଯିବ ବୋଲି ଜି ୭ ସମିଟ୍ ଶେଷରେ ଜନ୍‌ସନ ଗଣମାଧ୍ୟମକୁ କହିଛନ୍ତି। ତେବେ ବାସ୍ତବରେ ମହାମାରୀର ଅନ୍ତ କରିବାକୁ ହେଲେ ୨୦୨୨ ମଧ୍ୟଭାଗ ସୁଦ୍ଧା ବିଶ୍ୱର ଅନ୍ୟୁନ ୭୦ ପ୍ରତିଶତ ଲୋକଙ୍କୁ ଟିକା ଦେବା ପାଇଁ ୧୧୦୦ କୋଟି ଡୋଜ୍ ଆବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଥିଲାବେଳେ ଜି ୭ ରାଷ୍ଟ୍ରଗୋଷ୍ଠୀ ନେତାମାନଙ୍କ ପ୍ରତିଶ୍ରୁତି ତାହାଠାରୁ ଯଥେଷ୍ଟ କମ୍।

ଏହାବ୍ୟତୀତ ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ସହଯୋଗ ବଢ଼ାଇବା ଏବଂ ଉନ୍ନତ ପ୍ରଯୁକ୍ତି ସହ ଟିକସର ଏକ ବଡ଼ ଅଂଶ ଏ ଦିଗରେ ବ୍ୟୟ କରିବା ପାଇଁ ଜି ୭ ନେତୃବୃନ୍ଦ ପ୍ରତିଶ୍ରୁତିବଦ୍ଧ ହୋଇଥିବା ଜଣାପଡ଼ିଛି। ମହାମାରୀ ଏବଂ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ପଦକ୍ଷେପ ଯୋଗୁ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା, ଏବେ ସେଥିରେ ପରିବର୍ତ୍ତନ ହୋଇଛି ବୋଲି ଜି ୭ ନେତାମାନେ ଦେଖାଇବାକୁ ଚାହିଁଥିଲେ। ଚାଇନା ଭଳି ସତ୍ତାବାଦୀ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଜି ୭ (କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲି, ଜାପାନ, ବ୍ରିଟେନ ଓ ଆମେରିକା) ଗରିବ ରାଷ୍ଟ୍ରଗୁଡ଼ିକର ଭଲ ବନ୍ଧୁ ବୋଲି ଜଣାଇଦେବାକୁ ଚାହିଁଛନ୍ତି।

## ବୋରିସ୍‌ଙ୍କୁ ସାଇକେଲ ଦେଲେ ବାଇଡେନ୍

ବ୍ରିଟେନରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ ପ୍ରଥମ ବ୍ୟକ୍ତିଗତ ସାକ୍ଷାତରେ ହାତ ତିଆରି ସାଇକେଲ ଉପହାର ଦେଇଛନ୍ତି। ଏହାର ଦାମ୍ ୬ ହଜାର ଡଲାର ରହିଛି। ଏଥିରେ ଉଭୟ ଦେଶର ମାନଚିତ୍ର ଚିତ୍ରିତ ହୋଇଛି। ଜନ୍‌ସନ୍ ସାଇକେଲ ଚଳାଇବାକୁ ପସନ୍ଦ କରୁଥିବାବେଳେ ବାଇଡେନ୍ ମଧ୍ୟ ସାଇକେଲ ପ୍ରେମୀ।



# ୧୭ରୁ ନବମ, ଦଶମ ପାଠପଢ଼ା

## ୟୁଟ୍ୟୁବ୍ ମାଧ୍ୟମରେ ଶିକ୍ଷାଦାନ

- ସକାଳ ସାଢ଼େ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ପାଠପଢ଼ା
- ଡିଇଓଙ୍କୁ ନେଇ ୧୮ରେ ବସିବ ଆଉଏକ ବୈଠକ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

କରୋନା ପାଇଁ ଗତବର୍ଷ ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଚଳିତ ଶିକ୍ଷାବର୍ଷ ୨୦୨୧-୨୨ ପାଠପଢ଼ା ମଧ୍ୟ ଦ୍ୱିତୀୟ ଲହର ଯୋଗୁ ଆରମ୍ଭରୁ ବ୍ୟାହତ ହୋଇଛି। ଶିକ୍ଷାବର୍ଷର ୩ ମାସ ଗଡ଼ି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ଦିନବି କ୍ଲାସ୍‌ରୁମ୍ ଶିକ୍ଷାଦାନ ହୋଇପାରିନାହିଁ। କେବେ ସ୍କୁଲ ଖୋଲିବ ସେ ନେଇ କିଛି ବି ସ୍ପଷ୍ଟ ହୋଇପାରୁନି। ଏପରିସ୍ଥିତିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପିଲାଙ୍କ ପାଠପଢ଼ାକୁ ବେଶ୍ ଗୁରୁତ୍ୱ ଦେଇଛି। ବିଶେଷ କରି ନବମ ଓ ଦମଶ ଶ୍ରେଣୀ ପାଠପଢ଼ା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୭ ତାରିଖରୁ ୟୁଟ୍ୟୁବ୍‌ରେ ଶିକ୍ଷାଦାନ ଆରମ୍ଭ ହେବ ବୋଲି ରବିବାର ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସବୁ ସ୍କୁଲ ବନ୍ଦ ରହିଛି। କରୋନାର ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଉଥିଲେ ମଧ୍ୟ ତୃତୀୟ ଲହର ଆସିବାର ସମ୍ଭାବନା ରହିଛି। ଏଥିରେ ଶିଶୁମାନେ ଅଧିକମାତ୍ରାରେ ଆକ୍ରାନ୍ତ ହେବେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ତେଣୁ ସ୍କୁଲ କେବେ ଖୋଲିବ ତାହା ଏବେ କହିହେବ ନାହିଁ। ସ୍ଥିତିକୁ ଦେଖି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ତେବେ ପିଲାଙ୍କ ପାଠପଢ଼ା ଯେପରି ବ୍ୟାହତ ନ ହୁଏ, ପୂର୍ବବର୍ଷ ଭଳି ଏଥର ମଧ୍ୟ ଆମେ ସେଥିପ୍ରତି ଧ୍ୟାନ ଦେଉଛୁ। ୟୁଟ୍ୟୁବ୍ ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ଶିକ୍ଷାଦାନ କରାଯିବ। ସକାଳ ସାଢ଼େ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ପାଠପଢ଼ା ହେବ। ସମସ୍ତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ବିଷୟବସ୍ତୁ ସ୍ଥିର କରିବାକୁ କୁହାଯାଇଛି। ୧୮ ତାରିଖରେ ଡିଇଓଙ୍କ ବୈଠକ ବସି ଏହି ପାଠପଢ଼ା ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯିବ। ଆମ ପାଖରେ ଯାହା ସାମର୍ଥ୍ୟ ଓ ସମ୍ଭାବନା ରହିଛି, ତାକୁ ବ୍ୟବହାର କରି ୧୭ ତାରିଖରୁ ୟୁଟ୍ୟୁବରେ ପାଠ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଛୁ। ନବମ ଓ ଦଶମ ଶ୍ରେଣୀର ସଂଖ୍ୟାଧିକ ପିଲାଙ୍କ ପାଖରେ ପହଞ୍ଚିପାରିବୁ ବୋଲି ବିଶ୍ୱାସ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛୁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

### ଗାଇଡ୍‌ଲାଇନ୍ ଜାରିକଲା ନିର୍ଦ୍ଦେଶାଳୟ

ନବମ ଓ ଦଶମ ପିଲାଙ୍କୁ ୟୁଟ୍ୟୁବ୍‌ରେ ପାଠପଢ଼ା ନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି ହୋଇଛି। ସୋମବାରରୁ ଶୁକ୍ରବାର ଦିନକୁ ୪ଟି ପିରିୟଡ୍ ହେବ। ଜୁନ୍ ଓ ଜୁଲାଇ କ୍ଲାସ ନେଇ ରୁଟିନ୍ ପ୍ରସ୍ତୁତ କରାଯାଇଛି। ଶିକ୍ଷକମାନେ ୟୁଟ୍ୟୁବ୍‌ରେ ଶିକ୍ଷାଦାନ ସହ ଛାତ୍ରୀଛାତ୍ରଙ୍କ ଦ୍ୱନ୍ଦ୍ୱ ଦୂର କରିବେ। ଲାଇଭ୍ ଚାଟ୍ ମାଧ୍ୟମରେ ପିଲାମାନେ ପଚାରିଥିବା ପ୍ରଶ୍ନର ଉତ୍ତର ପରବର୍ତ୍ତୀ କ୍ଲାସ୍‌ରେ ପ୍ରଦାନ କରିବେ। କେଉଁଦିନ କେତେ ଛାତ୍ରୀଛାତ୍ର ପଢ଼ିବେ ୟୁଟ୍ୟୁବ୍‌ରେ ସ୍କୁଲ ଶିକ୍ଷକ ତାହାର ତଥ୍ୟ ରଖିବେ। ଏଥିସହ ବିଷୟ ଓ କ୍ଲାସ ଅନୁଯାୟୀ ପ୍ରତି ଚାପ୍ଟରର ୱାର୍କଶିଟ୍ ପ୍ରସ୍ତୁତ କରିବେ ଏବଂ ତାହାକୁ ପିଲାଙ୍କ ନିକଟକୁ ହ୍ୱାଟ୍ସ ଆପ୍‌ରେ ପଠାଇବେ। ପ୍ରତି ପିଲାର ୱାର୍କଶିଟ୍‌କୁ ମୂଲ୍ୟାୟନ କରି ସ୍କୋର୍ ପ୍ରଦାନ କରିବେ। ସେଗୁଡ଼ିକୁ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ଅଧିକାରୀମାନେ ଅନୁଧ୍ୟାନ କରିବେ। ଜିଲା ଶିକ୍ଷାଧିକାରୀଙ୍କ ସମେତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିୟୋଜିତ ଅଧିକାରୀ ଭିଡିଓ ଦେଖି ମତାମତ ରଖିବେ। ଫଳରେ ପରବର୍ତ୍ତୀ ସମୟରେ ଲାଇଭ୍ ଷ୍ଟ୍ରିମିଂରେ ରହୁଥିବା ତ୍ରୁଟିରେ ସୁଧାର ଅଣାଯାଇପାରିବ। ସ୍କୁଲଗୁଡ଼ିକ ନିଜସ୍ତରରେ ଅନ୍‌ଲାଇନ୍ କ୍ଲାସ କରି ପିଲାଙ୍କ ଦ୍ୱନ୍ଦ୍ୱ ଦୂର କରିପାରିବେ। ଜିଲା ଶିକ୍ଷାଧିକାରୀମାନେ ଏ ଦିଗରେ ପଦକ୍ଷେପ ନେବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।


# ନକଲି ଔଷଧ କାରବାରକୁ ବରଦାସ୍ତ କରାଯିବ ନାହିଁ


## ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ରାଜ୍ୟରେ ନକଲି ଔଷଧ କାରବାରକୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ସେ କହିଛନ୍ତି, ଅଭିଯୋଗ ପାଇବା ପରେ କଟକର ଉକ୍ତ ନିର୍ଦ୍ଦିଷ୍ଟ ଦୋକାନ ଉପରେ ଚଢ଼ାଉ କରାଯାଇ ୧୭୦ ପେଟି ଫାଭିପିରାଭିର ଓ ୨୭ ପେଟି ଅନ୍ୟ ଔଷଧ ଜବତ କରାଯାଇଛି। ଏହାସହ ବିଭିନ୍ନ ଜିଲାରେ ଔଷଧ ଦୋକାନ ଉପରେ ନଜର ରଖିବାକୁ କୁହାଯାଇଛି। ସବୁଠି ଯାଞ୍ଚ ଚାଲିଛି। ରିପୋର୍ଟ ଆସିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତବାନୀ ଦେଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ କଟକରୁ ନକଲି ଔଷଧ ଜବତ କରାଯାଇଥିଲା। ଏହାପରେ ଏହି ଲିଙ୍କ୍‌ରେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଔଷଧ ଦୋକାନରେ ଚଢ଼ାଉ କରାଯାଉଛି।

ଅନ୍ୟପକ୍ଷରେ ରାଜ୍ୟ ସରକାର ସମ୍ଭାବ୍ୟ ତୃତୀୟ ଲହର ପାଇଁ ପ୍ରସ୍ତୁତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତୃତୀୟ ଲହରରେ ଶିଶୁମାନେ ଅଧିକ ସଂକ୍ରମିତ ହେବା ସମ୍ଭାବନା ଥିବାରୁ ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତ କରାଯାଇଛି। ଶିଶୁଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର ଭାବେ ୧,୬୧୦ ସାଧାରଣ ବେଡ୍ ଓ ୬୧୦ ଆଇସିୟୁ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଏଥିସହ ଶିଶୁଭବନରେ କୋଭିଡ୍ ୱାର୍ଡ ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ସେହିପରି କୋଭିଡ୍ ସଂକ୍ରମିତ ନବଜାତ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର କର୍ନର ସହ ଅଧିକ ସଂକ୍ରମିତଙ୍କ ପାଇଁ କୋଭିଡ୍ କେୟାର ସେଣ୍ଟର କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କରୋନା ମୃତ୍ୟୁ ୩,୩୦୨କୁ ବୃଦ୍ଧି

## ଆଉ ୪୫ ମୃତ, ୪,୪୬୯ ସଂକ୍ରମିତ



**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। କିନ୍ତୁ ମୃତ୍ୟୁ ସଂଖ୍ୟା ଏବେ ବି ଅଧିକ ରହୁଛି। ପ୍ରାୟ ଦୁଇ ସପ୍ତାହ ହେଲାଣି ଦୈନିକ ମୃତ୍ୟୁ ସଂଖ୍ୟା ପାଖାପାଖି ୪୫ ରହୁଛି। ଗତ ୨୪ ଘଣ୍ଟାରେ ମଧ୍ୟ ରାଜ୍ୟରେ ୪୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬ଜଣ ଥିବାବେଳେ କଟକରୁ ୪, ସୁନ୍ଦରଗଡ଼, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ଭଦ୍ରକ ଓ ଅନୁଗୋଳରୁ ୩ଜଣ ଲେଖାଏ ରହିଛନ୍ତି। ସେହିପରି ବାଲେଶ୍ୱର, ବରଗଡ଼, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ ଥିବାବେଳେ ନୂଆପଡ଼ା, ନୟାଗଡ଼, କଳାହାଣ୍ଡି, ଝାରସୁଗୁଡ଼ା, ଗଜପତିରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ଏବେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୩୦୨କୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ମୃତ୍ୟୁ ସଂଖ୍ୟାର ପୁଣି ଅଡିଟ୍ କରାଯାଉଛି। ଘରେ କିମ୍ବା ଘରୋଇ ମେଡିକାଲରେ ହୋଇଥିବା କୋଭିଡ୍ ରୋଗୀଙ୍କ ମୃତ୍ୟୁକୁ ଆଉଥରେ ମିଶାଯାଉଛି। ଏଥିପାଇଁ ସଂକ୍ରମଣ କମିଲେ ମଧ୍ୟ ପୁରୁଣା ମୃତ୍ୟୁ ତଥ୍ୟ ସାମ୍ନାକୁ ଆସୁଥିବାରୁ ମୃତ୍ୟୁ ଗ୍ରାଫ୍ ଅଧିକ ରହୁଛି। ଏହାଦ୍ୱାରା କୋଭିଡ୍ ମୃତ୍ୟୁର ଠିକ୍ ଡାଟା ମିଳିପାରିବ ବୋଲି ସେ କହିଛନ୍ତି। ତେବେ ଟିକାକୁ ନେଇ ସେ କହିଲେ, କୋଭିଡ୍ ସଂକ୍ରମଣରୁ ଜୀବନ ବଞ୍ଚାଇବା ପାଇଁ ୨ ଡୋଜ୍ ଟିକା ନେବା ନିହାତି ଆବଶ୍ୟକ। ଟିକା ନେଲେ କୋଭିଡ୍ ମୃତ୍ୟୁ ୮୦ ପ୍ରତିଶତ ପର୍ଯ୍ୟନ୍ତ କମିଯାଉଛି। ଟିକା ନେବା ପରେ ଜ୍ୱର ହେଲେ ଡରନ୍ତୁ ନାହିଁ। ପାରାସିଟାମଲ୍ ଖାଇଲେ ଏହା ଭଲ ହୋଇଯିବ ବୋଲି ସେ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୪,୪୬୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୧୨ଜଣ ଥିବାବେଳେ କଟକରୁ ୪୧୩, ଯାଜପୁର ୩୭୦, ବାଲେଶ୍ୱର ୩୧୮, ଢେଙ୍କାନାଳ ୨୫୨, ପୁରୀ ୨୪୩, ଅନୁଗୋଳ ୨୨୬ ଓ ମୟୂରଭଞ୍ଜ ୨୧୬ଜଣ ଅଛନ୍ତି। ଏହାକୁ ମିଶାଇ କରୋନା ଆକ୍ରାନ୍ତ ସଂଖ୍ୟା ୮,୫୧,୭୮୨ରେ ପହଞ୍ଚିଛି।

# କେ-୯ ସ୍କ୍ୱାଡ୍ ଡଗ୍ ସଫିଙ୍କୁ ଶହୀଦ ସମ୍ମାନ


ପୋଲିସ ପକ୍ଷରୁ ସଫିଙ୍କୁ ଶହୀଦ ସମ୍ମାନ ପ୍ରଦାନ କରାଯାଉଛି।

**ରାୟଗଡ଼ା ଅଫିସ,୧୩।୬**

ରାୟଗଡ଼ା କେ-୯ ସ୍କ୍ୱାଡ୍ ଡଗ୍ ତଥା ପୋଲିସ ସନ୍ଧାନୀ କୁକୁର 'ସଫି'ର ୧୩ ବର୍ଷ ବୟସରେ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ସଦରସ୍ଥିତ ଅପରାଧ ନୀତିତତ୍ତ୍ୱ ବିଜ୍ଞାନାଗାର ପରିସରରେ ପୋଲିସ ସନ୍ଧାନୀ କୁକୁର 'ସଫି'ର ମରଶରୀରକୁ ଶହୀଦ ସମ୍ମାନ ପ୍ରଦାନ କରାଯାଇଥିଲା। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ଅନନ୍ତ ନାରାୟଣ ମହାନ୍ତି, ରାମପ୍ରସାଦ ସାହୁଙ୍କ ସମେତ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍‌ର କର୍ମଚାରୀ ଓ ସଫିଙ୍କୁ ପରିଚାଳନା କରୁଥିବା କନଷ୍ଟେବଲ ରବୀନ୍ଦ୍ର ସୂର୍ଯ୍ୟ ସାହୁକାର ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋମ୍ବିଂ ଅପରେଶନବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ବୋମାକୁ ଠାବ କରିବାରେ ସଫି ଧୁରନ୍ଧର ଥିଲା। ଏମିତିକି ମାଓବାଦୀଙ୍କ ଅନେକ ଯୋଜନାକୁ ପଣ୍ଡ କରିବାରେ ସଫି ପ୍ରମୁଖ ଭୂମିକା ଗ୍ରହଣ କରି ଯବାନଙ୍କ ଜୀବନ ବଞ୍ଚାଇଛି। ସେହିପରି ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କ ଗସ୍ତବେଳେ ସଫି ନିଜ କାର୍ଯ୍ୟ ଦକ୍ଷତାର ସହ ସମ୍ପାଦାନ କରିଆସିଥିଲା। ଏପରି ସାହସିକତା ଓ ଦକ୍ଷତା ପାଇଁ ୨୦୧୯ ଜୁଲାଇ ୧୬ରୁ ୨୦ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ ୬୨ତମ ଅଲ୍ ଇଣ୍ଡିଆ ପୋଲିସ ଡ୍ୟୁଟି ମିଟ୍ ଅବସରରେ ସନ୍ଧାନୀ କୁକୁରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ସଫି ୪ର୍ଥ ସ୍ଥାନ ଅଧିକାର କରି ରାୟଗଡ଼ା ଜିଲା ପାଇଁ ସୁନାମ ଆଣିଥିଲା। ଏହି ପ୍ରତିଯୋଗିତାରେ ସଫିଙ୍କୁ ପରିଚାଳନା କରୁଥିବା ହ୍ୟାଣ୍ଡଲର କନଷ୍ଟେବଲ ରବୀନ୍ଦ୍ର ସୂର୍ଯ୍ୟ ସାହୁକାର ମଧ୍ୟ ସମ୍ମାନିତ ହୋଇଥିଲେ। ରାଜ୍ୟ ପୋଲିସ ବିଭାଗ ଅଧୀନରେ ସିଆଇଡି (କ୍ରାଇମ୍ ବ୍ରାଞ୍ଚ) ବିଭାଗର ଡଗ୍ ସ୍କ୍ୱାଡ୍‌ରେ ମଧ୍ୟ ଲାବ୍ରାଡୋର ବ୍ରିଡ୍ ପ୍ରଜାତିର ସଫି ସାମିଲ ହୋଇଥିଲା।

# ଗଛରେ ପିଟି ହେଲା ବୋଲେରୋ

## ଜଣେ ମୃତ, ୭ ଗୁରୁତର

**ଗୋପ,୧୩।୬(ଡି.ଏନ୍.ଏ.)**

ଗୋପ ଥାନା ଅନ୍ତର୍ଗତ କୁନ୍ଦୁରା ଛକ ନିକଟରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରଜ ପର୍ବ ଛୁଟି ଥିବାରୁ ଏକ ପରିବାର ବୋଲେରୋ ଯୋଗେ ବୁଲିବାକୁ ଯାଉଥିବାବେଳେ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ନିକଟସ୍ଥ ଏକ ଜମିକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁରର ବୀରଭଦ୍ର ନାୟକ। ତାଙ୍କ ସ୍ତ୍ରୀ ଶୁଭାଷିନୀ ସାମନ୍ତରାୟ, ଝିଅ ସୁପ୍ରିୟା ଶୁଭଦର୍ଶନୀ ନାୟକ, ଦେଢଶାଶୁ ବିନୋଦିନୀ ଶଗଡ଼ିଆ, ଝିଆରୀ ଶିଳ୍ପା ସାମନ୍ତରାୟ, ସୁହାନି ସାମନ୍ତରାୟ, ପୁତୁରା ମିଟୁ ସାମନ୍ତରାୟ, ଗାଡ଼ି ଡ୍ରାଇଭର କାଳନ୍ଦୀ ସାହୁ ଗୁରୁତର ହୋଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାସ୍ଥଳରୁ ଗାଡ଼ି(ଓଡି ୦୨ ବିଜି-୬୧୮୧ )କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରଜ ପାଇଁ ବୀରଭଦ୍ର ପରିବାର ସହ ଶ୍ୱଶୁର ଘର ଗୋପ ଥାନା ଅଧୀନ ଏରବଙ୍ଗ ପଞ୍ଚାୟତର ପଦିନିପଦା ଗ୍ରାମକୁ ବୋଲେରୋ ଯୋଗେ ଶନିବାର ଆସିଥିଲେ। ରବିବାର ମଧ୍ୟାହ୍ନରେ ସ୍ୱାଇଁ ଝିଅ ପରିବାର ସହ ମିଶି ଶାଳୀ ଘର କାକଟପୁର ଥାନା ଅଞ୍ଚଳ ବାଙ୍ଗୁରି ଗାଁକୁ ଯିବା ଲାଗି ଯୋଜନା କରିଥିଲେ। ପରେ ଝିଅ ଘରର ୫ଜଣ, ସ୍ୱାଇଁଙ୍କ ପରିବାରର ୩ ଜଣ ଓ ଗାଡ଼ି ଡ୍ରାଇଭର ମିଶି ବାଙ୍ଗୁରି ଗାଁ ଅଭିମୁଖେ ଅପରାହ୍ନ ୨ଟାରେ ବୋଲେରୋ ଯୋଗେ ବାହାରିଥିଲେ। ମାତ୍ର ୧୦ କିଲୋମିଟର ପରେ ଅର୍ଥାତ୍ କୋଣାର୍କ-ଗୋପ ରାସ୍ତାର କୁନ୍ଦୁରା ଛକ ନିକଟରେ ହଠାତ୍ ଡ୍ରାଇଭର କାଳନ୍ଦୀଙ୍କ ଅସାବଧାନତା ଯୋଗୁ ଗାଡ଼ି ରାସ୍ତାକଡ଼ର ଗୋଟିଏ ଗଛରେ ପିଟି ହୋଇଥିଲା। ଗାଡ଼ିର ବେଗ ତୀବ୍ର ଥିବାରୁ ରାସ୍ତାକଡ଼ ଚାଷଜମିକୁ ଓଲଟି ପଡ଼ିଥିଲା। ଝିପିଝିପି ବର୍ଷା ସହ ଦୁର୍ଘଟଣା ସ୍ଥାନରେ କେହି ନ ଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିଲା। ପରେ ସ୍ଥାନୀୟ ଲୋକେ ଗାଡ଼ି ଭିତରୁ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡା. ଗୋପବନ୍ଧୁ ପଟ୍ଟନାୟକ ଗୁରୁତର ୫ଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ପୁରୀ ସଦର ଡାକ୍ତରଖାନା ପଠାଇଥିବା ବେଳେ ଅନ୍ୟ ଆହତଙ୍କୁ ମଧ୍ୟ ପୁରୀ ପଠାଇଥିଲେ। ଡାକ୍ତରଖାନାରେ ଡାକ୍ତର ବୀରଭଦ୍ରଙ୍କୁ ମୃତ ଘୋଷଣା କରିଥିବାବେଳେ ଦେଢଶାଶୁ ବିନୋଦୀନିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ପଠାଇଥିଲେ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ମଧ୍ୟ ରୁଜୁ ହୋଇ ନ ଥିବା ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି।


ଗଛରେ ପିଟି ହୋଇ ରାସ୍ତା ତଳକୁ ଖସି ପଡ଼ିଥିବା ବୋଲେରୋ ।

## ପ୍ରଥମ ପୃଷ୍ଠାରୁ...

### ଆଗକୁ ବିପଦ କୋଭିଡ୍ ...

ସର୍ବାଧିକ ୨୫୦ ବିଏମ୍‌ଡବ୍ଲ୍ୟୁ ସୃଷ୍ଟି ହୋଇଥିଲା। ୨୦୨୦ରେ ମହାମାରୀର ପ୍ରଥମ ଲହର ବେଳେ ଏହାର ପରିମାଣ ଥିଲା ୧୮୦-୨୦୦ ଟିପିଡି। ୨୦୨୧ ଫେବୃୟାରୀରେ ଦ୍ୱିତୀୟ ଲହର ଆରମ୍ଭ ହେବା ପରେ କୋଭିଡଜନିତ ବିଏମ୍‌ଡବ୍ଲ୍ୟୁ ୫୩ ଟିପିଡି ଥିବାବେଳେ ଗତ ମାସରେ ଏହା ୨୦୩ ଟିପିଡିରେ ପହଞ୍ଚିଥିଲା। ସେଥିରୁ ଦୈନିକ କେରଳରେ ୨୩.୭୧ ଟନ୍, ଗୁଜରାଟ ୨୧.୯୮ ଟନ୍, ମହାରାଷ୍ଟ୍ର ୧୯.୦୨ ଟନ୍ ଓ ଦିଲ୍ଲୀରେ ୧୮.୭୯ ଟନ୍ ଆବର୍ଜନା ବାହାରିଥିଲା। ସେହିପରି ଦୈନିକ ୫ ଟନରୁ ଊର୍ଦ୍ଧ୍ୱ କୋଭିଡ୍ ଆବର୍ଜନା ସୃଷ୍ଟିକାରୀ ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ଆନ୍ଧ୍ରପ୍ରଦେଶ (୯.୯୯), ହରିୟାଣା (୧୩.୧୧), କର୍ଣ୍ଣାଟକ (୧୬.୯୧), ମଧ୍ୟପ୍ରଦେଶ (୭.୩୨), ଓଡ଼ିଶା (୬.୬୫), ତାମିଲନାଡୁ (୧୩.୫୭), ଉତ୍ତରପ୍ରଦେଶ (୧୫.୯୧) ଓ ପଶ୍ଚିମବଙ୍ଗ (୫.୭୨)। ଏହି ରାଜ୍ୟଗୁଡ଼ିକରେ ମୋଟ ୧୯୮ଟି କମନ୍ ବାୟୋମେଡିକାଲ ୱେଷ୍ଟ ଟ୍ରିଟ୍‌ମେଣ୍ଟ ଫାସିଲିଟି ରହିଛି। ସେଥିରୁ ସର୍ବାଧିକ ୨୯ଟି ମହାରାଷ୍ଟ୍ରରେ ଥିବାବେଳେ କର୍ଣ୍ଣାଟକରେ ୨୬ ଓ ଗୁଜରାଟରେ ୨୦ଟି ରହିଛି। ସର୍ବାଧିକ ଆବର୍ଜନା ସୃଷ୍ଟିକାରୀ ରାଜ୍ୟ କେରଳରେ ମାତ୍ର ଗୋଟିଏ କମନ୍ ଫାସିଲିଟି ରହିଛି। ଏର୍ନାକୁଲମ୍ ଜିଲାରେ ଦ୍ୱିତୀୟ ଫାସିଲିଟି ନିର୍ମାଣ ପାଇଁ ଉଦ୍ୟମ ଚାଲିଛି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ) ପକ୍ଷରୁ ନିକଟରେ ଜାରି ୨୦୨୧ ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ଏନ୍‌ଭାଇରନ୍‌ମେଣ୍ଟ ରିପୋର୍ଟ ଅନୁସାରେ ଦେଶରେ ବାୟୋମେଡିକାଲ ଟ୍ରିଟ୍‌ମେଣ୍ଟ ସୁବିଧାର ବହୁ ଅଭାବ ରହିଛି। ୨୦୧୭ରେ ୫୫୯ ଟିପିଡି ବାୟୋମେଡିକାଲ ଆବର୍ଜନା ସୃଷ୍ଟି ହୋଇଥିବାବେଳେ ୨୦୧୯ରେ ଏହା ୬୧୯ରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ବିଏମ୍‌ଡବ୍ଲ୍ୟୁ ଟ୍ରିଟ୍‌ମେଣ୍ଟ ୯୨.୮%ରୁ ୮୮%କୁ ଖସିଆସିଥିଲା। ବିହାରରେ ୬୯% ଏବଂ କର୍ଣ୍ଣାଟକରେ ୪୭% ବିଏମ୍‌ଡବ୍ଲ୍ୟୁକୁ ଟ୍ରିଟ୍‌ମେଣ୍ଟ କରାଯାଇ ନ ଥିଲା। ପ୍ରାଇଭେଟ ହସ୍ପିଟାଲ୍ସ ଆଣ୍ଡ ନର୍ସିଂ ହୋମ୍ସ ଆସୋସିଏଶନ (ପିଏଚ୍ଏ) ଅଧ୍ୟକ୍ଷ ଏଚ୍.ଏମ୍. ପ୍ରସନ୍ନଙ୍କ ମତରେ ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହର ବେଳେ ଅଧିକ ପରିମାଣର ବାୟୋମେଡିକାଲ ୱେଷ୍ଟ ସୃଷ୍ଟି ହୋଇଛି। ପ୍ରାକ୍ କୋଭିଡ୍ ସମୟ ତୁଳନାରେ ବର୍ତ୍ତମାନ ଏହାର ପରିମାଣ ୪ରୁ ୫ଗୁଣ ଅଧିକ। ପୂର୍ବରୁ ଏହାକୁ ଯଥାସ୍ଥାନରେ ଫୋପାଡ଼ି ନଷ୍ଟ କରିବା ପାଇଁ କିଲୋ ପିଛା ୧୦-୧୩ ଟଙ୍କା ଖର୍ଚ୍ଚ ହେଉଥିଲା। ବର୍ତ୍ତମାନ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ବାଦ୍ ଦେଇ କିଲୋ ପ୍ରତି ୫୮ ଟଙ୍କା ଖର୍ଚ୍ଚ ହେଉଛି। ଏକ ଛୋଟ ହସ୍ପିଟାଲରୁ ଦୈନିକ ଏଭଳି ୧୦୦ କେ.ଜି ଆବର୍ଜନା ବାହାରୁଛି। ଗ୍ରାମାଞ୍ଚଳରେ ସଂକ୍ରମଣ ବଢୁଥିବାରୁ ରୋଗୀଙ୍କ ଚିକିତ୍ସାରେ ଏପରି ଉପକରଣର ବ୍ୟବହାର ମଧ୍ୟ ବଢ଼ିଛି। ତେଣୁ ଜିଲାଗୁଡ଼ିକରେ ମଧ୍ୟ ସ୍ଥିତି ଚିନ୍ତାଜନକ ରହିଛି।

### ଓଡ଼ିଶାରେ ବି ପାଳନ ...

ଓ ନର୍ସିଂହୋମ୍‌ରେ କୋଭିଡ୍ ରୋଗୀଙ୍କ ଚିକିତ୍ସା ଚାଲିଛି। ସେଗୁଡ଼ିକରୁ ବାହାରୁଥିବା ମାସ୍କ, ଗ୍ଲୋଭ, ସାନିଟାଇଜର ବୋତଲ, ପିପିଇ କିଟ୍, ପରୀକ୍ଷଣ ସାମଗ୍ରୀ ଓ ଅନ୍ୟ ବର୍ଜ୍ୟବସ୍ତୁ ମୁଣ୍ଡବ୍ୟଥାର କାରଣ ସାଜିଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଓ ବୁର୍ଲା ଭଳି ସହରରେ ବଡ଼ ବଡ଼ କୋଭିଡ୍ ହସ୍ପିଟାଲ ଥିବାରୁ ଏହି ସହରଗୁଡ଼ିକର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଦେଖିବାକୁ ମିଳୁଛି। ଏପରି କି ହୋମ୍ ଆଇସୋଲେଶନରେ ଥିବା ଲୋକେ ରାସ୍ତାକଡ଼ ଡଷ୍ଟବିନ୍‌ରେ ମଧ୍ୟ ଏପରି ଆବର୍ଜନା ଫୋପାଡ଼ି ଦେଉଛନ୍ତି। ଏ ସମ୍ପର୍କରେ ବରିଷ୍ଠ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, କୋଭିଡ୍ ହସ୍ପିଟାଲରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ଠିକ୍ ଭାବେ ନିଷେଧନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଏକ ଗାଇଡ୍‌ଲାଇନ ସମସ୍ତ ହସ୍ପିଟାଲଗୁଡ଼ିକୁ ଦିଆଯାଇଛି। ହେଲେ ଉଭୟ ସରକାରୀ ଓ ଘରୋଇ ଚିକିତ୍ସାଳୟଗୁଡ଼ିକରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି। ଅଧିକାଂଶ ହସ୍ପିଟାଲ ଏହାକୁ ଠିକ୍ ଭାବେ ପାଳନ କରୁନାହାନ୍ତି। ଫଳରେ ତା'ର ପ୍ରଭାବ ବାୟୁମଣ୍ଡଳ ଓ ପରିବେଶ ଉପରେ ପଡୁଛି। କୋଭିଡ୍ ସଂକ୍ରମଣ ବାୟୁ ଦ୍ୱାରା ବ୍ୟାପୁଛି ବୋଲି କୁହାଯାଉଥିବାବେଳେ ଏଭଳି ବର୍ଜ୍ୟବସ୍ତୁ ଜନସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦକୁ ନିମନ୍ତ୍ରଣ କରିପାରେ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, କୋଭିଡ୍ ହସ୍ପିଟାଲ ଏବଂ ସିସିସିଗୁଡ଼ିକ ସରକାରଙ୍କ ଗାଇଡ୍‌ଲାଇନକୁ ପାଳନ କରୁଛନ୍ତି। ହସ୍ପିଟାଲଗୁଡିକରୁ ନିର୍ଗତ ବର୍ଜ୍ୟବସ୍ତୁକୁ ବାୟୋମେଡିକାଲ ପଦ୍ଧତିରେ ନିଃଶେଷ କରାଯାଉଛି। ଯଦି କୌଣସି ହସ୍ପିଟାଲ ସରକାରଙ୍କ ନିୟମାବଳୀକୁ ଠିକ୍ ଭାବେ ପାଳନ କରୁ ନ ଥିବା ନଜରକୁ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ବିଏମ୍‌ସି ଅଞ୍ଚଳରେ ଥିବା କୋଭିଡ୍ ହସ୍ପିଟାଲ ଓ ଅନ୍ୟ ଚିକିତ୍ସାଳୟଗୁଡ଼ିକରୁ ପ୍ରତିଦିନ ବାହାରୁଥିବା ଅଳିଆ ଆବର୍ଜନାକୁ ନିଜସ୍ୱ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ଜରିଆରେ ନିଷେଧନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କୌଣସି ସ୍ଥାନ କିମ୍ବା ଚିକିତ୍ସାଳୟରୁ ସେପରି କିଛି ସାମଗ୍ରୀ ବାହାରୁଥିଲେ ଆଗକୁ ସମାଧାନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସେଠୀ କହିଛନ୍ତି।

### ସାରା ରାଜ୍ୟରେ ...

ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଲାଗି ରହିବ। ଅନ୍ୟପକ୍ଷରେ ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିଛି। ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବା ପାଇଁ ସତର୍କ କରାଯାଇଛି। ତେବେ ଲଗାଣ ବର୍ଷାର ସମ୍ଭାବନା ନ ଥିବାରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ। ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁ ନନ୍ଦନ ଦାସ କହିଛନ୍ତି। ସ୍ଥାନେ ସ୍ଥାନେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ଜଳ ଭରି ଯାଉଥିବା ଖାଲୁଆ ଅଞ୍ଚଳ ଏବଂ ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ଥିବାରୁ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ରବିବାର ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲାର ଗରଦପୁରରେ ସର୍ବାଧିକ ୧୧୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଢେଙ୍କାନାଳ ୧୦୫.୨, ଅନୁଗୋଳ ୯୮, କେନ୍ଦୁଝର ୬୧.୨, ସୁନ୍ଦରଗଡ଼ ୬୭, କଟକ ୬୬, ମୟୂରଭଞ୍ଜ ୬୨.୪, ଭୁବନେଶ୍ୱର ୬୨.୬, ନିଆଳି ୫୩, କେନ୍ଦ୍ରାପଡ଼ା ୫୧, ଉଦଳା ୪୮.୪, କପ୍ତିପଦା, ୪୮ ଦେଓଗାଁ ୭ ଏବଂ ଜାମଶୋଳାଘାଟରେ ୪୫.୮ ମି.ମି. ବର୍ଷା ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେମନ୍ତ କଥା**
**ପାକଲା ବାଳରେ ମହଣ ସୁନ୍ଧା!**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ଅହେତୁକ ଦୁର୍ବଳତା ଭାବ ରହିଥାଏ। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କାମ ପଡ଼ିଲେ କାଜି**
**କାମ ସରିଲେ ପାଜି।**

କାମ ପଡ଼ିଲେ ବ୍ୟକ୍ତି ଅନ୍ୟର ଦ୍ୱାରସ୍ଥ ହୋଇଥାନ୍ତି। କାକୁତି ମିନତି କରି କାମଟି କେମିତି ସୁରୁଖୁରୁରେ ହୋଇଯିବ ସେନେଇ ନେହୁରା ହୋଇଥାନ୍ତି। ପରନ୍ତୁ କାମ ସରିଗଲା ପରେ ଆଉ ସେ ଲୋକର ଆବଶ୍ୟକତା ମନେ ନ କରି ତା'ପ୍ରତି ରୁକ୍ଷ ବ୍ୟବହାର କରିବାକୁ ତିଳେମାତ୍ର ପଛେଇନଥାନ୍ତି। କୃତଘ୍ନ ବ୍ୟକ୍ତିଙ୍କଠାରେ ଏପରି ଆଚରଣ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## classifieds Everyday
0674-2580101, 2549302




**SALE**

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952. D-70849




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835




2 Room house with attached kitchen, bathroom near Dharma Vihar, Khandagiri, Bhubaneswar. Contact: 9437051142. D-20879

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁମାନଙ୍କ ସହଯୋଗ ଲାଭ କରି ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିପାରିବେ। ଉପରିସ୍ଥଙ୍କ ଅନୁକମ୍ପାରୁ ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ରାଜନୀତିରେ ଲକ୍ଷ୍ୟ ପୂରଣ ହୋଇଯିବ। ଫେରନ୍ତା ବାଟରୁ ଗୃହକୁ ସୌଖୀନ ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣିପାରନ୍ତି। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଆଜିର କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ପ୍ରକାଶ ଆକସ୍ମିକ କଳହ ସୃଷ୍ଟିର ପ୍ରତୀକ ହୋଇଯିବ। ପଡ଼ୋଶୀଙ୍କୁ ନେଇ କିମ୍ବା ସହକର୍ମୀଙ୍କ ସହ ଏହା ଘଟିବାର ସମ୍ଭାବନା ରହିଛି। ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢ଼ାଇବ। କର୍ମକ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ଉପକୃତ ହେବେ।

**ମିଥୁନ** ଆଜିର ଯାତ୍ରା ସମୟରେ ଅସାବଧାନତାବଶତଃ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। କୌଣସି ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ବିଚଳିତ କରିବ। ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ନ ହୋଇ ଲକ୍ଷ୍ୟହୀନ ଯାତ୍ରାରୁ ବିରତ ରହିବା ଭଲ ହେବ। ବୈଠକସଭାରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆଜି ନୂତନ ବସ୍ତ୍ର ଅଳଙ୍କାର କିମ୍ବା ଗାଡ଼ି ମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ଆତ୍ମୀୟ ସ୍ୱଜନ କିମ୍ବା ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ସିଂହ** ଆର୍ଥିକ ଅନଟନ ଓ ପାରିବାରିକ ଦୁଶ୍ଚିନ୍ତା କେତେ ମାତ୍ରାରେ ମାନସିକ ଅଶାନ୍ତି ସୃଷ୍ଟି କରିବ। ଶାରୀରିକ ଅସୁସ୍ଥତା କେତେକ କାମକୁ ବିଳମ୍ବିତ କରିବାର ସୂଚନା ରହିଛି। ଆପଣଙ୍କ ଖର୍ଚ୍ଚ ପରିମାଣ ବଢ଼ିଯିବା ସାଙ୍ଗକୁ ମନରେ ଆଶଙ୍କା ଓ ଅସ୍ଥିରତା ଲାଗି ରହିବ। କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା** ଆଜି ଆପଣ ଗୋଟିଏ ସ୍ଥାନରେ ଜିନିଷ କିମ୍ବା କାଗଜପତ୍ର ରଖିଦେଇ ବ୍ୟସ୍ତ ହେବେ। ପୁଣି ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ମାଲିମକଦ୍ଦମା କ୍ଷେତ୍ରରେ କିମ୍ବା ବିବାଦୀୟ ଘଟଣାରେ ଆପଣଙ୍କ ବିଜୟଲାଭ ଅବଶ୍ୟମ୍ଭାବୀ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସଫଳ ହେବେ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା, ପ୍ରତିଯୋଗିତା, ପରିବାର ଓ କର୍ମକ୍ଷେତ୍ର ସକାଶେ ଦିନଟି ବହୁତ ଭଲ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ।

**ବିଛା** ଆର୍ଥିକ ଅଭିବୃଦ୍ଧି ଓ ସମ୍ମାନ, ପ୍ରତିଷ୍ଠା, ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ। ଶିଳ୍ପ, ବାଣିଜ୍ୟ ତଥା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ସନ୍ତାନହେତୁକ ଚିନ୍ତା ଦୂର ହେବ। ପାଖ ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** ଆଜି ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ଯାହା ଭାବୁଛନ୍ତି ଶୀଘ୍ର କରନ୍ତୁ, ପୁଣି ସହକର୍ମୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇବେ। ଶାରୀରିକ ଅବସ୍ଥାରେ ଉନ୍ନତି ସାଙ୍ଗକୁ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ପରିବାରରେ ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ନ ହୋଇପାରେ।

**ମକର** ସମସ୍ୟା ଲାଗି ରହୁଥିବାରୁ ଆପଣଙ୍କର ସହଜରେ କାମ ହାସଲ ହେବା କଷ୍ଟକର ହେବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ପ୍ରକାରର ଝାମେଲା ହେତୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟକ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ବିଦ୍ୟମାନ ସ୍ଥିତିରୁ ମୁକ୍ତି ମିଳିବ, କିନ୍ତୁ ଶାନ୍ତି ଓ ସନ୍ତୋଷ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନାର ପରିକଳ୍ପନାକୁ ଗୁରୁତ୍ୱ ଦେବେ। ପ୍ରବାସୀ ବନ୍ଧୁ ନିଃସଙ୍ଗତା ବୋଧ କରିପାରନ୍ତି ଓ ଘର କଥା ମନକୁ ଆଲୋଡ଼ିତ କରିବ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ବିଦ୍ୟମାନ ପରିସ୍ଥିତିରେ ସାମ୍ନା କରିବାକୁ ପଡ଼ିପାରେ।

**ମୀନ** ପାରିବାରିକ ସ୍ଥିରତା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ସମାଧାନର ରାସ୍ତା ଖୋଜି ପାଉନଥିବେ ଏହିଭଳି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ଅଶାନ୍ତିରେ ରହିପାରନ୍ତି। ଆଜି ହଠାତ୍ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ପହିଲି ରଜ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ସୋମବାର, ଶିବବିବାହ ତାଟ ନିମନ୍ତ୍ରଣ, ମାସନ୍ତ, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା.୦୮।୪୨ ଗତେ ଘ.୧୦।୨୭ ମଧ୍ୟେ ଅମୃତବେଳା। ରାତ୍ରି ଘ. ୦୩।୪୪ ଗତେ ଘ.୦୪।୨୮ ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୬।୫୦ ଗତେ ଘ.୦୮।୨୯ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୬୫,୫୩,୯୯୩ | ୩୮,୧୩,୩୯୭ | ୧୬,୦୫,୫୯,୬୪୪ |
| ଭାରତ | ୨,୯୪,୮୫,୩୭୪ | ୩,୭୧,୨୭୧ | ୨,୮୧,୦୫,୩୬୯ |
| ଓଡ଼ିଶା | ୮,୫୧,୭୮୨ | ୩୩୦୨(+୫୩) | ୭,୯୬,୭୯୯ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କରୋନା ଡ୍ୟୁଟିରେ ୭୬ ଡାକ୍ତର

**ବ୍ରହ୍ମପୁର ଅଫିସ,୧୩।୬:** କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଏବେ ୧୦,୨୬୩ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେହିପରି ବ୍ରହ୍ମପୁର ବଡ ମେଡିକାଲରେ ଖୋଲାଯାଇଥିବା ଡିସିଏଚ -୧ ରେ ୩୦ ଓ ଡିସିଏଚ -୨ରେ ୪୬ ଏପରି ମୋଟ ୭୬ ଡାକ୍ତର କରୋନା ଡ୍ୟୁଟିରେ ଅଛନ୍ତି। ସେହିପରି ଡିସିଏଚ-୧ ରେ ୭୦ ଓ ଡିସିଏଚ -୨ ରେ ୧୩୦ ନର୍ସ ମଧ କାର୍ଯ୍ୟରତ ଅଛନ୍ତି। ଦୁଇଟି ଯାକ କୋଭିଡ୍ କେନ୍ଦ୍ରରେ ୭୦ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୫ ଜଣ ଲାବୋରେଟୋରି ଆସିଷ୍ଟାଣ୍ଟ ଓ ୩୬ ଫାର୍ମାସିଷ୍ଟ କାର୍ଯ୍ୟରତ ରହିଛନ୍ତି ବୋଲି ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡ. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

### ୮ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୩।୬:** ବ୍ରହ୍ମପୁର ସଦର ଥାନା ପୋଲିସ ରବିବାର ସନ୍ଧ୍ୟାରେ ନୀଳାଞ୍ଚଳ ନଗର ୫ମ ଲାଇନର ଏକ ଘରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରିଛି। ସେଠାରୁ ୮ ଜଣଙ୍କୁ ଗିରଫ କରାଯିବା ସହ ୪୬,୫୦୦ ଟଙ୍କା, ୧୦ ମୋବାଇଲ ଫୋନ ଓ ୬ଟି ବାଇକ୍ ଜବତ କରାଯାଇଛି। ଏନେଇ ନଂ.୧୮୭/୨୧ରେ ଏକ ମାମଲା ରୁଜୁ ହୋଇଛି। ନୀଳାଞ୍ଚଳ ନଗରର ପ୍ରକାଶ ଚନ୍ଦ୍ର ଦାଶ ନାମକ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଏହି ଜୁଆଆଡ୍ଡା ଚାଲିଥିଲା ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟ୍‌ରୁ ଅସନ୍ତୋଷ

**ରମ୍ଭା,୧୩।୬:** ଗତ କିଛିଦିନ ଧରି କ୍ରମାଗତ ଭାବେ ରମ୍ଭା ଅଞ୍ଚଳ ସମେତ ପାଖାପାଖି ଗ୍ରାମଗୁଡ଼ିକରେ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ୍‌ରେ ଅନଲାଇନ କାମ କରିବାରେ ବହୁ ଅସୁବିଧା ହେଉଛି। ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ସାଉଥ୍‌କୋ ବଦଳରେ ଟାଟା କମ୍ପାନୀ ନେଇଥିଲେ ମଧ ଅବସ୍ଥା ସୁଧୁରିବାର ନାଁ ଧରୁନି ବୋଲି ଜିଲା ଭାଜପା ତୁଙ୍ଗ ନେତା ଭୀମସେନ ବେହେରା ପ୍ରତିବାଦ କରିଛନ୍ତି। ଏହି ସମସ୍ୟା ସମାଧାନ ନ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଶିକ୍ଷକଙ୍କ ପରଲୋକ
#### ରିପୋର୍ଟ ନ ଆସି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ଅଭିଯୋଗ

**ନୂଆଗଡ଼,୧୩।୬:** ନୂଆଗଡ଼ ବ୍ଲକ ଖଜୁରିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରର ଶିକ୍ଷକ ମୀନକେତନ ପାଇକଙ୍କ ପରଲୋକ ଘଟିଛି। ସେ କରୋନା ଟିକା ନେବା ପରେ ଜ୍ୱର ହେବାରୁ ଗତ ୩୦ରେ ଖଜୁରୀପଦା ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ରିପୋର୍ଟ ଆସିବା ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାଙ୍କୁ ଆର୍.ସିତାପୁର କୋଭିଡ୍ ମେଡିକାଲକୁ ପଠାଇଥିଲେ। ସେଠାରୁ ବ୍ରହ୍ମପୁର ପଠାଇବାକୁ ପ୍ରସ୍ତୁତି ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ରିପୋର୍ଟ ନେଗେଟିଭ ଥାଇ ବି ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

# କରୋନା ପାଇଁ ରକ୍ତ ସଂଗ୍ରହ ପ୍ରଭାବିତ

ଭୁବନେଶ୍ୱର,୧୩।୬(ବ୍ୟୁରୋ)



କରୋନା ମହାମାରୀ ରାଜ୍ୟରେ ସଂକଟଜନକ ପରିସ୍ଥିତି ସୃଷ୍ଟି କରିଛି। ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଥିବାବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଆଦି ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଛି। ତେବେ ଏଥିଯୋଗୁ ରକ୍ତ ସଂଗ୍ରହ ମଧ ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟରେ ଥିବା ବିଭିନ୍ନ ବ୍ଲଡ୍ ବ୍ୟାଙ୍କରେ ରକ୍ତ ଦାନ ଓ ସଂଗ୍ରହ ପୂରା କମିଯାଇଛି। ଫଳରେ ସାଧାରଣ ଚିକିତ୍ସା କ୍ଷେତ୍ର ବଡ଼ ସଙ୍କଟ ମଧଦେଇ ଗତି କରୁଛି। କଟକରେ ସେଣ୍ଟ୍ରାଲ୍ ରେଡ୍ କ୍ରସ୍ ବ୍ଲଡ୍ ବ୍ୟାଙ୍କ ରହିଛି। ଓଡ଼ିଶାର ଏହି ଅନ୍ୟତମ ବୃହତ୍ତମ ବ୍ଲଡ୍ ବ୍ୟାଙ୍କ କରୋନା ପୂର୍ବରୁ ପ୍ରତିଦିନ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରୁଥିଲା। ଏବେ ଦିନକୁ ୫୦ ୟୁନିଟ୍ ରକ୍ତ ପାଇବା କଷ୍ଟକର ହୋଇପଡୁଛି। ଏନେଇ ବ୍ଲଡ୍ ବ୍ୟାଙ୍କର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ଦାସ କହିଛନ୍ତି, କରୋନା ହେତୁ ରକ୍ତ ସଂଗ୍ରହ ହ୍ରାସ ପାଇଛି। ତଥାପି ଆମେ ନିୟମିତ ରକ୍ତ ସଂଗ୍ରହ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ କରିଛୁ। ସେହିପରି କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ରକ୍ତ ସଂଗ୍ରହ ବ୍ୟବସ୍ଥା ମଧ ମହାମାରୀ କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ବ୍ଲଡ୍ ବ୍ୟାଙ୍କର ଇନ୍‌ଚାର୍ଜ ଡା. ଦେବାଶିଷ ମିଶ୍ର କହିଛନ୍ତି, ଛାତ୍ରୀଛାତ୍ରମାନେ ଅଧିକାଂଶ ରକ୍ତ ଦାନ କରନ୍ତି। ଶିକ୍ଷାନୁଷ୍ଠାନ ରକ୍ତଦାନର ମୂଳ ଉତ୍ସ ହୋଇଥିବାରୁ ସେଗୁଡ଼ିକ ବନ୍ଦ ଥିବା କାରଣରୁ ରକ୍ତ ସଂଗ୍ରହ ହ୍ରାସ ପାଇଛି। ତେବେ ରକ୍ତ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରଖିବାକୁ ସ୍ଥାନୀୟ କ୍ଲବ୍ ଓ ସ୍ୱେଚ୍ଛାସେବୀ ଦାତାଙ୍କ ଉପରେ ଗୁରୁତ୍ୱ ଦିଆଯାଉଛି। ଲୋକେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଡା. ମିଶ୍ର ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଗୋଟିଏ ୟୁନିଟ୍ ରକ୍ତ ୩ଜଣ ରୋଗୀଙ୍କ ଜୀବନ ରକ୍ଷା କରିପାରିବ। ଦାନ କରାଯାଇଥିବା ଅଧିକାଂଶ ରକ୍ତ କର୍କଟ, ବର୍ନ, ଥାଲାସେମିଆ ଏବଂ ଅନ୍ୟ ଗୁରୁତର ରୋଗୀଙ୍କ ଚିକିତ୍ସାରେ ଲାଗିଥାଏ। ରକ୍ତ ହେଉଛି ମାନବ ଶରୀରରୁ ବାହାରୁଥିବା ଏକମାତ୍ର ଜୀବନ୍ତ ଶକ୍ତି, ଯାହା ମନୁଷ୍ୟର ଅସ୍ତିତ୍ୱ ସମୟରେ ଦାନ କରାଯାଇପାରେ। ତେଣୁ ଏହାର ଦାନକୁ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ଡା. ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ରକ୍ତ ସଂଗ୍ରହରେ ବିଭିନ୍ନ ପଦ୍ଧତି ଆପଣାଯାଉଛି। ନାଟ୍-ପିସିଆର ପଦ୍ଧତି କେବଳ କ୍ୟାପିଟାଲ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲା ଭିମ୍‌ସାର ଏବଂ କଟକ ଏସ୍‌ସିବି ମେଡିକାଲ କଲେଜରେ ଉପଲବ୍ଧ ହେଉଛି। ବିଶେଷଜ୍ଞମାନେ ଦାବି କରିଛନ୍ତି, ନାଟ୍-ପିସିଆର ପଦ୍ଧତିରେ ରକ୍ତ ସଂଗ୍ରହ ନିରାପଦ। ପ୍ରାରମ୍ଭିକ ପର୍ଯ୍ୟାୟରେ ରକ୍ତରୁ ଏଚ୍.ଆଇ.ଭି. ଭଳି ମାରାତ୍ମକ ସଂକ୍ରମଣ ଚିହ୍ନଟ କରିପାରିବ ବୋଲି ଭିମ୍‌ସାର ବୁର୍ଲାର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ଡା. ସି.ଆର୍. ପ୍ରସାଦ କହିଛନ୍ତି। ତେବେ ଏହି ପଦ୍ଧତି ପାଇଁ ଆବଶ୍ୟକ ମେଶିନର ଅଧିକ ମୂଲ୍ୟ ହେତୁ ଅନେକ ବ୍ଲଡ୍ ବ୍ୟାଙ୍କରେ ରକ୍ତ ସଂଗ୍ରହରେ ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇପାରୁନି। ଏଥିପାଇଁ ହସ୍ପିଟାଲ ଓ ମେଡିକାଲ କଲେଜ ଉପରେ ନିର୍ଭରଶୀଳ ହେଉଥିବାରୁ ପୂରା ପ୍ରକ୍ରିୟା ବିଳମ୍ବିତ ହେଉଛି। ଏହା ଉପରେ ସେ ଗୁରୁତ୍ୱ ଦେବା ସହ ରକ୍ତ ସଂଗ୍ରହକୁ ବ୍ୟାପକ କରିବା ପାଇଁ ବିକଳ୍ପ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ଡା. ପ୍ରସାଦ କହିଛନ୍ତି।

## ହାଇସ୍କୁଲକୁ ପୋଷ୍ୟ ଗ୍ରହଣ କଲେ ବିଇଓ

ଛତ୍ରପୁର,୧୩।୬(ଡି.ଏନ.ଏ.)

ବେଲଗୁଣ୍ଠା ବ୍ଲକର ପୂର୍ବତନ ତଥା ବର୍ତ୍ତମାନ ଛତ୍ରପୁରର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଗାଙ୍ଗପୁର ଶରତ ଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟକୁ ମୋ ସ୍କୁଲ ଯୋଜନାରେ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ମୋ ସ୍କୁଲ ପରିଚାଳନା ସଙ୍ଗଠନର ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ମାଧ୍ୟମରେ ସେ ଏହି ଅନୁରୋଧ କରିଛନ୍ତି। ୧୯୯୫ରେ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ସ୍ଥାପିତ ଏହି ଉଚ୍ଚ ବିଦ୍ୟାଳୟ ଜିଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଦୀର୍ଘ ଦଶ ବର୍ଷ ହେବ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ଜାତୀୟ ତଥା ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ସରକାରୀ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ ଏବଂ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ପାରିଛନ୍ତି । ଶୈକ୍ଷିକ କ୍ଷେତ୍ରରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତ୍କୃଷ୍ଟ କରିବା ସହିତ ବିଭିନ୍ନ ଜାତୀୟ ସ୍ତରୀୟ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଦିଗରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ ବୋଲି ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି।

## ନାବାଳକଙ୍କୁ ମାଡ଼ ଅଭିଯୋଗ, ୩ ଗିରଫ

ଆସିକା,୧୩।୬(ଡି.ଏନ.ଏ.)

ଖମ୍ବେଶ୍ୱରୀ ମନ୍ଦିର ପଛପଟେ ଖେଳୁଥିବା ଜଣେ ନାବାଳକଙ୍କୁ ମାଡ଼ ଅଭିଯୋଗରେ ପୋଲିସ ଖମ୍ବେଶ୍ୱରୀପାଟଣା ସାହିରୁ ୩ ଜଣଙ୍କୁ ରବିବାର ଗିରଫ କରିଛି । ସେମାନେ ହେଲେ ରବି ବିଷୋୟୀ, ବବିଲି ଜେନା ଓ ବଳି ମହାରଣା। ଏ ନେଇ ନଂ.୩୬୧/୨୧ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଶନିବାର ଅପରାହ୍ଣରେ ଖମ୍ବେଶ୍ୱରୀ ମନ୍ଦିର ପଛପଟେ କେତେଜଣ ନାବାଳକ କ୍ରିକେଟ ଖେଳୁଥିଲେ। ୩ ଅଭିଯୁକ୍ତ ସେଠାକୁ ଯାଇ ଖେଳ ବନ୍ଦ କରିବାକୁ କହିବା ସହ ଜଣଙ୍କୁ ମାଡ଼ ମାରିଥିଲେ । ଆହତ ନାବଳକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ନାବାଳକ ଜଣକ ଅନୁସୂଚିତ ବର୍ଗର ହୋଇଥିବାରୁ ଏସଡିପିଓଙ୍କ ଦ୍ୱାରା ମାମଲାର ତଦନ୍ତ କରାଯିବା ଲାଗି ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

## ବଜାରକୁ ଗୋରୁ ଛାଡ଼ିଲେ କାର୍ଯ୍ୟାନୁଷ୍ଠାନ

ଜି.ଉଦୟଗିରି,୧୩।୬(ଡି.ଏନ.ଏ.)

ବଜାର, ରାସ୍ତାଘାଟରେ ଗୋରୁପଲ ମଳତ୍ୟାଗ କରି ଅପରିଷ୍କାର ହେବା ସହିତ ଦୁର୍ଘଟଣା ଘଟିଥାଏ। ଜି.ଉଦୟଗିରି ଏନ୍‌ଏସିରେ ଏମିତି ପ୍ରତି ପରିଷଦ ଗଠନ ବେଳେ କେବଳ ଗୋରୁଙ୍କୁ ବାହାର ଛାଡନ୍ତୁ ନାହିଁ, ଛାଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରାଯାଇଥାଏ। କିନ୍ତୁ ମାଲିକ ବେଫିକର ହୋଇ ଗୋରୁ ବାହାରକୁ ଛାଡ଼ିଦେଉଛନ୍ତି। ଏଣିକି ଗୋରୁ ବାହାରକୁ ଛାଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏନ୍‌ଏସି ତରଫରୁ ରବିବାର ଘୋଷଣା କରାଯାଇଛି। ବୁଧବାରଠାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ପୂର୍ବ ଶତ୍ରୁତାରୁ ପଥରରେ ଛେଚି ହତ୍ୟା,୩ ଅଟକ

ରାୟଗଡ଼(ଗଜପତି), ୧୩।୬(ଡି.ଏନ୍.ଏ.)



ଗ୍ରାମରେ ପୋଲିସ ତଦନ୍ତ କରୁଛି।

ଗଜପତି ଜିଲା ରାୟଗଡ ଥାନା ଅନ୍ତର୍ଗତ କୁମୁଳାସିଂ ପଞ୍ଚାୟତ ଚେରୁସାହି ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଲକିନ ଶବରଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖିଛି। ଲକିନଙ୍କ ସ୍ତ୍ରୀ କାଅତି ଶବରଙ୍କ ଅଭିଯୋଗକ୍ରମେ ନଂ.୫୪/୨୧ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ରାୟଗଡ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ କହିଛନ୍ତି।

ଗତ ଗୁରୁବାର କାଅତି, ତାଙ୍କ ସ୍ୱାମୀ ଲକିନ, ଦେଢ଼ଶୂର ଗୁଡ୍ଡୁମା ଓ ପୁତୁରା ମିଶି ଏକ ଜମିରେ କାମ କରୁଥିଲେ। ଭାଇ ଓ ପୁତୁରା କାମ ବିଳମ୍ବ କରୁ ନ ଥିବାରୁ ଲକିନ ସେମାନଙ୍କୁ ଜଲଦି ସାରିବାକୁ କହିଥିଲେ। ଏଥିରେ ଉଭୟେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ ଗୁଡ୍ଡୁମା, ତାଙ୍କ ଶାଳକ ଓ ପୁଅ ମିଶି ଲକିନଙ୍କୁ ଘରୁ ଡାକିନେଇ ଦାଣ୍ଡରେ ଯୁକ୍ତିତର୍କ କରିବା ସହ ପଥରରେ ଛେଚି ହତ୍ୟା କରିଥିଲେ। ଏ ନେଇ କାଅତିଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ, ରକ୍ତଲଗା ପଥର ଓ କୋଡ଼ି ବେଣ୍ଟ ଜବତ କରିଥିଲା। ରବିବାର ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।


## ବିଇଓଙ୍କ ପଦୋନ୍ନତି

ଦିଗପହଣ୍ଡି,୧୩।୬(ଡି.ଏନ.ଏ.)

ଦିଗପହଣ୍ଡି ବିଇଓ ବସନ୍ତ କୁମାର ପଣ୍ଡାଙ୍କ ପଦୋନ୍ନତି ହୋଇଛି। ଶନିବାର ଏନେଇ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଇଓ ବୁଗୁଡ଼ା ସ୍ଥିତ ପିପୁଲ୍ସ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ଗତ ୨୦୧୮ ଜୁଲାଇ ୧୦ରେ ପଦୋନ୍ନତି ପାଇ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ସେ ସାନଖେମୁଣ୍ଡି ବ୍ଲକର ଭାରପ୍ରାପ୍ତ ବିଇଓ ଭାବେ ଦାୟିତ୍ୱ ତୁଲାଉଥିବା ଜଣାପଡିଛି। ଶିକ୍ଷାଧିକାରୀ ପଣ୍ଡାଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀରୁ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ପଦୋନ୍ନତି ମିଳିଥିବା ବେଳେ ସେ ପୂର୍ବଭଳି ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ରହି ଦାୟିତ୍ୱ ତୁଲାଇବେ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବିଭାଗ ପରିଚାଳନା ଏବଂ ବ୍ଲକ ଅଧୀନ ବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଉତ୍ସାହିତ କରିବା କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ଯୋଗୁ ଗାରିମା ଆୱାର୍ଡ଼ରେ ଦିଗପହଣ୍ଡି ବ୍ଲକ ଗଞ୍ଜାମ ଜିଲାର ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ ହୋଇଥିଲା।

## ବୁଗୁଡ଼ା ବନାଞ୍ଚଳରେ ୧୪ ହାତୀ

ବୁଗୁଡ଼ା,୧୩।୬(ଡି.ଏନ.ଏ.)



ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ବୁଗୁଡ଼ା ବନାଞ୍ଚଳରେ ରବିବାର ୧୪ ହାତୀ ଚଳପ୍ରଚଳ କରୁଥିବା ଯୋଗୁ ସ୍ଥାନୀୟ ବନ ବିଭାଗ ଚିନ୍ତାରେ ପଡ଼ିଯାଇଛି। ତେଣୁ ବିଭାଗ ତରଫରୁ ହାତୀ ପଲଙ୍କୁ ଅନୁସରଣ କରି ସକ୍ରିୟ ମନିଟରିଂ ଚଳାଇଥିବା ଜଣାପଡ଼ିଛି। ବର୍ତ୍ତମାନ ହାତୀପଲ ମାଣିତରା ସେକ୍ସନ ଅନ୍ତର୍ଗତ କାଦପଡ଼ା ଜଙ୍ଗଲରେ ଥିବା ଜଣାପଡ଼ିଛି। ସେଥିରେ ୧୧ଟି ମାଈ ଓ ୩ଟି ଛୁଆ ହାତୀ ଥିବାର ଅଛନ୍ତି। କିଛିଦିନ ତଳେ ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଲାଠିପଡ଼ା ଜଙ୍ଗଲରେ କୌଣସି କାରଣରୁ ଏକ ଦନ୍ତାର ମୃତ୍ୟୁ ପରେ ଉକ୍ତ ହାତୀପଲ ଉତ୍ପାତ ଆରମ୍ଭ କରିଦେଇଛନ୍ତି। ଗୁରୁବାର ଏହି ହାତୀ ପଲଙ୍କ ଆକ୍ରମଣରେ ଜିଲିବା ଗ୍ରାମର ବାଞ୍ଛାନିଧି ସେଠୀ ମୃତ୍ୟୁ ଘଟିଥିବା ବେଳେ କାଳପଙ୍କାଳ ଗ୍ରାମର ସବିତା ପରିଡ଼ା ଗୁରୁତର ହୋଇଥିଲେ। ପରେ ସେହି ହାତୀପଲ ନାଗିରି, ଠଣାପଲୀ ଜଙ୍ଗଲ ଦେଇ ମାଣିତରା, କୁମୁଣ୍ଡ ଜଙ୍ଗଲ ଆଡ଼କୁ ଅଗ୍ରସର ହୋଇ ବର୍ତ୍ତମାନ କାଦପଡ଼ା ଜଙ୍ଗଲରେ ଥିବା ଜଣାପଡ଼ିଛି। ହାତୀ ପଲଙ୍କ ଜଙ୍ଗଲରେ ଚଳପ୍ରଚଳ ନେଇ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନେତୃତ୍ୱରେ ବନପାଳ, ବନରକ୍ଷୀ ଏବଂ ପାରା ଫରେଷ୍ଟରମାନେ ସେମାନଙ୍କ ଗତିବିଧି ପ୍ରତି ଦୃଷ୍ଟି ଦେଇଛନ୍ତି।

# ଗଞ୍ଜାମ ଟାଇଗରଙ୍କ ସ୍ୱର ବନ୍ଦ


ବ୍ରହ୍ମପୁର ଅଫିସ,୧୩।୬


- ବିଜେଡିରୁ ବିଦାହେବାର ୧୯ ବର୍ଷ
- ରାମକୃଷ୍ଣଙ୍କୁ ମହଙ୍ଗା ଦଳବଦଳ ରାଜନୀତି
- ଭାଜପାରେ ପୂରା ପରିବାର

ପୂର୍ବତନ ମନ୍ତ୍ରୀ, ବିଧାନସଭାର ପ୍ରାକ୍ତନ ବିରୋଧୀ ଦଳ ନେତା ଏବଂ ଗଞ୍ଜାମ ଟାଇଗର କୁହାଯାଉଥିବା ରାମକୃଷ୍ଣ ପଟ୍ଟନାୟକଙ୍କ ସ୍ୱର ବନ୍ଦ। ୧୯୭୧ ବିଧାନସଭା ନିର୍ବାଚନରେ ସେ ପ୍ରଥମେ ତତ୍କାଳୀନ କୋଦଳା ଆସନରୁ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ି ନିର୍ବାଚିତ ହୋଇଥିଲେ। ସେତେବେଳେ ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଗଠିତ ଜନ କଂଗ୍ରେସ, ସ୍ୱତନ୍ତ୍ର ଦଳ ଓ ଉତ୍କଳ କଂଗ୍ରେସର ମିଳିତ ସରକାରରେ କ୍ୟାବିନେଟ ମନ୍ତ୍ରୀ ପଦ ପାଇ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ଭାଳିଥିଲେ। ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ବିଜୁବାବୁଙ୍କ ଅନୁଗାମୀ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୭, ୧୯୮୫, ୧୯୯୦, ୧୯୯୫ ନିର୍ବାଚନରେ ଜନତା ପାର୍ଟି ଓ ଜନତା ଦଳରୁ ନିର୍ବାଚିତ ହୋଇ ୧୯୯୦ ଜନତା ଦଳ ସରକାରରେ ଅର୍ଥମନ୍ତ୍ରୀ ହୋଇଥିଲେ। ୨୦୦୦ ନିର୍ବାଚନରେ ମଧ କୋଦଳା ଆସନରୁ ବିଜେଡି ବିଧାୟକ ହୋଇ ନବୀନ ପଟ୍ଟନାୟକଙ୍କ ମେଣ୍ଟ ସରକାରରେ ପୁଣି ଅର୍ଥମନ୍ତ୍ରୀ ହେଲେ। ଏହାର ଦୁଇବର୍ଷ ମଧ୍ୟରେ ନବୀନଙ୍କ ସହ ମତଭେଦ ହେବାରୁ ମନ୍ତ୍ରୀପଦ ହରାଇବା ସହ ଦଳରୁ ବିତାଡ଼ିତ ହୋଇଥିଲେ।

ରାମକୃଷ୍ଣ ଦକ୍ଷ ରାଜନେତା ଥିଲେ ଏବଂ ସଭାସମିତି ଓ ବିଧାନସଭାରେ ଅନର୍ଗଳ ଭାଷଣ ଦେଉଥିଲେ। ବିଜେଡିରୁ ବିଦା ହେବା ପରେ ହିଞ୍ଜିଳିରେ ନବୀନ ବିରୋଧୀ ସମାବେଶ କରାଇଥିଲେ। ଏଥିରେ ଦିଲୀପ ରାୟ, ନଳିନୀ ମହାନ୍ତି ଓ ଅନ୍ୟ ନେତାମାନେ ଯୋଗ ଦେଇଥିଲେ। ସେହି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ ଏବଂ ରାମକୃଷ୍ଣଙ୍କୁ 'ଗଞ୍ଜାମ ଟାଇଗର' ଭାବେ ନାମିତ କଲେ। ନବୀନଙ୍କ ପ୍ରଥମ ସରକାରରେ ରାମକୃଷ୍ଣ ଅତ୍ୟନ୍ତ ପ୍ରଭାବଶାଳୀ ମନ୍ତ୍ରୀ ଥିଲେ। ୧୯୯୯ ଲୋକ ସଭା ନିର୍ବାଚନରେ ନବୀନ ଆସିକା ଆସନରୁ ଏମ୍‌ପି ହେବା ସହ ବାଜପେୟୀଙ୍କ କ୍ୟାବିନେଟରେ ମନ୍ତ୍ରୀ ହୋଇଥିଲେ। ୨୦୦୦ ବିଧାନସଭା ନିର୍ବାଚନରେ ହିଞ୍ଜିଳିରୁ ଜିତିବା ପରେ ମୁଖ୍ୟମନ୍ତ୍ରୀ ହେବାରୁ ଲୋକ ସଭାରୁ ଇସ୍ତଫା ଦେଲେ। ଆସିକା ଲୋକ ସଭା କ୍ଷେତ୍ରରେ ହୋଇଥିବା ଉପନିର୍ବାଚନରେ ରାମକୃଷ୍ଣଙ୍କ ସ୍ତ୍ରୀ କୁମୁଦିନୀ ପଟ୍ଟନାୟକ ବିଜେଡିରୁ ନିର୍ବାଚିତ ହୋଇ ଏମ୍‌ପି ହୋଇଥିଲେ।

ନବୀନ ବିରୋଧୀ ହେବା ପରେ ରାଜନୈତିକ ସମୀକରଣରେ ରାମକୃଷ୍ଣ କଂଗ୍ରେସରେ ଯୋଗଦେଲେ। ୨୦୦୪ ବିଧାନସଭା ନିର୍ବାଚନରେ କୋଦଳା ଆସନରୁ ତାଙ୍କ ସ୍ତ୍ରୀ କୁମୁଦିନୀ କଂଗ୍ରେସରୁ ଲଢ଼ି ବିଜେଡି ପ୍ରାର୍ଥୀ ନିରଞ୍ଜନ ପ୍ରଧାନଙ୍କ ଦ୍ୱାରା ପରାସ୍ତ ହେଲେ। ୨୦୦୯ ନିର୍ବାଚନ ବେଳେ ବିଧାନସଭା କ୍ଷେତ୍ର ପୁନର୍ଗଠନ ଓ ସୀମା ନିର୍ଦ୍ଧାରଣରେ କୋଦଳା ଆସନ ଲୋପ ହେଲା ଏବଂ ପୋଲସରା ଓ ବୁଗୁଡ଼ା ବ୍ଲକକୁ ନେଇ ନୂଆ ପୋଲସରା ନିର୍ବାଚନ ମଣ୍ଡଳୀ ଗଠନ କରାଗଲା। ସେହି ନିର୍ବାଚନରେ ରାମକୃଷ୍ଣ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ତାଙ୍କ ପୁରୁଣା ରାଜନୈତିକ ଶିଷ୍ୟ ବିଜେଡି ପ୍ରାର୍ଥୀ ନିରଞ୍ଜନ ପ୍ରଧାନଙ୍କ ଦ୍ୱାରା ପରାଜିତ ହେଲେ। ଚଳନ୍ତି ରାଜନୀତିରେ ଗଞ୍ଜାମ ଟାଇଗର କୋଣଠେସା ହୋଇଯାଇଛନ୍ତି। ଦେଢ଼ ଦଶନ୍ଧି ହେବ ଆଉ ବିଧାନସଭାରେ ପାଦ ପକାଇ ପାରୁନାହାନ୍ତି। ୨୦୧୪ ନିର୍ବାଚନ ବେଳେ ରାମକୃଷ୍ଣ କଂଗ୍ରେସରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଲେ। ତାଙ୍କ ସ୍ତ୍ରୀ ଓ ଝିଅ ଅନୀତା ପ୍ରିୟଦର୍ଶିନୀ ମଧ ପଦ୍ମ ପୋଖରୀରେ ବୁଡ଼ ପକାଇଲେ। ୨୦୧୯ ନିର୍ବାଚନରେ ଆସିକା ଲୋକ ସଭା ଆସନରୁ ଅନୀତା ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପ୍ରାର୍ଥୀ ପ୍ରମିଳା ବିଶୋୟୀଙ୍କ ଦ୍ୱାରା ପରାଜିତ ହେଲେ। ଦଳବଦଳ ରାମକୃଷ୍ଣଙ୍କ ପରିବାରକୁ ମହଙ୍ଗା ପଡ଼ିଛି। ବୟସାଧିକ୍ୟ ଦୃଷ୍ଟିରୁ ପଟ୍ଟନାୟକ ନିର୍ବାଚନୀ ରଣାଙ୍ଗନରୁ ଦୂରେଇ ରହିଛନ୍ତି। ଅପରପକ୍ଷରେ ଲୋକ ସଭା ଯିବା ସ୍ୱପ୍ନ ମଧ ମଉଳି ଯାଇଛି। ୧୯୯୦ ଦଶକରେ ବିଜୁବାବୁଙ୍କ ଜନତା ଦଳ ସରକାରରେ ସେ ମନ୍ତ୍ରୀ ଥାଇ ୧୯୯୧ ଲୋକ ସଭା ନିର୍ବାଚନରେ ଆସିକା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ରଥଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ସେହିପରି ୨୦୦୪ ଲୋକ ସଭା ନିର୍ବାଚନରେ ପୁଣି ଆସିକା କ୍ଷେତ୍ରରୁ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପ୍ରାର୍ଥୀ ହରିହର ସ୍ୱାଇଁଙ୍କ ଦ୍ୱାରା ପରାଜିତ ହୋଇଥିବା ନିର୍ବାଚନୀ ରେକର୍ଡ ରହିଛି।





ସବୁକିଛି ଲାଗି- ଏପରି କି ସବୁଠାରୁ ବସ୍ତୁଗତ ଉଦ୍ଦେଶ୍ୟ ପୂରଣ ଲାଗି-ଭଗବାନଙ୍କ ଉପରେ ଦୃଢବିଶ୍ୱାସ ଓ ଆସ୍ଥା ରଖ। ତା'ହେଲେ ସବୁ ଠିକ୍ ହୋଇଯିବ। -ଶ୍ରୀମା



# ଅସତ୍ୟକୁ ହାମୁଡ଼ୁଛି

ସମଗ୍ର ପୃଥିବୀକୁ ଦେଖିଲେ କରୋନା ମହାମାରୀ ବିଭିନ୍ନ ଦିଗରୁ ଅନେକ କିଛି ଉଜାଡ଼ି ଦେଇଛି। ଏହାର ଦ୍ୱିତୀୟ ଲହରରେ ଭାରତ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଅସଂଖ୍ୟ ଲୋକଙ୍କ ଜୀବନ ଯାଇଥିଲେ ମଧ୍ୟ ତାହାକୁ ରାଜ୍ୟ ସରକାରଗୁଡ଼ିକ କମ୍ କରି ଦର୍ଶାଉଛନ୍ତି। ନିକଟରେ ପାଟନା ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ବିହାରରେ ନୀତୀଶ କୁମାରଙ୍କ ସରକାର ମୂଳ ସଂଖ୍ୟା ସହ ୫,୫୦୦ ମୃତ୍ୟୁ ସଂଖ୍ୟା ଯୋଡ଼ିଥିଲେ। ସେହିପରି ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେଙ୍କ ସରକାର ପୂର୍ବ ମୃତ୍ୟୁ ସଂଖ୍ୟାରେ ପ୍ରାୟ ୯ ହଜାର ମୃତକଙ୍କ ନାମ ମିଶାଇଛନ୍ତି। ଏବେ ଜଣାପଡ଼ିଛି ମଧ୍ୟପ୍ରଦେଶର ଶିବରାଜ ସିଂ ଚୌହାନ ସରକାର ମଧ୍ୟ କୋଭିଡ୍ ମୃତକଙ୍କ ସଂଖ୍ୟା କମାଇକରି ଦେଖାଇଛନ୍ତି। ସରକାରୀ ରେକର୍ଡ ତୁଳନାରେ ସେଠାରେ କରୋନାଜନିତ ମୃତକଙ୍କ ସଂଖ୍ୟା ପାଖାପାଖି ୩ ଗୁଣରୁ ଅଧିକ ରହିଥିବା ଜଣାପଡ଼ିଛି। ଏସବୁ ରାଜ୍ୟରେ ଖୋଳତାଡ଼ ହେବାରୁ ଏଭଳି ତଥ୍ୟ ହସ୍ତଗତ ହେଉଛି। ପୁଣି ଏହି ତଥ୍ୟ ଯେ ସତ୍ୟ ଉପରେ ଆଧାରିତ ତାହାକୁ ନେଇ ସନ୍ଦେହ ରହିଛି। ଗତମାସ ଉତ୍ତରପ୍ରଦେଶ ଓ ବିହାରରେ କରୋନା ଯୋଗୁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଅନେକ ହଜାର ମୃତଦେହ ଗଙ୍ଗାନଦୀ ଜଳରେ ଭାସୁଥିବା ଓ ବାଲି ଭିତରେ ପୋତା ହୋଇଥିବାର ଦୃଶ୍ୟ ଗଣମାଧ୍ୟମରେ ଲୋକେ ଦେଖିଛନ୍ତି। ସେଥିରୁ ଜଣାପଡ଼ିଥିଲା ଯେ, ସରକାର ଜାଣିଶୁଣି ମୃତ୍ୟୁସଂଖ୍ୟା କମାଇବା ଲାଗି ଡାକ୍ତରଖାନା କର୍ମଚାରୀ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାର ସାହାଯ୍ୟ ନେଇଥିଲେ। ଏବର ସ୍ଥିତି ଦେଖିଲେ କୁହାଯାଇପାରେ ଯେ, କେବଳ ଏହିସବୁ ରାଜ୍ୟ ନୁହେଁ, ଅନ୍ୟାନ୍ୟ ରାଜ୍ୟ ସହ ଓଡ଼ିଶାରେ ଏ ସଂକ୍ରାନ୍ତ ତଥ୍ୟ ଯାଞ୍ଚ କରାଗଲେ ସଂଖ୍ୟା ନିଶ୍ଚୟ ବଢ଼ିପାରେ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା କୋଭିଡ୍ ମୃତ୍ୟୁସଂଖ୍ୟାକୁ ନେଇ ଦିଆଯାଇଥିବା ଭୁଲ ତଥ୍ୟ ମହାମାରୀ ମୁକାବିଲା ରଣନୀତି ପ୍ରସ୍ତୁତିରେ ବାଧକ ସାଜିବ। ଏଠାରେ ସ୍ୱୀକାରଯୋଗ୍ୟ ଯେ, ନିକଟ ଅତୀତ ଘଟଣାବଳୀକୁ ଦେଖିଲେ ଗୁଲେରିଆଙ୍କ ଅଧିକାଂଶ ମତ ରାଜନୈତିକ ପ୍ରଭାବ ଦ୍ୱାରା ପରିଚାଳିତ ହେଉଛି। କିନ୍ତୁ ସରକାରଙ୍କ ମୃତ୍ୟୁସଂଖ୍ୟା ଲୁଚାଇବାର ଚରିତ୍ର ଯୋଗୁ କୋଭିଡ୍ ମୁକାବିଲା ବାଧାପ୍ରାପ୍ତ ହେଉଥିବା କଥା ନିଶ୍ଚିତ ଭାବେ ବିଶ୍ୱସନୀୟ।

ପ୍ରଶ୍ନ ଉଠେ, ମଣିଷ ମରିଯିବାର ରିପୋର୍ଟ ଠିକ୍ ଦର୍ଶାଇବାରେ ପ୍ରଶାସନ କାହିଁକି କୁଣ୍ଠା ପ୍ରକାଶ କରେ। ଏହାର ସୂକ୍ଷ୍ମ ଉତ୍ତର ହୋଇପାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ଏବଂ ସରକାର କୋଭିଡ୍ ପରିଚାଳନା ଉଚିତ ଢଙ୍ଗରେ କରିଛନ୍ତି ବୋଲି ସାଧାରଣରେ ଦେଖେଇ ହେବା। ଏଥିସହିତ କେନ୍ଦ୍ର ସରକାରଙ୍କ ଭୂମିକା ମଧ୍ୟ ଗୁରୁତ୍ୱ ଧାରଣ କରୁଛି। ନିଜ କାର୍ଯ୍ୟରେ ଉଚିତ ପଦକ୍ଷେପ ନେବାରେ ଅସଫଳ ହୋଇଥିବା କେନ୍ଦ୍ର ଏବେ ବିଭିନ୍ନ ରାଜ୍ୟ ଦ୍ୱାରା ଘୋଷିତ ମୃତ୍ୟୁସଂଖ୍ୟାକୁ ନେଇ ଭଲ ଏବଂ ଖରାପ ପରିଚାଳନାର ସାର୍ଟିଫିକେଟ ଦେଉଛି। ଏହା ଫଳରେ ନିଜର ଦକ୍ଷତା ପ୍ରମାଣ କରିବାକୁ ଯାଇ ରାଜ୍ୟ ସରକାରଗୁଡ଼ିକ ମୃତ୍ୟୁସଂଖ୍ୟା ଲୁଚାଇବା ସକାଶେ ଉତ୍ସାହିତ ହେଉଛନ୍ତି। ଏହାଦ୍ୱାରା ଭାରତରେ କରୋନା ମହାମାରୀର ବାସ୍ତବ ତଥ୍ୟ ଇତିହାସରେ କେବେ ହେଲେ ମିଳିବ ନାହିଁ। ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ଜାତୀୟ ଅର୍ଥନୀତି ଭୁଶୁଡ଼ି ପଡୁଥିବା ବେଳେ ଭାରତୀୟଙ୍କ ଅସତ୍ୟକୁ ହାମୁଡ଼ି ବସିବାର ଚରିତ୍ର ଏ ଦେଶକୁ ଅଭୂତପୂର୍ବ କ୍ଷତି ପହଞ୍ଚାଇବ।

## ସାପ୍ତାହିକ ପଞ୍ଜିକା

**ଜୁନ୍ ୭:** ରାଜ୍ୟରେ କରୋନା ମୃତ୍ୟୁ ୩ ହଜାର ଟପିଲା।
➢ମହାକାଶକୁ ଯିବେ ବେଜୋସ୍।
**ଜୁନ୍ ୮:** ବିଶ୍ୱର ଅଧା ଭାଗରେ ଇଣ୍ଟରନେଟ୍ ବାଧାପ୍ରାପ୍ତ।
➢ଅକ୍ସିଜେନ୍ ମକ୍‌ଡ୍ରିଲ୍ ବେଳେ ଉତ୍ତରପ୍ରଦେଶ ଆଗ୍ରାର ଏକ ହସ୍ପିଟାଲରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି।
**ଜୁନ୍ ୯:** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୯୪୦ ଟଙ୍କା ହେଲା।
**ଜୁନ୍ ୧୦:** ବକ୍ସିଂ ସୁପରଷ୍ଟାର୍ ଡିଙ୍କୋ ସିଂଙ୍କ ପରଲୋକ।
➢କେବଳ ପୁରୀରେ ହେବ ରଥଯାତ୍ରା।
**ଜୁନ୍ ୧୧:** ମୁକୁଲ୍ ରାୟ ଟିଏମ୍‌ସିକୁ ଫେରିଲେ।
➢ଅଭିନେତ୍ରୀ ତଥା ମଡେଲ ଆଇଶା ସୁଲତାନାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି।
**ଜୁନ୍ ୧୨:** ବ୍ଲାକ୍ ଫଙ୍ଗସ୍ ଔଷଧକୁ ସରକାର ଟିକସମୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଜୁନ୍ ୧୯୯୬**

- ମାଲେସିଆ ପ୍ରଧାନମନ୍ତ୍ରୀ ଡଃ ମହାଥିର ବିନ ମହମ୍ମଦ ଆନ୍ତର୍ଜାତିକ ବୁଝାମଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜବାହରଲାଲ୍ ନେହେରୁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ଜନତା ଦଳର ବରିଷ୍ଠ ନେତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ରାମକୃଷ୍ଣ ହେଗ୍‌ଡେ ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ୬ ବର୍ଷ ପାଇଁ ଦଳରୁ ବହିଷ୍କୃତ।
- ୧୩୩ କୋଟି ଟଙ୍କା ମୂଲ୍ୟର ୟୁରିଆ ସାର ଦୁର୍ନୀତି ମାମଲାରେ ଡେପୁଟି ଜେନେରାଲ ମ୍ୟାନେଜରଙ୍କ ସମେତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଦିଲ୍ଲୀରେ ଅବସ୍ଥାପିତ ୪୦ ଜଣ ବରିଷ୍ଠ ଅଫିସରଙ୍କୁ ଚାକିରିରୁ ସସ୍‌ପେଣ୍ଡ କରାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | | |
| 5 | | | 9 | | 4 | 2 | 1 | |
| | | 1 | | | | | | 3 |
| | | | 3 | 6 | | 4 | | 2 |
| | | 3 | 2 | | | | 9 | 8 |
| 9 | | | | | | 6 | | |
| | | | | | | | 8 | |
| | 6 | | | | | | | 9 |
| 1 | | 2 | | 7 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 3 | 8 | 7 | 2 | 5 | 4 | 9 |
| 4 | 9 | 5 | 6 | 3 | 1 | 7 | 8 | 2 |
| 8 | 7 | 2 | 9 | 5 | 4 | 1 | 3 | 6 |
| 7 | 2 | 9 | 5 | 4 | 6 | 8 | 1 | 3 |
| 5 | 3 | 4 | 1 | 2 | 8 | 9 | 6 | 7 |
| 6 | 8 | 1 | 7 | 9 | 3 | 4 | 2 | 5 |
| 9 | 4 | 8 | 2 | 6 | 7 | 3 | 5 | 1 |
| 2 | 1 | 7 | 3 | 8 | 5 | 6 | 9 | 4 |
| 3 | 5 | 6 | 4 | 1 | 9 | 2 | 7 | 8 |

ଗତକାଲିର ଉତ୍ତର

# ବାବା ଓ ବିଜ୍ଞାନ



ଡ. ପ୍ରଫୁଲ୍ଲ କୁମାର ସାହୁ

ସଭ୍ୟତା ଆରମ୍ଭରୁ କେତେ କେତେ ମହାମାରୀକୁ ପରାସ୍ତ କରି ବିଜ୍ଞାନ ଆଗକୁ ବଢିଛି, ଯା'ର ସାକ୍ଷୀ ହେଉଛି ଇତିହାସ। ବିଜ୍ଞାନର ବିଜୟ ଅଭିଯାନ ଆଗରେ ତିଷ୍ଠି ନ ପାରି ପୃଥିବୀରୁ ନିଖୋଜ ହୋଇଯାଇଛି ଏକଦା ମାନବ ଜାତି ପାଇଁ ଘାତକ ସାବ୍ୟସ୍ତ ହୋଇଥିବା ବସନ୍ତ ଓ ହଇଜା ଭଳି ମାରାତ୍ମକ ରୋଗ। ଏହି ବିକାଶ କ୍ରମରେ ବିଜ୍ଞାନ ଏବେ କରୋନା ବିରୋଧରେ ଲଢୁଛି ନିର୍ଣ୍ଣାୟକ ଲଢ଼େଇ। ଅଦୃଶ୍ୟ ଭୂତାଣୁର ଘନଘନ ଆଚରଣ ପରିବର୍ତ୍ତନରେ ବୈଜ୍ଞାନିକ, ଗବେଷକ ଓ ଡାକ୍ତର କିଂକର୍ତ୍ତବ୍ୟବିମୂଢ଼ ହୋଇପଡିବା ପରେ ବି ବିଜ୍ଞାନ ସାଉଁଟିଛି ସଫଳତାର ଶ୍ରେୟ। ଭାବିଲେ ଦେଖି କରୋନା ଯେବେ ଅଚାନକ ଆକ୍ରମଣ କଲା,ତାକୁ ପ୍ରତିହତ କରିବା ପାଇଁ ଆମ ପାଖରେ ନା ଥିଲା ସାଧନ ନା ଉପଲବ୍ଧି ? ସବୁ ପ୍ରତିକୂଳତା ସତ୍ତ୍ୱେ ଗୋଟିଏ ବର୍ଷରୁ କମ୍ ଅବଧି ମଧ୍ୟରେ କରୋନା ଟିକା ପ୍ରସ୍ତୁତିରେ ସଫଳ ହେବା କ'ଣ ଆଧୁନିକ ଚିକିତ୍ସା ବିଜ୍ଞାନର ଏକ ବିରାଟ ଉପଲବ୍ଧି ନୁହେଁ? କରୋନା ଉପରେ ସମ୍ପୂର୍ଣ୍ଣ କାବୁ ପାଇବା ପାଇଁ ଆଉ ମାତ୍ର ଅଳ୍ପ କେଇ ପାଦ ବାକି।

ଏବେ ବିଜ୍ଞାନ ଆଗରେ ପ୍ରାଥମିକତା ହେଉଛି ଉତ୍ତମ ଚିକିତ୍ସା ବଳରେ ଲୋକଙ୍କ ଜୀବନ ରକ୍ଷା ଏବଂ ଲୋକଙ୍କ ପାଖରେ ବିଜ୍ଞାନଭିତ୍ତିକ ନିର୍ଭୁଲ ସୂଚନା ପହଞ୍ଚାଇବା। ଏହାକୁ ଦୃଷ୍ଟିରେ ରଖି ବିଜ୍ଞାନ ବାରମ୍ବାର ପ୍ରସ୍ତୁତ କରୁଛି ସଂଶୋଧିତ ମାର୍ଗଦର୍ଶିକା। ମାତ୍ର ବିଡମ୍ବନାର ବିଷୟ ହେଉଛି ଲୋକଙ୍କ ପାଖରେ ବିଜ୍ଞାନଭିତ୍ତିକ ନିର୍ଭୁଲ ତଥ୍ୟ ପରିବର୍ତ୍ତେ ପହଞ୍ଚୁଛି ତ୍ରୁଟିପୂର୍ଣ୍ଣ ସୂଚନା। ଆୟୁର୍ବେଦ ନାଁରେ ଲୋକଙ୍କୁ ବ୍ୟବହାର କରିବାକୁ କୁହାଯାଉଛି ଅଦ୍ଭୁତ ପ୍ରକାର ନିଦାନ। ସରକାରଙ୍କ କୋହଳ ମନୋଭାବ ଯୋଗୁ ଏସବୁ ଅପଥ୍ୟ ଲୋକଙ୍କ ପାଖରେ ପହଞ୍ଚୁଛି ଗଣମାଧ୍ୟମ ଜରିଆରେ। ସାମାଜିକ ଗଣମାଧ୍ୟମରେ ଚାଲିଛି ଅହରହ ପ୍ରଚାର। କିଏ ଗୋମୂତ୍ର ପାନ କରିବାର ଉପାଦେୟତା ବଖାଣି ଚାଲିଛି ତ କିଏ କହୁଛି ଗୋମୂତ୍ରରେ ସ୍ନାନ କଲେ ପାଖ ମାଡିବନି କରୋନା। କେଉଁଠି କରୋନାକୁ ଘଉଡ଼ାଇବା ପାଇଁ ଘଷି ଧୂଆଁ ଦିଆ ଗଲାଣି ତ ଆଉ କେଉଁଠି ଆରମ୍ଭ ହେଲାଣି ଘିଅ ଆଳତିର ଆୟୋଜନ। ମଜାକଥା ହେଉଛି ଗୋବରକୁ ଦେହ ସାରା ବୋଳି ହୋଇ ବୁଲୁଥିବା ଦଳେ ବାବା ବଡ଼ ଦମ୍ଭର ସହିତ କହୁଛନ୍ତି ଗୋବର ହେଉଛି କରୋନାର ଏକମାତ୍ର ମହୌଷଧି। ଏହି ପ୍ରଚାର କ୍ରମରେ ସବୁଠାରୁ ଆଗରେ ଥିବା ବାବା ହେଉଛନ୍ତି ଆମ ଓଡ଼ିଶାର। ତାଙ୍କ ପାଖରେ ଏମିତି ଚମତ୍କାରିତା ଅଛି ଯେ ସେ ବିନା ଔଷଧରେ କରୋନା ରୋଗୀକୁ ଭଲ କରି ଦେଇ ପାରିବେ କେବଳ ମାତ୍ର ଗୋଟ ଟେଲିଫୋନ କଲ୍ ଜରିଆରେ। ସୁଯୋଗ ଦେବା ପାଇଁ ସେ ମଧ୍ୟ ଦାବି କରିଛନ୍ତି ସରକାରଙ୍କ ପାଖରେ।

ସୂକ୍ଷ୍ମଦୃଷ୍ଟି ନେଇ ଭାବିଲେ ଦେଖି ଏସବୁ କରୋନାର ନିଦାନ ନା ଆମ ଅନ୍ଧବିଶ୍ୱାସ ଲାଳିତ ଭ୍ରମଧାରଣା ? ଆୟୁର୍ବେଦ ଶାସ୍ତ୍ର ସମ୍ମତ ପାରମ୍ପରିକ ଉପଚାର ନା ନିରୀହ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହା ଧର୍ମ ବେପାରୀଙ୍କ ତୁଚ୍ଛା ଭଣ୍ଡାମି?

ମଣିଷ ଏକ ବିଚାରଶୀଳ ଓ ବୁଦ୍ଧିମାନ ପ୍ରାଣୀ। ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନେଇ ସେ ସବୁ କଥାକୁ ବିଶ୍ଳେଷଣ କରେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଖୋଜେ ତର୍କ ଓ ପ୍ରମାଣ। ଶେଷରେ ନିଜର ଅନୁଭୂତିସିଦ୍ଧ ବିଚାର ବଳରେ କୌଣସି ସିଦ୍ଧାନ୍ତରେ ପହଞ୍ଚେ ବହୁ ପରୀକ୍ଷା ନିରୀକ୍ଷା ପରେ। ଅନ୍ୟ ପକ୍ଷରେ ମଣିଷ ଯେତେବେଳେ ଭାବପ୍ରବଣ ହୋଇଯାଏ, ସେତେବେଳେ ସେ ହରେଇ ବସେ ନିଜର ବିଚାରବୋଧ। ଆଉ ଆକଳନ କରିପାରେନି ବିଶ୍ୱାସ ଓ ବାସ୍ତବତା ଭିତରେ ଫରକ। ମଣିଷ ବୋଧହୁଏ ବେଶି ଭାବପ୍ରବଣ ହୁଏ ଧର୍ମକୁ ନେଇ। ଧର୍ମକୁ ଏକ ବିଶ୍ୱାସ ବା ଜୀବନଧାରା ଭାବରେ ଗ୍ରହଣ କରିବାରେ କାହାର କିଛି ଆପତ୍ତି ନାହିଁ, ମାତ୍ର ଧାର୍ମିକ ଅସ୍ମିତା ଯେଉଁଠି ଅସହିଷ୍ଣୁତା ଓ ଅନ୍ଧବିଶ୍ୱାସର ବୀଜ ବୁଣେ ସେଠି ବାଟବଣା ହୋଇଯାଏ ପ୍ରଗତିର ଧାରା। ମାନବିକ ମୂଲ୍ୟବୋଧରେ ଆସେ ଅବକ୍ଷୟ। ଆଖି ନ ଥିଲେ ଦର୍ପଣ ଯେମିତି କିଛି କାମରେ ଲାଗେନି, ସେମିତି ଧର୍ମ ନାମରେ ବିଦ୍ୱେଷର ବିଷ ପିଇଥିବା ଲୋକକୁ ବାଟ ଦେଖାଇ ପାରେନି ବୈଜ୍ଞାନିକ ତଥ୍ୟ ସମ୍ବଳିତ ଜ୍ଞାନର ଆଲୋକ। ଏହି କାରଣରୁ ବିଭିନ୍ନ ଧର୍ମଗ୍ରନ୍ଥରେ ଥିବା କାଳ୍ପନିକ ଭାବଧାରା ବା ଅବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଉପରେ ପ୍ରଶ୍ନ ଉଠାଇଲେ ପ୍ରତିକ୍ରିୟାଶୀଳ ହୋଇଉଠନ୍ତି ଧର୍ମାନ୍ଧମାନେ। ଅତୀତରେ ସେମାନଙ୍କ ଅସହିଷ୍ଣୁତାର ଶିକାର ହୋଇ କାଠଗଡାରେ ଛିଡା ହୋଇଛନ୍ତି ବିଶ୍ୱର ବହୁ ବିଶିଷ୍ଟ ବୈଜ୍ଞାନିକ, ଦାର୍ଶନିକ ଓ କ୍ରାନ୍ତିଦ୍ରଷ୍ଟା ବୁଦ୍ଧିଜୀବୀ।

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ମଣିଷର ବଡ଼ ଶତ୍ରୁ ହେଉଛି ତା'ର ଅନ୍ଧବିଶ୍ୱାସ। ଅଥଚ ସେହି ଶତ୍ରୁର ପାଖ ଛାଡୁନି ଏକବିଂଶ ଶତାବ୍ଦୀର ମଣିଷ। ଏପରିକି ସେ ଶତ୍ରୁ କବଳରୁ ମୁକ୍ତ ହୋଇ ପାରୁନାହାନ୍ତି ଦେଶର ମଙ୍ଗୁଆଲ ହୋଇଥିବା ରାଜନେତାମାନେ। ସେଥିପାଇଁ ଏମାନେ ବେଳେ ବେଳେ ଅବୈଜ୍ଞାନିକ ତଥ୍ୟ ସପକ୍ଷରେ ଓକିଲାତି କରିବାକୁ ଆଗେଇ ଆସନ୍ତି, ଯାହା ସମାଜ ପାଇଁ ଖୁବ୍ ମାରାତ୍ମକ।

କେବଳ ରାଜନେତା ନୁହନ୍ତି, ନିଜର ପ୍ରତିଭା ବଳରେ ଅସଂଖ୍ୟ ଅନୁଗାମୀ ସୃଷ୍ଟି କରିଥିବା ବଡ଼ବଡ଼ ଲୋକମାନେ ଯଦି ଏଭଳି ଆଚରଣ ପ୍ରଦର୍ଶନ କରନ୍ତି, ତେବେ ବାଧାପ୍ରାପ୍ତ ହୁଏ ପ୍ରଗତି। ଏହି ଦୃଷ୍ଟିରୁ ଏବେ ଖୁବ୍ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ଉଭା ହୋଇଛି ଯୋଗଗୁରୁ ବାବା ରାମଦେବଙ୍କର ଆଧୁନିକ ଚିକିତ୍ସା ବିଜ୍ଞାନ ବିରୋଧୀ ମନ୍ତବ୍ୟ।

ଗଲା ମାସରେ କରୋନାଜନିତ ମୃତ୍ୟୁ ହାର ଶୀର୍ଷ ଆରୋହଣ କରିବା ଫଳରେ ଦେଶକୁ ଧାରଣ କରିବାକୁ ହେଲା ବିଶ୍ୱରେ ସବୁଠାରୁ କ୍ଷତିଗ୍ରସ୍ତ ରାଷ୍ଟ୍ରର ଅପଯଶ। ବାସ୍ତବରେ ଅବସ୍ଥା ଥିଲା ଖୁବ୍ ଭୟଙ୍କର। ଦେଶସାରା ଖେଳି ଯାଇଥିଲା ମୃତ୍ୟୁର ବିଭୀଷିକା। ଚାରିଆଡେ ଶୁଭୁଥିଲା ଆତ୍ମୀୟଙ୍କୁ ହରାଇବାର କରୁଣ ବିଳାପ। କେଉଁଠି ବାପ ପଛେ ପଛେ ଭେଣ୍ଡିଆ ପୁଅ ଚାଲିଯାଉଥିଲା ତ କେଉଁଠି ଏକା ଶେଯରେ ଜଳୁଥିଲା ମା' ଝିଅଙ୍କ ଜୁଇ। ଶବ ସତ୍କାର ପାଇଁ ମଶାଣିରେ ମିଳୁ ନ ଥିଲା ଜାଗା। ପବିତ୍ର ଗଙ୍ଗାନଦୀରେ ଭାସୁଥିଲା ଶହ ଶହ ଶବ। ଏଭଳି ସଙ୍କଟ କାଳରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଚିକିତ୍ସା କରି ଚାଲିଥିଲେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ। ସାଧାରଣ ଜନତା ବି ସରକାରଙ୍କ ନିର୍ଦ୍ଦେଶାବଳୀ ମାନି ଚଳିବା ସହିତ କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରୁଥିଲେ ବିଭିନ୍ନ ପ୍ରତିକ୍ରିୟା ମାଧ୍ୟମରେ। ଅଥଚ ଠିକ୍ ଏଇ ବେଳେ ବାବା ରାମଦେବ ଆଧୁନିକ ଚିକିତ୍ସା ପଦ୍ଧତି 'ଏଲୋପାଥି'କୁ ଏକ ଅଳିଆ ବିଜ୍ଞାନ କହି ତାଚ୍ଛଲ୍ୟ କରିବା ସହିତ ଯେଉଁ ଦାୟିତ୍ୱହୀନ ଓ ବିଭ୍ରାନ୍ତିକର ମନ୍ତବ୍ୟ ରଖିଲେ,ତାହା ଥିଲା କରୋନା ଯୋଦ୍ଧାଙ୍କ ପ୍ରତି ଘୋର ଅପମାନ ତଥା ଆଧୁନିକ ଚିକିତ୍ସା ବିଜ୍ଞାନର ସଫଳତା ପ୍ରତି ଏକ ଆହ୍ୱାନ।

ଆମ ଦେଶର ସର୍ବପ୍ରାଚୀନ ଚିକିତ୍ସା ପଦ୍ଧତି ହେଉଛି ଆୟୁର୍ବେଦ। ପ୍ରକୃତି ଓ ପରିବେଶକୁ ସମ୍ମାନ ଦେଉଥିବା ଭାରତୀୟ ସଂସ୍କୃତି ସହିତ ଏହା ମଧ୍ୟ ନିବିଡ଼ ଭାବରେ ଜଡିତ। ଆତ୍ରେୟ, ଚରକ,ଶୁଶ୍ରୁତ ଓ ବାଣ ଭଟ୍ଟଙ୍କ ଭଳି ମହାନ୍ ଋଷି ତଥା ଆୟୁର୍ବିଜ୍ଞାନୀଙ୍କ ଅଲୌକିକ ପ୍ରତିଭା ଓ ସାଧନା ବଳରେ ସାରା ବିଶ୍ୱରେ ପ୍ରତିପାଦିତ ହୋଇସାରିଛି ଏହି ପ୍ରାଚୀନ ଚିକିତ୍ସା ପଦ୍ଧତିର ଉତ୍କର୍ଷତା। ସାଧାରଣତଃ ଆୟୁର୍ବେଦ କହିଲେ ଆମେ ବୁଝୁ ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷଲତା,ଫଳଫୁଲ ଓ ଚେରମୂଳ ଭିତରୁ ଆମ ରୋଗର ନିଦାନ ଖୋଜିବା। ଉଚ୍ଚମାନର ଗବେଷଣାର ଅଭାବ ତଥା ଜଟିଳ ରୋଗର ଆଶୁ ଚିକିତ୍ସା ସୁବିଧା ନ ଥିବା ଆଦି ବିଭିନ୍ନ କାରଣରୁ ଏଲୋପାଥି ସହିତ ସମତାଳରେ ଆୟୁର୍ବେଦ ଆଗକୁ ବଢି ପାରିନି ସତ, ହେଲେ ଆମେ ଅନେକ ସମୟରେ ନିର୍ଭର କରୁ ଏହି ପ୍ରାଚୀନ ଚିକିତ୍ସା ପଦ୍ଧତି ଉପରେ। ମୋଟ ଉପରେ ପାରମ୍ପରିକ ଔଷଧ ହେଉଛି ନିରାମୟ ଜୀବନର ଏକ ଶକ୍ତିଶାଳୀ ମୂଳଦୁଆ। ଏକଥାକୁ ବି ଅସ୍ୱୀକାର କରନ୍ତି ନାହିଁ କେବେ କେହି ଏଲୋପାଥି ଡାକ୍ତର। ତେବେ ଏଲୋପାଥି ବିରୋଧରେ ବାବା ରାମଦେବଙ୍କର ବିଷୋଦ୍‌ଗାର କାହିଁକି? ଏହା ଦେଶବ୍ୟାପୀ ଆୟୁର୍ବେଦ ଓ ଏଲୋପାଥି ଅନୁଗାମୀଙ୍କ ମଧ୍ୟରେ ଲଢ଼େଇ ପାଇଁ ଉଦ୍ଦିଷ୍ଟ ନା ଆଉ କିଛି? ରାମଦେବଙ୍କ ବ୍ୟବସାୟିକ ପତଞ୍ଜଳି ସଂସ୍ଥା। ଏହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ହୋଇସାରିଛି କରୋନିଲ ନାମକ କରୋନା ଟିକା। ବାବାଙ୍କ କହିବା ଅନୁସାରେ ଏହା ଶତ ପ୍ରତିଶତ କୋଭିଡ୍ ପ୍ରତିରୋଧକାରୀ ଔଷଧ। ଏହାର ପ୍ରୟୋଗ ଦ୍ୱାରା ମାତ୍ର ସାତଦିନ ଭିତରେ କରୋନା ମୁକ୍ତ ହୋଇ ପାରିବ ରୋଗୀ। ଏକଥା ଗଣମାଧ୍ୟମରେ ବି ପ୍ରଚାର ହୋଇଛି ଖୁବ୍ ଜୋରଦାର ଭାବରେ। ମାତ୍ର କରୋନିଲକୁ ଏଯାଏ ମିଳି ପାରିନି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ୱୀକୃତି। ଏହା ହିଁ ହୋଇପାରେ ବାବାଙ୍କ କ୍ରୋଧର କାରଣ।

ଭାରତୀୟ ପରମ୍ପରାରେ ସେବା ଓ ଯୋଗ ଉପରେ ଠିଆ ହୋଇଛି ସନ୍ଥ ସଂସ୍କୃତି। ସେଥିପାଇଁ କୁହାଯାଏ ଅର୍ଥ, ପ୍ରତିପତ୍ତି ଓ ପ୍ରତିଷ୍ଠା ଲୋଭ ସନ୍ଥାଚାରର ପ୍ରତିଦ୍ୱନ୍ଦ୍ୱୀ। ଶେଷ କଥାଟି ହେଉଛି ବିଜ୍ଞାନ ବିରୋଧୀ ତଥ୍ୟ ପ୍ରଚାର କରୁଥିବା ବ୍ୟକ୍ତି ବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସରକାରଙ୍କ ବିଫଳତା। ଯେଉଁଠି ଖୋଦ ସରକାର ଲୋକଙ୍କୁ କହନ୍ତି ପାଞ୍ଚଟା ପାଞ୍ଚ ମିନିଟ୍‌ରେ ଥାଳି ବଜାଅ ଓ ନ'ଟା ନ ମିନିଟ୍‌ରେ ମୋବାଇଲ ଲାଇଟ ଜଳାଅ, ସେଠାରେ ଅବୈଜ୍ଞାନିକ ସୂଚନାକୁ ରୋକିବ କିଏ? ଯଦି କୁହାଯାଏ ସରକାରଙ୍କ ଏ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା କେବଳ କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବା ପାଇଁ, ତେବେ କରୋନା ଯୋଦ୍ଧାଙ୍କ ବିରୋଧରେ ରାମଦେବ ବାବାଙ୍କର ଏ ତାଚ୍ଛଲ୍ୟକୁ ସରକାର ବରଦାସ୍ତ କରୁଛନ୍ତି କେମିତି?

ବିଜୁପଟ୍ଟନାୟକ ନଗର, ମହତାବ ଛକ, ଭଦ୍ରକ
ମୋ: ୯୪୩୮୮୫୫୦୮୮

# ସଙ୍କଟ କାଳରେ ଭୋକ ଓ ଭୂତାଣୁ



ଡ. କିଶୋର ମହାନ୍ତି

ଭୋକ ଓ ଭୂତାଣୁ ସମାନ୍ତରାଳ ଭାବରେ ସଂପ୍ରତି ଗତି କରି ଚାଲିଛନ୍ତି। ଯଦିଓ ଭୋକ ସର୍ବକାଳୀନ କିନ୍ତୁ ଭୂତାଣୁର ସ୍ଥିତି ସାମୟିକ। ଏହା ସତ୍ୟ ଯେ ଭୂତାଣୁ ଅପେକ୍ଷା ଭୋକ ଆହୁରି ଭୟଙ୍କର। ବିଶ୍ୱରେ ଭୋକ ଆଉ ଭୂତାଣୁ ମଣିଷ ଜୀବନକୁ ଛିନ୍‌ଭିନ୍ କରିବାରେ ଲାଗିଛନ୍ତି। ଭୋକ ଦୀର୍ଘକାଳୀନ ଥିଲାବେଳେ ଭୂତାଣୁର ଭୟଙ୍କରୀ ଓ ତା'ର ପ୍ରଭାବ ଜନଜୀବନ ଓ ଜୀବନ ଜୀବିକା ଉପରେ ଏତେ ବେଶି ଯେ ଜନଜୀବନ ଅସ୍ତବ୍ୟସ୍ତ ତଥା ନିଜର ଭାରସାମ୍ୟ ରକ୍ଷା କରିବା ସମ୍ଭବପର ନୁହେଁ – ଯାହା ସାଂପ୍ରତିକ ମଣିଷ ସମାଜରେ କରୋନା ମହାମାରୀର ତାଣ୍ଡବଲୀଳାରେ କେତେ ଜୀବନ ମୃତ୍ୟୁର ଦ୍ୱାର ଦେଶରେ ଉପନୀତ ତାହା ଆଜି ବେଶ୍ ସୁସ୍ପଷ୍ଟ। ଏଣୁ ଏକଥା ସତ୍ୟ ଯେ ଭୋକ ଓ ଭୂତାଣୁ ମଣିଷ ଜୀବନର ଗତି ପ୍ରବାହକୁ ବାଧା ଦେବା ସଙ୍ଗେ ସଙ୍ଗେ ଯେଭଳି ଭୂତାଣୁର ପ୍ରକ୍ରିୟା ଓ ପ୍ରତିକ୍ରିୟା ମଣିଷର କଣ୍ଠରୋଧ କରୁଛି ତାହା ସ୍ପଷ୍ଟ ଅନୁମେୟ ଏବଂ ଖୁବ୍ ଦୁଃଖଦାୟକ । ଏହା ମଣିଷ ସମାଜ ପ୍ରତି ଏକ ବିପ୍ଳବ କହିଲେ ଅତ୍ୟୁକ୍ତି ହେବନାହିଁ। କହିବାକୁ ଗଲେ ଭୋକଠାରୁ ବଡ଼ ଭୂତାଣୁଜଗତରେ ଆଉ କିଛି ନାହିଁ ।

ଭାରତରେ ଭୋକର ସ୍ଥିତି ଅତି ଶୋଚନୀୟ। ଏଠିକୁ ପୋଷଣର ବିକଟାଳ ରୂପ ଗରିବ ଆଫ୍ରିକା ଦେଶଠାରୁ ଖୁବ୍ ଅଧିକ। ଏଠାକାର ୫୦ ଶତାଂଶ ମହିଳାଙ୍କର ରକ୍ତହୀନତା ଅନ୍ୟତମ କାରଣ। ବିଶେଷ କରି ୭୦ ଶତାଂଶ ଭାରତର ଗ୍ରାମାଞ୍ଚଳ ଲୋକମାନଙ୍କର କୁପୋଷଣ ଓ ଖାଦ୍ୟାଭାବ ଖୁବ୍ ବେଶି। ବିଶେଷତଃ ଦେଶର ଆଦିବାସୀ ଜନଜାତି, ବସ୍ତିବାସୀ ମହିଳା ଓ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ କୁପୋଷଣର ଅଧିକ ଭାବରେ ଶିକାର ହେଉଛନ୍ତି। ଏଣୁ ପିଲାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କର ତଦନୁରୂପେ ଉଚ୍ଚତା ବୃଦ୍ଧି ପାଉନାହିଁ। ଶକ୍ତି ଓ ସାମର୍ଥ୍ୟ ହରାଇ ବସି ବିକଳାଙ୍ଗ ହୋଇଯାଉଛନ୍ତି। ପ୍ରାୟତଃ ୩୦କୋଟି ଭାରତୀୟ ଭୋକ ଓ କୁପୋଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି।

ଭାରତରେ ଖାଦ୍ୟ ବ୍ୟବସ୍ଥା ବ୍ରିଟିଶ ଶାସନ କାଳରୁ ବଡ଼ ସଙ୍କଟମୟ ପରିସ୍ଥିତି ଦେଇ ଗତି କରି ଆସୁଛି। ଓଡ଼ିଶାରେ ୧୮୬୬ରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅସ୍ତିତ୍ୱକୁ ଦୋହଲାଇ ଦେଇଥିଲା ; କ୍ଷୁଧା ଅନାହାରରେ ଲୋକ ପୋକ ମାଛି ପରି ମରି ଶୋଇଲେ। ସେହି ଶୋଚନୀୟ ଅବସ୍ଥାର ଚିତ୍ର ଭୟଙ୍କର ଥିଲା । ଅର୍ଥନୀତି ଓ ସାମାଜିକ ପ୍ରଗତିର ଅନ୍ତରାୟ ଘଟିଲା। ୧୯୪୩ରେ ବଙ୍ଗରେ ଘଟିଥିଲା ଶୋଚନୀୟ ଓ ହୃଦୟ ବିଦାରକ ଦୁର୍ଭିକ୍ଷ । ୧୯୩୭ରେ ଭାରତକୁ ବର୍ମାଠାରୁ ଅଲଗା କରିଦିଆଗଲା। ସେତେବେଳେ ଭାରତକୁ ପ୍ରତିବର୍ଷ ଲକ୍ଷେଟନ୍‌ରୁ ଊର୍ଦ୍ଧ୍ୱ ଚାଉଳ ମିଳୁଥିଲା। ୧୯୪୭ରେ ଭାରତ ସ୍ୱାଧୀନତା ପାଇଲା ସତ, କିନ୍ତୁ ଭୋକ ମଲାନି। ସେତେବେଳେ ବି ଭାରତକୁ ବିଭାଜିତ କରିଦିଆଗଲା ; ଯାହାଫଳରେ କି ଧାନ ଓ ଗହମ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ବଙ୍ଗଳା ଓ ପଞ୍ଜାବର କେତେକ ସ୍ଥାନ ପାକିସ୍ତାନ ଅଧୀନକୁ ଚାଲିଗଲା ଏବଂ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଅନୁପ୍ରବେଶ କଲେ। ସ୍ୱାଧୀନତା ପରେ ପରେ ଭାରତ ଭୀଷଣ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଲା। ଭୋକକୁ ରୋକିବାରେ ଆମେ ଏବେ ବି ସମ୍ପୂର୍ଣ୍ଣ ଭାବରେ ଅକ୍ଷମ।

ସମ୍ପ୍ରତି କ୍ଷୁଧା ହେଉଛି ଭାରତ ପାଇଁ ବଡ଼ ସମସ୍ୟା। ଯେଉଁଠି ପେଟ ପାଇଁ ମୁଠାଏ ଦାନା ନାହିଁ ସେଠି ବିକାଶର ସ୍ୱପ୍ନ ଦେଖିବା ନିରର୍ଥକ। ଏବେ ଭାରତ ଏଥିପାଇଁ ବିଶ୍ୱରେ ବିଶେଷ ଭାବେ ଚର୍ଚ୍ଚିତ। ନେପାଳ, ଶ୍ରୀଲଙ୍କା, ମ୍ୟାନ୍‌ମାର, ପାକିସ୍ତାନ, ବାଂଲାଦେଶ ଓ ଇଣ୍ଡୋନେସିଆଠାରୁ ପଛରେ ୯୪ତମ ସ୍ଥାନରେ ରହିଛି ଭାରତ।

ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ପୃଥିବୀରେ ୧୮୯.୨ କୋଟି ଲୋକ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସେଥିରୁ ୧୪ ପ୍ରତିଶତ ଲୋକ ଭାରତର। ୫୧.୪ ପ୍ରତିଶତ ମହିଳା ଆନିମିଆ ବା ରକ୍ତହୀନତା ରୋଗ ଦ୍ୱାରା ଆକ୍ରାନ୍ତ। ୩୪.୫ ଶତାଂଶ ପାଞ୍ଚବର୍ଷରୁ କମ୍ ପିଲାଙ୍କ ଅଭିବୃଦ୍ଧି ଘଟେନା। କୁପୋଷଣରୁ ପିଲାଙ୍କର ମୃତ୍ୟୁ ସଂଖ୍ୟାର ହାର ବୃଦ୍ଧି ପାଇବାରେ ଲାଗିଛି। କିଛି ପିଲା ନିମୋନିଆ, ଡାଏରିଆ ଓ ମ୍ୟାଲେରିଆ ଦ୍ୱାରା ପୀଡ଼ିତ। ଗ୍ଲୋବାଲ ଇଣ୍ଡେକ୍ସର ୨୦୧୯ ରିପୋର୍ଟ ଅନୁସାରେ ୧୧୭ଟି ଦେଶ ଭିତରୁ ଭାରତର ସ୍ଥାନ ୧୦୨ରେ ରହିଛି।

କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହେଉଛି। ସମସ୍ତଙ୍କୁ ଏ ମହାମାରୀରେ ଖାଦ୍ୟ ଯୋଗାଇ ଦେବା ଏତେ ଉତ୍ସାହ ଜନକ ନୁହେଁ – ଏହା ଅନ୍ତରାୟ ସୃଷ୍ଟି କରୁଛି। ଆବଶ୍ୟକ ପରିମାଣରେ ସୁବିଧାରେ ଓ ଶସ୍ତାରେ ବହୁ ପରିମାଣର ଫଳ ଓ ପନିପରିବା ମିଳୁନାହିଁ। ଏ ଅସମୟରେ ଖାଦ୍ୟ ଖାଇବାକୁ ନ ପାଇ କିଛି କିଛି ବି ପ୍ରାଣ ହରାଉଛନ୍ତି। ଏ ବେଳେ ଗରିବ ଶ୍ରେଣୀର ତଥା ଦିନ ମଜୁରିଆ ବେଶି ହଇରାଣ ହେଉଛନ୍ତି। ହାତରେ ପଇସା ନାହିଁ, ଉପବାସ ବି ରହିଯାଉଛନ୍ତି। ଦେଖାଯାଇଛି ଅଧିକାଂଶ ଗାଁ ଗଣ୍ଡା ଲୋକମାନେ ଓଳିଏ ଖାଇଲେ ଓଳିଏ ଉପାସ ରହନ୍ତି। କେହି କେହି ପରିବାରରେ ଚୁଲି ଜଳେନା। ଭିକାରି ତଥା ବାରବୁଲାଙ୍କର ଅବସ୍ଥା ଅତି ଶୋଚନୀୟ। ତଥାପି ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କର ଖାଦ୍ୟର ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ବେଳେ ଲୋକମାନେ ପେଟରେ ଓଦାକନା ପକାଇ ଶୋଇ ଯିବାର ନଜିର ମଧ୍ୟ ରହିଛି। କାମଧନ୍ଦା ବନ୍ଦ, ମୂଲ ଲାଗିବା ବନ୍ଦ, ଏ ଅବସ୍ଥାରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷିବା ସହଜ ମଧ୍ୟ ନୁହେଁ । ଭୋକ ସାଙ୍ଗକୁ କରୋନା ଭୂତାଣୁ ଦାଉ ସାଧିଛି। ଜୀବନ ଓ ଜୀବିକା କ୍ଷେତ୍ରରେ ମଧ୍ୟ କରୋନା ପାଖରେ ହାର ମାନିଛି ମଣିଷ। ଭୂତାଣୁ ଯିବାର ନା ଧରୁନି। କିଛି କିଛି ଲୋକ ନିଜ ନିଜର ବୃତ୍ତିରେ ଯୋଗ ଦେଲେଣି। ମଜୁରିଆଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି ତଥାପି ଗୋଟାଏ ଭୟ ଓ ଆଶଙ୍କା କାବୁ କରି ଦେଇଛି। ପଦାକୁ ଗୋଡ଼ କାଢ଼ି ହେଉନାହିଁ ଏପରି ସ୍ଥଳେ, ଜୀବନ ଗତିଶୀଳ ହୋଇପାରୁ ନାହିଁ – ଏଣୁ ଭୋକ ଓ ଭୂତାଣୁର ସରଳାର୍ଥ ଆମ ପାଖରେ ଏବେ ଅସ୍ପଷ୍ଟ ନାହିଁ।

ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

କୃଷି ବର୍ଜ୍ୟ ନ ପୋଡ଼ି ତାହାର ସଦୁପଯୋଗ କରିବାର ରାସ୍ତା ଦେଖାଇଛନ୍ତି ପୁଣେର ଡ. ପ୍ରିୟଦର୍ଶୀ କାର୍ଭେ। ଡ. କାର୍ଭେ ପଦାର୍ଥ ବିଜ୍ଞାନରେ ପୁଣେ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ହାସଲ କରିଛନ୍ତି। ପରେ ଗବେଷଣା କରି ଆଖୁଚାଷ ବର୍ଜ୍ୟରୁ ବାୟୋଚାର୍ଲକୋଲ୍ ବା ଜୈବିକ କୋଇଲା ବା ଅଙ୍ଗାର ପ୍ରସ୍ତୁତ କରୁଛନ୍ତି। ତାଙ୍କ ନୂତନ ଟେକ୍‌ନୋଲୋଜିରେ ପ୍ରସ୍ତୁତ ଏହି ବାୟୋଚାର୍ଲକୋଲରୁ ଧୂଆଁ ବାହାରୁ ନାହିଁ। ଏହି ଟେକ୍‌ନୋଲୋଜି ପାଇଁ ତାଙ୍କୁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପୁରସ୍କୃତ କରିଛି। ଡ. କାର୍ଭେ ମଧ୍ୟ ଏଥିପାଇଁ ଲଣ୍ଡନର 'ଆସଦେନ୍ ଆୱାର୍ଡ' ପାଇଛନ୍ତି। ଆଖୁ ଚାଷରୁ ବାହାରୁଥିବା ବର୍ଜ୍ୟ ବ୍ୟତୀତ ସେ ବାୟୋଚାର୍ଲକୋଲ ପ୍ରସ୍ତୁତ କରିବା ପାଇଁ ଉଦ୍ୟାନ ବର୍ଜ୍ୟ ମଧ୍ୟ ବ୍ୟବହାର କରୁଛନ୍ତି। କାର୍ଭେ ଏହି ଜାଳେଣି ବ୍ୟବହାର କରିବା ପାଇଁ ଉନ୍ନତ ଧରଣର ଷ୍ଟୋଭ୍ ଓ ଚୁଲା ତିଆରି କରୁଛନ୍ତି। ଷ୍ଟୋଭ୍‌ର ନାଁ ରଖିଛନ୍ତି ସମୁଚିତ ଷ୍ଟିମ୍ କୁକର। ଏଥିରେ ୪ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇ ପାରୁଛି। ସବୁଠୁ ବଡ଼ କଥା ହେଉଛି ଏଥିପାଇଁ ମାତ୍ର ୧୦୦ ଗ୍ରାମ୍ ଚାର୍ଲକୋଲ୍ ଆବଶ୍ୟକ ପଡୁଛି। ଷ୍ଟୋଭ୍‌ର ଦାମ ୩୦୦୦ ଟଙ୍କା ଓ ଏବେ ସୁଦ୍ଧା ସେ ୬୦,୦୦୦ ଷ୍ଟୋଭ୍ ବିକ୍ରି କରିସାରିଲେଣି। ଡ. କାର୍ଭେଙ୍କ ପ୍ରସ୍ତୁତ ୧୦୦ ଗ୍ରାମ୍ ଚାର୍ଲକୋଲ୍ ୪ରୁ ୫ କେଜି ଜାଳେଣି କାଠର କାମ ଦେଉଛି। କାର୍ଭେ ମଧ୍ୟ ଏକ ଚୁଲା ବା ଆଞ୍ଚ ପ୍ରସ୍ତୁତ କରିଛନ୍ତି ଓ ଏଥିରୁ ୧୦,୦୦୦ ବିକ୍ରି କରିସାରିଲେଣି। ବିନା ଧୂଆଁରେ ଏଥିରେ ରୋଷେଇ ହେଉଛି। କାର୍ଭେଙ୍କ ଉଦ୍ଭାବନ କୃଷି ବର୍ଜ୍ୟ ପୋଡ଼ା ଯୋଗୁ ହେଉଥିବା ପ୍ରଦୂଷଣ ରୋକିବା ସହ ଏଲ୍‌ପିଜି ଗ୍ୟାସ୍ ମଧ୍ୟ ବଞ୍ଚାଯାଇ ପାରୁଛି। ଡ. କାର୍ଭେ ଇଂଲଣ୍ଡର ବାୟୋଟାର୍ ରିସର୍ଚ୍ଚ ସେଣ୍ଟର (ୟୁନିଭର୍ସିଟି ଅଫ୍ ଏଡିନ୍‌ବର୍ଗ)ରେ ଗବେଷଣା କରିବା ପରେ ଏହି ଟେକ୍‌ନୋଲୋଜି ଉଦ୍ଭାବନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଟିକାଦାନରେ ବି ଭୋଟ ରାଜନୀତି

ମହାଶୟ,

କରୋନା ଟିକା ସହଜ ଲବ୍ଧ ନ ହେବା କାରଣରୁ ବହୁ ବୟସ୍କ ତଥା ଅନ୍ୟ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଦ୍ୱିତୀୟ ପାଳି ଟିକା ନେଇପାରୁ ନାହାନ୍ତି। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଗାଁ କୁଜିନେତା, ଆଶା ଓ ଅଙ୍ଗନୱାଡି ଦିଦିଙ୍କୁ ହାତ କରି ନିଜ ଦଳର ବ୍ୟକ୍ତିବିଶେଷଙ୍କୁ ଟିକା ଦେବାର ସୁପରିକଳ୍ପିତ ଯୋଜନା କରୁଛନ୍ତି। ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଟିକା ନେଇପାରୁ ନ ଥିବା ବେଳେ ପଇଁଚାଳିଶ ବର୍ଷମାନେ ଟିକା ନେବା ଦେଖାଯାଉଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଟିକା ଯୋଗାଣକୁ ଦୋଷା ଦେଉଥିବା ବେଳେ ବାସ୍ତବରେ ସେମାନେ ପ୍ରଶାସନ ଚାପରେ କାର୍ଯ୍ୟ କରୁଥିବା ଜଣାପଡୁଛି।

-ମନସ୍ୱିନୀ ରାଉତ, ରାଜକନିକା, କେନ୍ଦ୍ରାପଡା

### ତଥାପି ଲୋକେ ସଚେତନ ନୁହନ୍ତି

କରୋନା ପାଇଁ ଓଡ଼ିଶା ସରକାର ପ୍ରଥମେ ୧୫ ଦିନ ପାଇଁ ଲକ୍‌ଡାଉନ କଲେ। ପରେ ତା' ଅବଧି ବଢ଼ାଇ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ କରିଛନ୍ତି। କିନ୍ତୁ ତା'ସତ୍ତ୍ୱେ କିଛି ଲୋକ ମାସ୍କ ଲଗାଉନାହାନ୍ତି। ଆଉ କେତେଜଣ ଅଛନ୍ତି କାଳେ ପୋଲିସ ହାତରେ ଚେକିଂରେ ପଡ଼ିଯିବେ ସେମାନେ କାନରେ ଲଗାଇ ରଖୁଛନ୍ତି ; ଯଦ୍ଦ୍ୱାରା ପାଟି ଓ ନାକ ଉପରେ ମାସ୍କ ଲାଗୁନାହିଁ, ମେଲା ରହୁଛି। ଗ୍ରାମାଞ୍ଚଳରେ ଯୁବପିଢ଼ି ଦିନରେ ଗଛମୂଳରେ ତାସ୍ ଖେଳରେ ମାତି ରହୁଛନ୍ତି। ତେଣୁ ସରକାର ଏହି ବେପରୁଆ ଲଗାମ୍‌ଛଡ଼ାଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଅନ୍ତୁ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଚିରନ୍ତନୀ

ନିତି କ୍ଷଣେ କ୍ଷଣେ କେତେ ନବ ନବ ଛବି
ମୁହୁର୍ମୁହୁ ପ୍ରାଣେ ଅନୁଭବି
ସବୁ ଛନ୍ଦ ସବୁ ଛବି ଅସୀମରେ ହୁଅଇ
ବିଲୀନ
ନ ରହେ ସଙ୍କେତ କାହିଁ ନାହିଁ ରହେ ତିଳେ
ତା'ର ଚିହ୍ନ।
-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କରୋନାରେ ଖବରଦାତାଙ୍କ ପରଲୋକ



**ବଇଣ୍ଡା, ୧୩।୬(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଖବରଦାତା ପ୍ରଦୀପ କୁମାର ଘିୱାଲା (୪୮)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ବେଳେ ତାଙ୍କର ମୃତ୍ୟୁ ହୋଇଥିବା ସ୍ତ୍ରୀ ରେଣୁବାଳା ସାହୁ ସୂଚନା ଦେଇଛନ୍ତି। ପ୍ରଦୀପ ପ୍ରଥମେ 'ଧରିତ୍ରୀ'ର ଆଠମଲ୍ଲିକ ପ୍ରତିନିଧି ଭାବେ ସାମ୍ବାଦିକତା ଆରମ୍ଭ କରିଥିଲେ। ପରେ ସେ ବିଭିନ୍ନ ଖବରକାଗଜରେ କାମ କରିଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ବିଧାୟକ ସଞ୍ଜୀବ କୁମାର ସାହୁ, ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଭଜପା ନେତା ଭାଗୀରଥି ପ୍ରଧାନ, ବିଶ୍ୱଜିତ ମିଶ୍ର, ନୁନୁକାପଶି ସରପଞ୍ଚ ଜଳଧର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ସେକ୍ସ ର୍ୟାକେଟ୍ କିଙ୍ଗପିନ୍ ଗିରଫ

**କେନ୍ଦୁଝର, ୧୩।୬(ଡି.ଏନ୍.ଏ.):** କେନ୍ଦୁଝର ସହରରେ ଦୀର୍ଘଦିନ ହେବ ଦେହ ବେପାରର ଦଲାଲ ସାଜିଥିବା ଅଶ୍ୱିନୀ ନାୟକଙ୍କୁ ଟାଉନ ପୋଲିସ ଗିରଫ କରିଛି। ସେ ଗମ୍ଭାରିଆଠାରେ ଭଡ଼ାଘର ନେଇ ବହୁ ଝିଅଙ୍କୁ ଆଣି ବେଶ୍ୟାବୃତ୍ତିରେ ନିୟୋଜିତ କରୁଥିଲେ। ପ୍ରଥମେ ଗ୍ରାହକଙ୍କୁ ଆଣି ମୂଲଚାଲ କରିବା ପରେ ତାଙ୍କର ପସନ୍ଦ ମୁତାବକ ଝିଅ ଯୋଗାଉଥିଲେ। ଆଉ ଏଥିପାଇଁ ସେ ଭିନ୍ନ ଭିନ୍ନ ଦର ମଧ ନେଉଥିଲେ। ଜଣେ ୧୩ ବର୍ଷର ନାବାଳିକାକୁ ଆଣି ବେପାରରେ ଲଗାଇଥିବାବେଳେ ଉକ୍ତ ନାବାଳିକାଙ୍କ ଅଭିଯୋଗ କ୍ରମେ ଟାଉନ ପୋଲିସ ଏକ ମାମଲା (ନଂ.୨୧୦/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଛି। ଏଥିରେ ଦଲାଲଙ୍କ ପରିବାର ଲୋକ ମଧ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଅଶ୍ୱିନୀଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କୋରେକ୍ସ ବିକି ୨ ଗିରଫ

**ପୁରୀ ଅଫିସ, ୧୩।୬:** ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ଟାଉନ ଥାନା ପୋଲିସ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅଧୀନ ଅବକାଶ ଲେନ୍‌ର ସୌମ୍ୟ ରଞ୍ଜନ ମଲ୍ଲିକ ଓରଫ ଚିଣ୍ଟୁ ଓ ଦଉତୋଟା ଅଞ୍ଚଳର ସୁଦୀପ ଦାସ ଓରଫ ଲକି। ଏମାନଙ୍କ ନିକଟରୁ ୨୫ ବୋତଲ କୋରେକ୍ସ, ଗୋଟିଏ ବୁଲେଟ୍ (ନଂ. ଓଡି ୧୩ ଏନ୍ ୫୧୫୫) ଏବଂ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଟାଉନ ଥାନାରେ କେସ୍ ନଂ. ୧୫୬/୨୧ ରୁଜୁ ହୋଇଛି। ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ପାର୍କିଂ ଅଞ୍ଚଳରେ କୋରେକ୍ସ ବିକ୍ରି ହେଉଥିବା ଖବର ପାଇ ଟାଉନ ଥାନା ପୋଲିସର ଏକ ଟିମ୍ ଚଢାଉ କରିଥିଲା।

# ବଲାଙ୍ଗୀର, ଝାରସୁଗୁଡ଼ାରେ ଚଢ଼ାଉ

**ବଲାଙ୍ଗୀର ଅଫିସ/ ଝାରସୁଗୁଡା ଅଫିସ, ୧୩।୬**



ଡ୍ରଗ୍ସ ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପଣ୍ଡା ଅମିତ ମେଡିକାଲ ଏଜେନ୍ସିରେ ଔଷଧ ଯାଞ୍ଚ କରୁଛନ୍ତି।

**ନକଲି ଔଷଧ ଲିଙ୍କ୍**
- ମୋଦି ଫାର୍ମାସ୍ୟୁଟିକାଲ୍ସରୁ ମିଳିଲା ସନ୍ଦିଗ୍ଧ ବ୍ରାଣ୍ଡ୍
- ନମୁନା ସଂଗ୍ରହ କଲେ ଡ୍ରଗ୍ସ ଇନ୍ସପେକ୍ଟର
- କଟକରୁ ଆସିଥିଲା ସନ୍ଦିଗ୍ଧ ବ୍ରାଣ୍ଡ୍‌ର ୪୦ପେଟି ଔଷଧ

କଟକର ନକଲି ଔଷଧ ଲିଙ୍କ୍‌ରେ ବଲାଙ୍ଗୀର ଓ ଝାରସୁଗୁଡାର ବିଭିନ୍ନ ମେଡିସିନ୍ ଷ୍ଟୋରରେ ଚଢ଼ାଉ କରାଯାଉଛି। ଏହି କ୍ରମରେ ଶନିବାର ରାତିରେ ବଲାଙ୍ଗୀର ଡ୍ରଗ୍ସ ଇନ୍ସପେକ୍ଟର ବାବୁଲାଲ ଗୁଡ୍ଡୁ ସହରର ସୁଦପଡ଼ାସ୍ଥିତ ମୋଦି ଫାର୍ମାସ୍ୟୁଟିକାଲ୍ସ ହୋଲ୍‌ସେଲର ଗୋଦାମରେ ଚଢ଼ାଉ କରିଥିଲେ। ସେଠାରୁ ସନ୍ଦିଗ୍ଧ ବ୍ରାଣ୍ଡ୍ ସିନ୍‌ଜି-୫୦୦ର ୪୦ପେଟି ଔଷଧ କଟକରୁ ଆସିଥିବା ଜଣାପଡ଼ିଛି। ଉକ୍ତ ଗୋଦାମରୁ ସନ୍ଦିଗ୍ଧ ବ୍ରାଣ୍ଡ୍‌ର ଔଷଧ ନମୁନା ସଂଗ୍ରହ କରାଯାଇଥିବା ଡ୍ରଗ୍ସ ଇନ୍ସପେକ୍ଟର ଗୁଡ୍ଡୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ସନ୍ଦିଗ୍ଧ ବ୍ରାଣ୍ଡ୍‌ର ଉକ୍ତ ନମୁନାକୁ ଲ୍ୟାବ୍‌କୁ ପଠାଯିବ। ଏହାର ମାନ ପରୀକ୍ଷଣ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଔଷଧକୁ ଜବତ ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସମ୍ପୃକ୍ତ ଫାର୍ମାସ୍ୟୁଟିକାଲ୍ସ ହୋଲ୍‌ସେଲରଙ୍କୁ ସନ୍ଦିଗ୍ଧ ବ୍ରାଣ୍ଡ୍‌ର ଔଷଧ ବିକ୍ରି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ଜଣାଇଛନ୍ତି। ଏହି ହୋଲ୍‌ସେଲରଙ୍କଠାରୁ ଜିଲାର ବିଭିନ୍ନ ଔଷଧ ଦୋକାନକୁ ଉକ୍ତ ସନ୍ଦିଗ୍ଧ ବ୍ରାଣ୍ଡ୍‌ର ଔଷଧ ବିକ୍ରୟ କରାଯାଇଛି। ସେଥିରୁ କିଛି ଫେରାଇ ଅଣାଯାଇଥିବାବେଳେ ଆଉ କିଛି ଔଷଧ ଦୋକାନରୁ ବିକ୍ରୟ ହୋଇଥିବା ସେ ସୂଚନା ଦେଇଛନ୍ତି। ତେବେ ଜିଲାର ଅନ୍ୟ ଔଷଧ ହୋଲ୍‌ସେଲର ଓ ଦୋକାନଗୁଡ଼ିକରେ ସନ୍ଦିଗ୍ଧ ବ୍ରାଣ୍ଡ୍‌ର ଔଷଧ ରହିଛି କି ନାହିଁ ତାହା ତଦନ୍ତ ଓ ଯାଞ୍ଚ କରାଯିବ ବୋଲି ଗୁଡ୍ଡୁ କହିଛନ୍ତି। ସେହିପରି ଝାରସୁଗୁଡା ସରବାହାଲ ସ୍ଥିତ ଅମିତ ମେଡିକାଲ ଏଜେନ୍ସିରେ ଚଢାଉ କରି ହିମାଚଳ ପ୍ରଦେଶର ମ୍ୟାକ୍ସ ରିଲିଫ୍ ହେଲ୍‌ଥ କେୟାର କମ୍ପାନୀର କିଛି ଔଷଧ ଜବତ ହୋଇଛି। ଜବତ ଔଷଧ ମଧ୍ୟରୁ ୨୦ଟି ଲେଖାଏଁ ନମୁନା ଭୁବନେଶ୍ୱର ସ୍ଥିତ ଡ୍ରଗ୍ସ ଟେଷ୍ଟିଂ ଲାବ୍ରୋଟୋରୀକୁ ପରୀକ୍ଷା ପାଇଁ ପଠାଇଯାଇଛି ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପଣ୍ଡା କହିଛନ୍ତି।

ଶୁକ୍ରବାର କଟକର ତୁଳସୀପୁର କନିକାଛକସ୍ଥିତ ଏକ ହୋଲ୍‌ସେଲରଙ୍କ ଗୋଦାମରେ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ସେଠାରୁ ଲକ୍ଷାଧିକ ଟଙ୍କାର ଫାବିଫିରାଭିର ସମେତ ୭ ପ୍ରକାରର ନକଲି ଔଷଧ ଜବତ ହୋଇଥିଲା। କଟକର ଏହି ନକଲି ଔଷଧ କାରବାର ଲିଙ୍କ୍ ରାଜ୍ୟର ୧୧ଟି ଜିଲା ସମେତ ରାଜ୍ୟ ବାହାରକୁ ଲମ୍ବିଥିବା ଜଣାପଡ଼ିବା ପରେ ବିଭିନ୍ନ ସ୍ଥାନରେ ଛନକା ପଶିଥିଲା। କଟକରୁ ବଲାଙ୍ଗୀର ଜିଲାକୁ ମଧ ଉକ୍ତ ନକଲି ଔଷଧ ଆସିଥିବା ଜଣାପଡ଼ିବା ପରେ ବଲାଙ୍ଗୀର ଡ୍ରଗ୍ସ ବିଭାଗ ପକ୍ଷରୁ ସମ୍ପୃକ୍ତ ହୋଲ୍‌ସେଲରଙ୍କ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା।

# ବାରିପଦାରୁ ନକଲି ଔଷଧ ଜବତ

**ବାରିପଦା ଅଫିସ, ୧୩।୬**

ମୟୂରଭଞ୍ଜ ଜିଲା ବାରିପଦା ଟାଉନରେ ଥିବା ଦୁଇଟି ପାଇକାରୀ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ଉପରେ ମୟୂରଭଞ୍ଜ ଜିଲା ଔଷଧ ନିୟନ୍ତ୍ରକ ରୁଦ୍ର ନାରାୟଣ ସାହୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କା ମୂଲ୍ୟର ନକଲି ଔଷଧ ଜବତ କରାଯାଇଛି । ଜବତ ହୋଇଥିବା ଦୁଇ ପ୍ରକାର ଔଷଧର ନମୁନା ପରୀକ୍ଷଣ ନିମନ୍ତେ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଛି। ଏ ସମ୍ପର୍କରେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ ଆଇନ-୧୯୪୦ର ୧୭(ବି)(ସି) ଧାରା ଅନୁଯାୟୀ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବିରୋଧରେ ସୋମବାର ବାରିପଦା ଏସଡିଜେଏମ୍‌ଙ୍କ ଅଦାଲତରେ ମାମଲା ରୁଜୁ କରାଯିବ ବୋଲି ଔଷଧ ନିୟନ୍ତ୍ରକ ସାହୁ ପ୍ରକାଶ କରିଛନ୍ତି। ଜବତ ନକଲି ଔଷଧ ମଧ୍ୟରେ ୭୧୦୬ଟି ସ୍ନିଜି-୫୦୦ ଓ ୧୧୭୦ଟି ଏମ୍‌ଡି-ଟିବିଆର ବଟିକା ରହିଛି । ଏହି ନକଲି ଔଷଧ ହିମାଚଳ ପ୍ରଦେଶର ଏକ ହେଲ୍‌ଥ କେୟାର ସଂସ୍ଥା ଦ୍ୱାରା ପ୍ରସ୍ତୁତ ହୋଇଥିବା ଔଷଧ ଖୋଳରେ ପ୍ରିଣ୍ଟ ହୋଇଛି। କିନ୍ତୁ ପ୍ରକୃତରେ ଏଭଳି କୌଣସି ଔଷଧ ପ୍ରସ୍ତୁତକାରୀ କମ୍ପାନୀ ନ ଥିବା ଜଣାପଡ଼ିଛି। ସ୍ନିଜି-୫୦୦ ବଟିକା ଥଣ୍ଡା ରୋଗୀଙ୍କ ପାଇଁ ଏବଂ ଏମ୍‌ଡି-ଟିବିଆର ବଟିକା ଫୁଲା ଓ ବ୍ୟଥା ଆକ୍ରାନ୍ତ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିଆଯାଉଥିଲା ବୋଲି ସୂଚନା ମିଳିଛି।

# ପାଟି ସୁନାପୁରକୁ ଗୁଗ୍‌ଲ ମ୍ୟାପ୍‌ରେ ଆନ୍ଧ୍ର ଦର୍ଶାଇବାରୁ ବିରୋଧ

**ଉତ୍କଳ ସମ୍ମିଳନୀ ପକ୍ଷରୁ ଉଦ୍‌ବେଗ**

**ବ୍ରହ୍ମପୁର ଅଫିସ, ୧୩।୬**



ପାଟି ସୁନାପୁର ବେଳାଭୂମି।

ଗଞ୍ଜାମ ଜିଲା ପାଟି ସୁନାପୁରକୁ ଗୁଗ୍‌ଲ ମ୍ୟାପ୍‌ରେ ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଯାଇଥିବା ନେଇ ଉତ୍କଳ ସମ୍ମିଳନୀ ଘୋର ବିରୋଧ କରିଛି। ସମ୍ମିଳନୀ ପକ୍ଷରୁ ରବିବାର ଭିଡିଓ କନ୍‌ଫରେନ୍ସରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମିଳନୀ ଜିଲା ସଭାପତି ଡ. ସୁବ୍ରତ କୁମାର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସଂଘ ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଜିଲାର ଅନ୍ୟତମ ଆକର୍ଷଣୀୟ ବିସ୍ତୀର୍ଣ୍ଣ ବାଲୁକା ବେଳାଭୂମି ପର୍ଯ୍ୟଟନସ୍ଥଳୀ ପାଟି ସୁନାପୁରକୁ ଗୁଗ୍‌ଲ ମ୍ୟାପ୍‌ରେ ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଯାଇଥିବାରୁ ଏହାର ତୀବ୍ର ବିରୋଧ କରାଯାଇଥିଲା। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ପାଇଁ ଗୁଗ୍‌ଲ ସହ ଉଭୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିସହ ଆନ୍ଧ୍ର ବାଲି ମାଫିଆ ଓ ଚୋରାମାଛ ବେପାରୀ ଚିଲିକା ହ୍ରଦ ସୀମା ସରହଦ ଯାଏ କବ୍‌ଜା କରି କୁଇଣ୍ଟାଲ କୁଇଣ୍ଟାଲ ମାଛ ଓ ଶହ ଶହ ଟ୍ରକ୍ ବାଲି ଚୋରା ଚାଲାଣ କରିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏଣୁ ପ୍ରଶାସନ ଏହାର ପ୍ରତିକାର ପାଇଁ ସମ୍ମିଳନୀ ଦାବି କରିଥିଲା। ତତ୍‌ସହିତ ଛାତ୍ରୀଛାତ୍ରଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ ଅନ୍‌ଲାଇନ୍ ଶିକ୍ଷା ପୋର୍ଟାଲରେ ଓଡ଼ିଆ ଭାଷାକୁ ସଂଶ୍ଳିଷ୍ଟ କରାଯାଇ ନ ଥିବାରୁ ସମ୍ମିଳନୀ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଥିଲା। କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଅଣଦେଖା କରିପାରିବେ ନାହିଁ ବୋଲି ସଭାପତି ସାହୁ କହିଥିଲେ। ସମ୍ମିଳନୀ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡା. ନକୁଳ ସାହୁ, ଅବସରପ୍ରାପ୍ତ ଅଧକ୍ଷ ଡ. ବନମାଳୀ ପାଣିଗ୍ରାହୀ, ସମ୍ମିଳନୀର ରାଜ୍ୟ ପରିଷଦ ସଦସ୍ୟ କାହ୍ନୁ ବାଳକୃଷ୍ଣ ବିହାରୀ ଓ ନୃସିଂହ ପ୍ରସାଦ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭଗବତୀ ପୀଠ, ଚନ୍ଦ୍ରଭାଗାରେ ୧୪୪ ଧାରା

**ରଜ ପାଇଁ କଟକଣା**

**କୋଣାର୍କ, ୧୩।୬(ଡି.ଏନ୍.ଏ.)**

ଐତିହ୍ୟ ଓ ସଂସ୍କୃତିର ପର୍ବ ରଜ ପାଇଁ କୋଣାର୍କ ଅତିରିକ୍ତ ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ କୋଣାର୍କସ୍ଥିତ ଭଗବତୀ ପୀଠ ଓ ଚନ୍ଦ୍ରଭାଗାଠାରେ କଟକଣା ଜାରି କରାଯାଇଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ୨ଗୋଟି ସ୍ଥାନରେ ୧୪୪ଧାରା ଜାରି କରାଯାଇଛି। ସୂଚନାଯୋଗ୍ୟ, ଗଣପର୍ବ ରଜରେ ଭଗବତୀ ପୀଠ ଓ ଚନ୍ଦ୍ରଭାଗାରେ ଜନସମାଗମ ଉପରେ ରୋକ ଲଗାଇବା ସହ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସୋମବାରଠାରୁ ୧୬ତାରିଖ ପର୍ଯ୍ୟନ୍ତ(୩ଦିନିଆ) ୧୪୪ଧାରା ଜାରି ହୋଇଛି। ଏହି ସବୁ ସ୍ଥାନରେ ରଜପର୍ବ ଅବସରରେ ପ୍ରବଳ ଜନସମାଗମ ହୋଇଥାଏ। ଏବେ କରୋନା ସଂକ୍ରମଣ ଭୟ କମି ନ ଥିଲେ ମଧ ବଢୁଥିବା ସଂକ୍ରମଣର ସ୍ତରକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା କୋଣାର୍କ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ପରିଡ଼ା ପ୍ରକାଶ କରିଛନ୍ତି। ଏହି ଆଇନର ଖୋଲା ଉଲ୍ଲଂଘନ କରାଯାଇ ସମାଗମ କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ପରିଡା ସୂଚନା ଦେଇଛନ୍ତି।

# ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି।

**ଏମ୍‌ଭି ୭୯, ୧୩।୬(ଡି.ଏନ.ଏ.)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର କାଣ୍ଡକାପାରା ପୋଲିସ ନିକଟରେ ଶନିବାର ଅପରାହ୍ନରେ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କୋରସା ଲାଚୁ (୩୨) ଓ ତାଙ୍କ ସ୍ତ୍ରୀ କୋରସା ଅନିତା(୨୯)। ଉଭୟେ ମାଓବାଦୀଙ୍କ ବିଜାପୁର ଜିଲା ଗଙ୍ଗାଲୁର କ୍ଷେତ୍ର କମିଟିରେ କାର୍ଯ୍ୟ କରୁଥିଲେ। ମାଓବାଦୀଙ୍କ ଥଇଥାନ ପାଇଁ ଛତିଶଗଡ଼ ସରକାରଙ୍କ ପକ୍ଷରୁ ହୋଇଥିବା ଯୋଜନାରେ ଆକୃଷ୍ଟ ହୋଇ ଆତ୍ମ ସମର୍ପଣ କରିଥିବା କହିଛନ୍ତି ଏହି ମାଓବାଦୀ ଦମ୍ପତି। କୋରସା ଲାଚୁ ମାଓବାଦୀ ସଙ୍ଗଠନରେ ୨୦୦୨ରେ ଯୋଗ ଦେଇଥିଲେ। ସଡ଼କ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟର ପୋଡି, ନାଇମେଣ୍ଡ ବଜାରରେ ଆସିଷ୍ଟାଣ୍ଟ କନଷ୍ଟେବଲ ତେଲାମ ମାରୁମଙ୍କ ହତ୍ୟାରେ ସେ ସମ୍ପୃକ୍ତ ଥିଲେ। ଅନିତା ୨୦୦୩ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ତାଙ୍କୁ ଘୁମରାର ବାଲସାଙ୍ଗମ ପଦରେ ରଖାଯାଇଥିଲା। ଗ୍ରାମାଞ୍ଚଳରେ ମହିଳା ସଙ୍ଗଠନ କରିବା, ଯୁବତୀମାନଙ୍କୁ ମାଓବାଦୀ ସଙ୍ଗଠନକୁ ଆଣିବା ତାଙ୍କ ଦାୟିତ୍ୱ ଥିଲା। ସେ ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ଜଡିତ ଥିଲେ। ଆତ୍ମସମର୍ପଣ ପରେ ସେମାନଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯାଇଥିବା ଏସ୍‌ପି କମଲ ଲୋଚନ କଶ୍ୟପ କହିଛନ୍ତି।

# ବଣ୍ଡାଘାଟିର ପଦ୍ମାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ମାଲକାନଗିରି, ୧୩।୬ (ଡି.ଏନ.ଏ.)**



ଅଣ୍ଡ୍ରାହଲ ପଞ୍ଚାୟତର ଅଣ୍ଡ୍ରାହଲ ଗ୍ରାମରେ ପଦ୍ମା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

କରୋନା କାଳରେ ସ୍ୱାସ୍ଥ୍ୟ ବିଭାଗ, ସଫେଇ, ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ଅନେକ ମାତ୍ରାରେ ସଂକ୍ରମଣକୁ ରୋକିବା ଓ ଏହାର ମୁକାବିଲାରେ ସରକାର ସଫଳ ହୋଇଛନ୍ତି। ଏଭଳି ସ୍ଥିତିରେ ମାଲକାନଗିରି ଜିଲା ବଣ୍ଡା ଜନଜାତି ଅଞ୍ଚଳର ଅଣ୍ଡ୍ରାହଲ ପଞ୍ଚାୟତରେ କାର୍ଯ୍ୟ କରୁଥିବା କେତେକ ଆଶାକର୍ମୀଙ୍କ ପ୍ରୟାସ ଓ ନିରନ୍ତର ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଅଣ୍ଡ୍ରାହାଲ ପଞ୍ଚାୟତରେ ଆଶାକର୍ମୀ ପଦ୍ମା ପାଙ୍ଗି ଅଞ୍ଚଳବାସୀଙ୍କୁ କରୋନା ସଂକ୍ରମଣ ସମ୍ପର୍କରେ ସଚେତନତା କରୁଛନ୍ତି। ସେମାନଙ୍କୁ ମାସ୍କ ବ୍ୟବହାର ସହ ସାମାଜିକ ଦୂରତା ବଜାୟ ରଖିବା ପାଇଁ ବୁଝାଉଥିବାରୁ ପ୍ରଶଂସାର ପାତ୍ର ପାଲଟିଛନ୍ତି। ସେ ପ୍ରତିଦିନ ସମସ୍ତଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ଆସନ୍ନ ପ୍ରସବା କିମ୍ବା ରୋଗରେ ପୀଡ଼ିତଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଡାକି ଡାକ୍ତରଖାନା ନେଉଛନ୍ତି। ପଦ୍ମା ନିଜ ସହକର୍ମୀଙ୍କ ସହିତ ପ୍ରତିମାସ ୯ରେ ଅଣ୍ଡ୍ରାହାଲ ପଞ୍ଚାୟତରେ ବୁଲିବୁଲି ଗର୍ଭବତୀଙ୍କୁ ଏକାଠି କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ମୁଦୁଲିପଡ଼ା ଡାକ୍ତରଖାନା ନିଅନ୍ତି। ଅଣ୍ଡ୍ରାହାଲ ଭଳି ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ରାସ୍ତାଘାଟ ଓ ଯୋଗାଯୋଗ ସମସ୍ୟା ରହିଥାଏ। ଏସବୁ ପଦ୍ମାଙ୍କୁ ସମ୍ମୁଖୀନ ହେବାକୁ ପଡେ। ତାଙ୍କର ଏପରି ଅବିରତ ସେବା ମନୋବୃତ୍ତିକୁ ଟୁଇଟ୍ କରି ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ। ପଦ୍ମାଙ୍କ ସେବାପାଇ ଅଞ୍ଚଳବାସୀ ମଧ ତାଙ୍କର ପ୍ରଶଂସା କରିଛନ୍ତି।

# ବ୍ରାଉନ ସୁଗାର ଜବତ, ୨ ଗିରଫ

**ପୁରୀ ଅଫିସ, ୧୩।୬:** ବ୍ରାଉନ ସୁଗାର କାରବାର ଅଭିଯୋଗରେ ବାସେଳିସାହି ଥାନା ପୋଲିସ ରବିବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ଅକ୍ଷୟ ବେହେରା ଓରଫ ନଣ୍ଡା ଏବଂ ଟାଉନ ଥାନା ଅଧୀନ ଚୁଡ଼ଙ୍ଗସାହି ଅଞ୍ଚଳର ବୁଦ୍ଧାନ ସ୍ୱାଇଁ। ପୋଲିସ ଦୁଇ ଅଭିଯୁକ୍ତଙ୍କଠାରୁ ୫ଗ୍ରାମ ୩୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏନେଇ କେସ୍ ନଂ. ୧୦୫/୨୧ ରୁଜୁ ହୋଇଛି। ବାସେଳି ସାହି ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର ହେଉଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା।

# ଗୁଣି ସନ୍ଦେହରେ ବାପ, ପୁଅଙ୍କୁ ହତ୍ୟା



ପୋଲିସ ତଦନ୍ତ କରୁଛି।

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୧୩।୬(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନା ମୁଠାଗୁଡ଼ା ଗାଁରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁଣି ସନ୍ଦେହରେ ବାପ, ପୁଅଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସେମାନେ ହେଲେ ମୁଠାଗୁଡ଼ା ଗାଁର ଲୁକ ଦଳବେହେରା ଓ ତାଙ୍କ ପୁଅ ଅନକ। ସ୍ଥାନୀୟ ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତିକରି ରବିବାର ପୋଲିସ ନଂ.୬୩/୨୧ରେ ୧୦ ଜଣଙ୍କ ନାଁରେ ମାମଲା ରୁଜୁକରିଛି। ସନ୍ଦେହରେ ୪ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଅଡବା ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, କିଛିଦିନ ପୂର୍ବରୁ ଗାଁରେ ଜଣେ ନାବାଳକର ମୃତ୍ୟୁ ଘଟିଥିଲା। ଲୁକ ଦଳବେହେରା ଗୁଣି କରି ଲୋକଙ୍କୁ ହତ୍ୟା କରୁଛି ବୋଲି ଗ୍ରାମର କେତେକ ଲୋକ ସନ୍ଦେହ କରୁଥିଲେ। ଏ ନେଇ ଶନିବାର ସନ୍ଧ୍ୟାରେ ଗାଁର କିଛି ଲୋକ ଏକ ବୈଠକ କରିଥିଲେ। ବୈଠକରେ ବାପ ପୁଅଙ୍କୁ ଡାକି ନିକଟସ୍ଥ ଜଙ୍ଗଲକୁ ନେଇଥିଲେ। ସେଠାରେ ଉଭୟଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ଲୁକଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଅନକ ସେଠାରୁ ଖସି ପଳାଇଥିଲେ। ରାତିରେ ଘରେ ଅନକଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆର.ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ କୁମାର ନାୟକ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ।

# 'ଶିକ୍ଷାର ବିକାଶରେ ବିଜୟ ସାହୁ ଜଣେ ମାର୍ଗଦର୍ଶକ'

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**



ଭର୍ଚୁଆଲ ସ୍ମୃତିସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପରିବାର ତରଫରୁ ରବିବାର ଶିକ୍ଷାବିତ୍ ସ୍ୱର୍ଗତ ଡ. ବିଜୟ କୁମାର ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ଭର୍ଚୁଆଲ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏଥିରେ ଅଧକ୍ଷତା କରି ଶିକ୍ଷାର ବିକାଶରେ ସ୍ୱର୍ଗତ ସାହୁଙ୍କୁ ଜଣେ ଯଥାର୍ଥ ମାର୍ଗଦର୍ଶକ ବୋଲି ଅଭିହିତ କରିଥିଲେ। ସ୍ୱର୍ଗତ ସାହୁ ଜଣେ ଦୂରଦର୍ଶୀ, ଜିଜ୍ଞାସୁ ବ୍ୟକ୍ତି ଥିଲେ। ଶିକ୍ଷା ବ୍ୟବସ୍ଥାର ଉନ୍ନତି ଏବଂ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇ ସେମାନଙ୍କୁ ବୌଦ୍ଧିକ ବିକାଶ ଦିଗରେ ଅଗ୍ରସର କରାଇବା ପାଇଁ ସେ ଯତ୍ନଶୀଳ ଥିଲେ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ବିଜୟ ବାବୁଙ୍କ ନିଷ୍ଠା, ପ୍ରତିଶ୍ରୁତିବଦ୍ଧତା, ସ୍ୱପ୍ନ, ଇଚ୍ଛାଶକ୍ତି ଏବଂ ଈଶ୍ୱର ଭକ୍ତି ହିଁ ତାଙ୍କୁ ଆଗକୁ ନେଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ବିଦ୍ୟାଳୟ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାର ପ୍ରମୁଖ ସଭାରେ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ସାହୁଙ୍କ ଝିଅ ଜିଗୀଷା ଏବଂ ଦୁଇପୁତ୍ର ବିଶାଲ ଓ ବିକ୍ରମ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରମୁଖ ଶାସନ ସଚିବଙ୍କ କଣ୍ଠଦାନରେ ପ୍ରସ୍ତୁତ ହୋଇଥିବା ଏକ ଭିଡିଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟ ପରିବାରର ଅଧକ୍ଷ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଗଛରେ ଚଢ଼ି କଥା ହୁଅନ୍ତି ଯବାନ

**ଆସୁନି ମୋବାଇଲ୍ ନେଟ୍‌ୱର୍କ**

**ଏମ୍‌ଭି ୭୯, ୧୩।୬(ଡି.ଏନ.ଏ.)**



ଏହି ଗଛରେ ଚଢ଼ି ଯବାନମାନେ ଫୋନରେ କଥା ହୁଅନ୍ତି।

ଦେଶମାତୃକାର ସୁରକ୍ଷା ପାଇଁ ଆମ ଯବାନମାନେ ଘର, ପରିବାରଠାରୁ ଦୂରେଇ ଯାଇ ହଜାରହଜାର କିମି ଦୂରରେ ରହୁଛନ୍ତି। ଏପରିକି କିଛି ଅଘଟଣ ଘଟିବା ଖବର ପାଇଲେ ସେମାନେ ହଠାତ୍ ଆସିପାରୁନାହାନ୍ତି। ସବୁ ଦୁଃଖକୁ ନିଜ ଭିତରେ ଚାପି ରଖି ନିଜ ସେବା ଜାରି ରଖିଛନ୍ତି। ବର୍ତ୍ତମାନ ସମୟରେ ପରିବାର ସହ ଯୋଗାଯୋଗର ଏକ ପ୍ରମୁଖ ମାଧ ପାଲଟିଛି ମୋବାଇଲ ଫୋନ। ଏହାଦ୍ୱାରା ସେମାନେ ପରିବାର ପରିଜନଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟିଥାନ୍ତି। ତେବେ ଛତିଶଗଡର ଏଭଳି ଏକ ଆଇଟିବିପି କ୍ୟାମ୍ପ ରହିଛି, ସେଠାରେ ରହୁଥିବା ଯବାନମାନେ ମୋବାଇଲ ନେଟ୍‌ୱର୍କ ପାଉ ନ ଥିବାରୁ କ୍ୟାମ୍ପ ବାହାରେ ଥିବା ଏକ ଗଛ ଉପରେ ଚଢି ସେମାନେ ପରିବାର ଲୋକଙ୍କ ସହ କଥା ହୋଇଥାନ୍ତି। ସେହି ଗଛ ଉପରେ ଚଢିଲେ ହିଁ ଯବାନମାନଙ୍କ ଫୋନରେ ନେଟ୍‌ୱର୍କ ଆସିଥାଏ। କୋଣ୍ଡାଗାଁଓର ହାଡେଲିରେ ଥିବା ଏହି କ୍ୟାମ୍ପର ଯବାନମାନଙ୍କୁ ସେମାନଙ୍କ ପରିବାର ସହ ଟିକେ କଥାବାର୍ତ୍ତା ହେବାକୁ ହେଲେ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଯବାନମାନେ ପ୍ରଥମେ ଏହି ଗଛରେ ଏକ ଲମ୍ବା ବାଉଁଶ ବାନ୍ଧନ୍ତି। ପରେ ସେମାନେ ଗଛ ଉପରକୁ ଚଢି ପରିବାର ଲୋକଙ୍କ ସହ କଥା ହୋଇଥାନ୍ତି। ଏ ସମ୍ପର୍କରେ କୋଣ୍ଡାଗାଁଓ ଏସ୍‌ପି ସିଦ୍ଧାର୍ଥ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଜିଲାର ସମସ୍ତ ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କରେ ପହଞ୍ଚାଇବା ସରକାର ଏବଂ ପ୍ରଶାସନର ଦାୟିତ୍ୱ। ଏନେଇ ପ୍ରଶାସନକୁ ଅବଗତ କରାଯାଇଛି। ଶୀଘ୍ର ଆମ ଅଞ୍ଚଳରେ ନେଟ୍‌ୱର୍କ ଉପଲବ୍ଧ ହେବ ବୋଲି ଆଶା କରୁଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୧୪ ଜୁନ୍, ୨୦୨୧

## ଖପୁରି, ହାଡ଼ ଜବତ, ମାମଲା ରୁଜୁ

**ହିଞ୍ଜିଳିକାଟୁ, (ଡି.ଏନ.ଏ.):** ହିଞ୍ଜିଳି ଥାନା ବଳରାମପୁର ଗ୍ରାମର ଖଜୁରୀ ବନ୍ଧ ନିକଟରେ ଶନିବାର ମଣିଷ ଖପୁରି ଓ କିଛି ହାଡ ଠାବ ହୋଇଥିଲା। ଗ୍ରାମର କିଛି ଲୋକ ବୁଦା ନିକଟରେ ଦେଖିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ପହଞ୍ଚି ରବିବାର ଖପୁରି ଓ ହାଡକୁ ଜବତ କରିଛି। ଏ ନେଇ ନଂ. ୫/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜବତ ଖପୁରି ଓ ହାଡକୁ ଫରେନ୍ସିକ ଲ୍ୟାବ୍‌କୁ ପଠାଇ ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଘରୋଇ କଳିକୁ ନେଇ ଯୁବକଙ୍କ ଆତ୍ମହତ୍ୟା

**ଆର.ଉଦୟଗିରି,୧୩।୬(ଡି.ଏନ.ଏ.):** ଘରୋଇ କଳିକୁ ନେଇ ଆର.ଉଦୟଗିରି ଥାନାର ଛେଳିଗଡ ଗ୍ରାମ ନିକଟ ତିଳିଗାଁର ତ୍ରିନାଥ ସାହୁ (୪୫) ଶନିବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଆର.ଉଦୟଗିରି ପୋଲିସ ପହଞ୍ଚି ତେନ୍ତୁଳି ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ନଂ. ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଭାଉଜଙ୍କୁ ଆକ୍ରମଣ କରି ୨ ନଣନ୍ଦ, ନଣନ୍ଦେଇ ଗିରଫ

**ପୋଲସରା,୧୩।୬(ଡି.ଏନ.ଏ.):** ପୋଲସରା ଥାନା ମଧୁସୂଦନପୁର ଗ୍ରାମରେ ଶୁକ୍ରବାର ସମ୍ପତ୍ତିକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ମାମଲାରେ ପୋଲିସ ଶନିବାର ସମ୍ପୃକ୍ତ ମହିଳାଙ୍କ ୨ ନଣନ୍ଦ ଓ ନଣନ୍ଦେଇଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅନିତା ସାହୁ, ଝିଲି ପ୍ରଧାନ ଓ ସନ୍ନ୍ୟାସୀ ପ୍ରଧାନ। ଏ ନେଇ ନଂ. ୧୯୪/୨୧ରେ ମାମଲା ରୁଜୁ ହୋଇଛି। ସମ୍ପତ୍ତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ଲାଗି ରହିଥିଲା; ଯାହାକୁ ନେଇ ଦୁଇ ନଣନ୍ଦ ଓ ନଣନ୍ଦେଇ ତ୍ରିଲୋଚନ ପୋଲେଇଙ୍କ ସ୍ତ୍ରୀ ସର୍ଗିତା ପୋଲେଇଙ୍କୁ ଯୌତୁକ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ତ୍ରିଲୋଚନଙ୍କ ମା' ସୁକାନ୍ତିଙ୍କୁ ମଧ ଆକ୍ରମଣ କରାଯାଇଥିବା ନେଇ ପୋଲିସ ନଂ. ୧୯୫/୨୧ରେ ମାମଲା ରୁଜୁ କରିଛି।

### ଧର୍ମପରାୟଣା ମହିଳାଙ୍କ ବିୟୋଗ



**ଭଞ୍ଜନଗର,୧୩।୬ (ଡି.ଏନ୍.ଏ.):** ସମାଜସେବୀ ତଥା ଧର୍ମ ପରାୟଣା ମହିଳା ତ୍ରିବେଣୀ ପ୍ରଧାନ (୭୦)ଙ୍କ ରବିବାର ପରଲୋକ ଘଟିଛି। ସେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଶାଶୁ ଅଟନ୍ତି। ତ୍ରିବେଣୀ କରୋନା ସଂକ୍ରମିତ ହୋଇ ବ୍ରହ୍ମପୁରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଅପରାହ୍ନରେ ସ୍ଥାନୀୟ ବେଲେଶ୍ୱର ପୀଠ ନିକଟରେ କୋଭିଡ୍ ନିୟମ ପ୍ରକାରେ ତ୍ରିବେଣୀଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ମୁଜାଗଡ଼, ଅଗଝୋଳ ଗ୍ରାମବାସୀ ଏବଂ ହେଲପିଙ୍ଗ୍ ହ୍ୟାଣ୍ଡର ସଭ୍ୟ ଅନ୍ତିମ ସତ୍କାରରେ ସହଯୋଗ କରିଥିଲେ।

### ବଟି ମାଗି ୨ ଯୁବକ ଗିରଫ

**ଜଗନ୍ନାଥପ୍ରସାଦ,୧୩।୬(ଡି.ଏନ.ଏ.):** ବଟି ମାଗିବା ଅଭିଯୋଗରେ ଜଗନ୍ନାଥପ୍ରସାଦ ପୋଲିସ ରବିବାର ସ୍ଥାନୀୟ ୨ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତୁଳସୀ ନନ୍ଦ ଓ ଶ୍ରୀକାନ୍ତ ପଣ୍ଡା। ଜଗନ୍ନାଥପ୍ରସାଦ ବ୍ଲକ କଣ୍ଡରସିଂ ବୋଡା ନଦୀ ବନ୍ଧ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ତୁଳସୀ ଓ ଶ୍ରୀକାନ୍ତ ନଦୀ ବନ୍ଧ କରୁଥିବା ଠିକାଦାର ବି.କରଡ଼ାବାଡ଼ି ଗ୍ରାମର ଟୁକୁନା ପୋଲାଇଙ୍କୁ ଏକ ଲକ୍ଷ ଟଙ୍କା ବଟି ମାଗିଥିଲେ। ଟଙ୍କା ନ ଦେବା ଯାଏ କାମ ବନ୍ଦ ରଖିବାକୁ କହିଥିଲେ। ଟଙ୍କା ନ ଦେଇ ଯଦି କାମ ଆରମ୍ଭ ହୁଏ ତେବେ ଠିକାଦାରଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଠିକାଦାରଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୯୧/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଗୋଟିଏ ବାଇକ୍ ଜବତ କରିଛି।

### ପଞ୍ଚାୟତ ସମିତି ବୈଠକ

**ଆର.ଉଦୟଗିରି,୧୩।୬(ଡି.ଏନ୍.ଏ.):** ମୋହନା ବ୍ଲକରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ସୁଖୀ ଶବର ଅଧକ୍ଷତା କରିଥିଲେ। ଉପାଧକ୍ଷ ବାଲ୍ମୀନା ଅଧିକାରୀ ମଧ ଉପସ୍ଥିତ ଥିଲେ। ନୂତନ ବିଡିଓ ସ୍ୱାର୍ଥକ ସୌରଭ ମହାପାତ୍ର ଚଳିତବର୍ଷ ବ୍ଲକ ମାଧମରେ ବିଭିନ୍ନ ଯୋଜନା ସହାୟତାରେ ହେବାକୁ ଥିବା କାର୍ଯ୍ୟଗୁଡିକର ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ୨ ଜଣ ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟ ଏବଂ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିପିଇଓ ନରସିଂହ ମଣ୍ଡଙ୍ଗୀ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ପଞ୍ଚାୟତ ଏବଂ ବ୍ଲକ ଜରିଆରେ କି କାର୍ଯ୍ୟ କରାଯିବ ସେ ନେଇ ଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ବୈଠକ କରାଯାଇଥିବା କହିଥିଲେ। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ରହି ପଞ୍ଚମ ଅର୍ଥ କମିଶନ ଯୋଜନା ମାଧମରେ କି କି କାର୍ଯ୍ୟ କରାଯିବ ତାହାର ବି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର କରୋନା ଦାଉରୁ ଦୂରେଇ ରହିବା ନେଇ ବୁଝାଇଥିଲେ।

# ଖାଦ୍ୟ ପାଇଁ ହାତୀ-ମଣିଷ ଲଢ଼େଇ

## କୋଭିଡ୍ ଯୋଗୁ ହାତୀ ଗଣନାରେ ବିଳମ୍ବ

- ଜଙ୍ଗଲରେ ଖାଦ୍ୟ ବ୍ୟବସ୍ଥା ହେଉ
- ୭ ବର୍ଷରେ ୫୪୫ ହାତୀ, ୬୬୧ ଲୋକ ମଲେଣି

**ଭଞ୍ଜନଗର,୧୩।୬(ଡି.ଏନ.ଏ.)**

ପ୍ରତି ୨ବର୍ଷରେ ଥରେ ରାଜ୍ୟରେ ହାତୀ ଗଣନା ହୋଇଥାଏ। ୨୦୧୭ରେ ହାତୀ ଗଣନା ହୋଇଥିଲା । ଏହାପରେ ୨୦୧୯ରେ ଗଣନା ବଦଳରେ ୨୦୨୦ରେ ଗଣନା ପାଇଁ ପ୍ରସ୍ତୁତି ଚାଲିଥିଲା। କରୋନା ଯୋଗୁ ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡ ସମେତ ଅନ୍ୟାନ୍ୟ ସ୍ଥାନରେ ଗଣନା ହୋଇପାରି ନ ଥିଲା । ୨୦୨୧ ଶେଷ ଆଡ଼କୁ ହାତୀ ଗଣନା ହେବାର ଯୋଜନା ରହିଛି । ୨୦୧୦ରେ ରାଜ୍ୟରେ ୧୮୮୬ ହାତୀ ଥିବାବେଳେ ୨୦୧୭ରେ ତାହା ବୃଦ୍ଧି ପାଇ ୧୯୭୬ରେ ପହଞ୍ଚିଛି। ୨୦୧୨ରେ ୧୯୩୦ ହାତୀ ଥିବାବେଳେ ୨୦୧୫ରେ ୧୯୫୪ ହାତୀ ରାଜ୍ୟରେ ଥିଲେ । ଖାଦ୍ୟ ପାଇଁ ଅଧିକାଂଶ ସମୟରେ ହାତୀ-ମଣିଷ ଲଢ଼େଇ ହେଉଛି । ତେଣୁ ଜଙ୍ଗଲରେ ହାତୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ବ୍ୟବସ୍ଥା ହେଉ। ହାତୀମାନେ ଜଙ୍ଗଲରୁ ବାହାରି ଚାଷୀଙ୍କର ପ୍ରମୁଖ ଫସଲ କ୍ଷତି କରୁଛନ୍ତି । ଏହି ସମୟରେ ହାତୀ ସହ ମଣିଷ ମୁହାଁମୁହିଁ ହେଉଛି। ଗଞ୍ଜାମ ଜିଲାର ବିରଳ କୃଷ୍ଣସାର ମୃଗଙ୍କ ଖାଦ୍ୟ ପାଇଁ ଯେଉଁଭଳି ଲୋକଙ୍କ ଜମିରେ ମୁଗ, ବିରି ଜଙ୍ଗଲ ବିଭାଗ ପକ୍ଷରୁ ଚାଷ କରାଯାଉଛି ସେହିଭଳି ହାତୀଙ୍କ ପାଇଁ ଜଙ୍ଗଲରେ କିଛି ଖାଦ୍ୟ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି । ପର୍ଯ୍ୟାପ୍ତ ପାଣି ପାଇଁ ପୋଖରୀ ଖୋଳାଯିବା ସହ ଆମ୍ବ, ପଣସ, ବର ଗଛ, କଦଳୀ, ବୁଣା ଧାନ ପ୍ରମୁଖ ଚାଷ କରିବାକୁ ପଡ଼ିବ।

ଏହାହେଲେ ହାତୀମାନେ ଜଙ୍ଗଲରୁ ଆଉ ପ୍ରାୟ ବାହାରକୁ ଆସିବେ ନାହିଁ । ଏହାଦ୍ୱାରା ହାତୀ- ମଣିଷ ଲଢ଼େଇ କମିଯିବ। ଏଥିସହ ହାତୀ, ମଣିଷ ମୃତ୍ୟୁ ହାରକୁ ମଧ୍ୟ କମାଯାଇପାରିବ । ୨୦୧୪ ମାର୍ଚ୍ଚରୁ ୨୦୨୧ ଜୁନ୍ ୧୦ ତାରିଖ ସୁଦ୍ଧା ରାଜ୍ୟରେ ୫୪୫ ହାତୀଙ୍କର ବିଭିନ୍ନ କାରଣ ଯୋଗୁ ମୃତ୍ୟୁ ଘଟିଛି। ଏଥିସହ ହାତୀ- ମଣିଷ ମୁହାଁମୁହିଁ ହୋଇ ହାତୀ ଆକ୍ରମଣରେ ୬୬୧ଜଣଙ୍କର ମୃତ୍ୟୁଘଟି ଥିବାବେଳେ ୫୭୬ ଆହତ ହୋଇଛନ୍ତି । ସେହିଭଳି ଗଞ୍ଜାମ ଜିଲାରେ ଏହି ସମୟ ମଧ୍ୟରେ ୧୯ ହାତୀ ମୃତ୍ୟୁବରଣ କରିଛନ୍ତି। ହାତୀ ଆକ୍ରମଣରେ ୧୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଆହତ ହୋଇଥିବା ଓଡ଼ିଶା ବନ୍ୟପ୍ରାଣୀ ସୁରକ୍ଷା ସମିତି ରେକର୍ଡରୁ ତାହା ଜଣାପଡ଼ିଛି । ଅପରପକ୍ଷେ ବିଗତ ୨ମାସ ମଧ୍ୟରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଢଉପଲ୍ଲୀରେ ଗୋଟିଏ ଦନ୍ତାହାତୀର ମୃତ୍ୟୁ ଘଟିଥିବା ବେଳେ ଏହାପୂର୍ବରୁ ଦକ୍ଷିଣ ଘୁମୁସର ବନଖଣ୍ଡର ସୋରଡ଼ା ରେଞ୍ଜରେ ଆଉ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା ।

ଏନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କୋଭିଡ୍ ୧୯ ଯୋଗୁ ଗଣନାରେ ବାଧା ଉପୁଜିଛି । ନିର୍ଦ୍ଦେଶ ଆସିଲେ ଗଣନା କାର୍ଯ୍ୟ ଆରମ୍ଭ ହେବ । ହାତୀ ଏବଂ ମଣିଷର ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ।

# ଚେକ୍‌ଡ୍ୟାମ ମରାମତି କରୁଛି ଆନ୍ଧ୍ର



ଆନ୍ଧ୍ର ସରକାରଙ୍କ ଦ୍ୱାରା ଘାଇ ମରାମତି କରାଯାଉଛି।

**ଗୋଷାଣୀ,୧୩।୬**

ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗର ଏକ ଚେକ୍‌ଡ୍ୟାମ ମରାମତି କାର୍ଯ୍ୟ ଆନ୍ଧ୍ର ସରକାର କରୁଛନ୍ତି। ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବଡ଼ଗୋଷାଣୀ ପଞ୍ଚାୟତ ଜଙ୍ଗଲପାଡୁ ଗ୍ରାମର ଏହି ପୁରାତନ ଚେକ୍‌ଡ୍ୟାମ (ବଡ଼ଗଡ଼ା) ଭୁଶୁଡ଼ିବା ଅବସ୍ଥାରେ ରହିଥିବା ନେଇ ଚାଷୀମାନେ ବହୁବାର କ୍ଷୁଦ୍ର ଜଳସେଚନ ବିଭାଗକୁ ଜଣାଇଥିଲେ। ମାତ୍ର କେନାଲରୁ ଲଟାବୁଦା ସଫା ଏବଂ ଚେକଡ୍ୟାମ ରକ୍ଷଣାବେକ୍ଷଣ ଲାଗି କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଚେକଡ୍ୟାମରେ ବଡ଼ ଘାଇ ସୃଷ୍ଟି ହୋଇ ପାଣି ରହୁ ନ ଥିବାରୁ ଓଡ଼ିଶା ଓ ଆନ୍ଧ୍ର ଚାଷୀମାନଙ୍କ ଜମିରେ ଧାନ ଏବଂ ଅନ୍ୟାନ୍ୟ ଫସଲ ହୋଇପାରୁନାହିଁ। ଓଡ଼ିଶା ସରକାର କିମ୍ବା ସ୍ଥାନୀୟ ରାଜନୈତିକ ନେତୃବୃନ୍ଦ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଆନ୍ଧ୍ର ସରକାର ବାଧହୋଇ ଏହି ଘାଇ ମରାମତି କରୁଛନ୍ତି। ଏହି ଘାଇ ସମ୍ପୂର୍ଣ୍ଣ ମରାମତି ହେଲେ ଓଡ଼ିଶାର ଶହେ ହେକ୍ଟର ଓ ଆନ୍ଧ୍ରର ୫ ଶହରୁ ଊର୍ଦ୍ଧ୍ୱ ଏକର ଜମିରେ ଚାଷ ହୋଇପାରିବ। ସୂଚନାଯୋଗ୍ୟ, ଜଳସେଚନ ବିଭାଗର ଘାଇ ପାଖରେ ଥିବା ପମ୍ପହାଉସ କେତେବେଳେ ଯେ ଭୁଶୁଡ଼ି ପଡ଼ିବ ତାହା କହି ହେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

# ଶିଶୁଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟ ଅନୁଧାନ କଲେ ଏଡିଏମ୍

**ଛତ୍ରପୁର,୧୩।୬(ଡି.ଏନ୍.ଏ.)**

## ଗଞ୍ଜାମରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ନେଲେଣି ପ୍ରଥମ ଡୋଜ୍ ଟିକା



ଏଡିଏମ ଅନୁଧାନ କରୁଛନ୍ତି।

ଗଞ୍ଜାମ ଜିଲାରେ କରୋନା ଟିକାକରଣ ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିଲାରେ ଶନିବାର ସୁଦ୍ଧା ୬ ଲକ୍ଷ ୪୩ ହଜାର ୮୮୧ ଜଣଙ୍କୁ ଟିକାର ପ୍ରଥମ ଡୋଜ ଦିଆଗଲାଣି। ସେଥିମଧ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱର ୫ ଲକ୍ଷ ୧୫ ହଜାର ୧୯୭ ଜଣ ଥିବାବେଳେ ୧୮ରୁ ୪୪ ବର୍ଷ ବୟସର ୧ ଲକ୍ଷ ୨୮ ହଜାର ୬୮୪ ଜଣ ଟିକା ନେଇଛନ୍ତି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ହସ୍ପିଟାଲ ଓ ବ୍ରହ୍ମପୁରରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକେ ଟିକା ନେଉଛନ୍ତି। କେବଳ ବ୍ରହ୍ମପୁର ଓ ଛତ୍ରପୁରରେ ୧୮ରୁ ୪୪ ବର୍ଷ ବର୍ଗଙ୍କ ଟିକାକରଣ ସୁବିଧା ଅଛି।

୪୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗଙ୍କ ପାଇଁ ଜିଲାରେ ୧୧ ହଜାର ୬୦ ଟିକା ମହଜୁଦ ଥିବାବେଳେ ୧୮ରୁ ୪୪ ବର୍ଷ ବର୍ଗଙ୍କ ପାଇଁ ୬ ହଜାର ଟିକା ମହଜୁଦ ଅଛି। ଏପରି ମୋଟ ୧୭ ହଜାର ୬୦ ଟିକା ମହଜୁଦ ରହିଥିବା ସୂଚନା ଦିଆଯାଇଛି। କରୋନାର ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନେ ସଂକ୍ରମିତ ହେବା ଆଶଙ୍କା ଥିବାରୁ ସେମାନଙ୍କ ସୁରକ୍ଷା ସକାଶେ ଜିଲା ପ୍ରଶାସନ ତରଫରୁ ଘର ଘର ବୁଲି ଶିଶୁମାନଙ୍କର ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି। ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ। ଆଶାକର୍ମୀ, ଏଏନ୍‌ଏମ ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଏଥିରେ ସାମିଲ ହୋଇଛନ୍ତି। ରବିବାର ଛତ୍ରପୁର ଏନଏସି କାରିଣୀ ସାହି ଓ ଗୋପବନ୍ଧୁ ନଗର ସାହିରେ ଅତିରିକ୍ତ ଜିଲାପାଳ (ସାଧାରଣ )ଲୀନା କୁମାରୀ ଖେସ ଶିଶୁଙ୍କ ସ୍ୱାସ୍ଥ୍ୟଯାଞ୍ଚ କାର୍ଯ୍ୟକ୍ରମର ଅନୁଧାନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ଛତ୍ରପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ଉପସ୍ଥିତ ଥିଲେ। ଜିଲାରେ ଆଉ ୪୩ ଜଣ କରୋନାରେ ସଂକ୍ରମିତ ହୋଇଥିବା ରବିବାର ସୂଚନା ଦିଆଯାଇଛି। ଏବେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୫୦୦ ତଳେ ରହିଛି ।

# ବିଜେଡି ନେତା ଗିରଫ

## ଶୀଘ୍ର ଗିରଫ ହେବେ ଅନ୍ୟ ଅଭିଯୁକ୍ତ

**ଗୋପାଳପୁର,୧୩।୬**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପିତାତଳି ଗ୍ରାମରେ ଗତ ୧୦ ତାରିଖ ୨ ଗୋଷ୍ଠୀ ମଧ୍ୟରେ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ରବିବାର ବିଜେଡି ନେତାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପିତାତଳି ଗ୍ରାମର ରାଙ୍ଗା ରାଓ। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ପିତାତଳି ଗ୍ରାମର ପୂର୍ବତନ ଚିକିଟି ବ୍ଲକ ଅଧକ୍ଷ ନାରସିଙ୍ଗଲୁ ମୂର୍ତ୍ତି ଓ ୧୭ ନଂ ବିଜେଡି ଜିଲା ପରିଷଦ ସଭ୍ୟଙ୍କ ସ୍ୱାମୀ ରାଙ୍ଗା ରାଓଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ହଠାତ୍ ଗତ ଗୁରୁବାର ରାତିରେ ଗ୍ରାମରେ କୌଣସି କାରଣକୁ ନେଇ ନାରସିଙ୍ଗଲୁ ଓ ରାଙ୍ଗା ରାଓ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏ ନେଇ ପୋଲିସ ଶନିବାର କେ.ନାରସିଙ୍ଗଲୁଙ୍କ ସମେତ ୧୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଶନିବାର ରାତିରେ ଘରେ ରାଙ୍ଗା ରାଓ ଥିବାବେଳେ ପୋଲିସ ତାଙ୍କୁ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା। ଦୁଇଟି ମାମଲାରେ ଗିରଫ ସଂଖ୍ୟା ୧୫ରେ ପହଞ୍ଚିଛି। ଗ୍ରାମରେ ପରିସ୍ଥିତି ଶାନ୍ତ ରହିଛି। ବିଶୃଙ୍ଖଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ଅନ୍ୟପଟେ ଗିରଫ ଯୁଧିଷ୍ଠିର ସେଠୀଙ୍କ ସ୍ତ୍ରୀ ଗୀତା ଘଟଣା ରାତିରେ ରାଙ୍ଗା ରାଓ ଓ ଅନ୍ୟ ତିନି ଜଣ ମିଶି କାତି ଓ ଖଣ୍ଡା ଧରି ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିସହ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିବା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୫୮/୨୧ରେ ମାମଲା ରୁଜୁ କରିଛି। ସେହିପରି ନାରସିଙ୍ଗଲୁ ଓ ୧୧ ଜଣ ମିଶି ଗତ ଗୁରୁବାର ରାତିରେ ଧମକ ଚମକ ଓ ଜାତିଆଣ ନେଇ ଗାଳିଗୁଲଜ କରିଥିବା ଅପରଗୋଷ୍ଠୀର ଶ୍ରୀମତୀ ସେଠୀ ପାଲଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୯/୨୧ରେ ମାମଲା ରୁଜୁ କରିଛି।

# ଫାର୍ମାସିଷ୍ଟଙ୍କ କଳାବ୍ୟାଜ୍ ପରିଧାନ

**ଶେରଗଡ଼,୧୩।୬(ଡି.ଏନ୍.ଏ.)**

ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକରେ ଥିବା ୫ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ରାଜ୍ୟ ଫାର୍ମାସିଷ୍ଟ ସଂଘର ଆହ୍ୱାନକ୍ରମେ ୧୩ ଦଫା ଦାବି ନେଇ ଏପରି କରାଯାଇଛି ବୋଲି ଫାର୍ମାସିଷ୍ଟ ନିଶାକାନ୍ତ ନାୟକ କହିଛନ୍ତି। ରୋଗୀସେବାରେ ଫାର୍ମାସିଷ୍ଟମାନେ ଗୁରୁଦାୟିତ୍ୱ ତୁଲାଇ ଆସୁଥିବା ବେଳେ ସରକାର ଦାବି ପୂରଣ ପାଇଁ ଟାଳଟୁଳ ନିତି ଗ୍ରହଣ କରୁଛନ୍ତି। ତେଣୁ ଆସନ୍ତା ୨୦ ଦିନ ମଧ୍ୟରେ ଦାବି ଗୁଡ଼ିକ ପୂରଣ ନ ହେଲେ ଫାର୍ମାସିଷ୍ଟମାନେ କେବଳ ଔଷଧ ବିତରଣ କରିବା ଛଡା ଆଉ କିଛି କରିବେ ନାହିଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶାଳ ମଞ୍ଜି ସଂଗ୍ରହକାରୀଙ୍କୁ ପାରିଶ୍ରମିକ ମିଳୁନି

**ଖଜୁରିପଡ଼ା,୧୩।୬(ଡି.ଏନ.ଏ.)**

ଲକ୍‌ଡାଉନ ସମୟରେ ଦିପଇସା ରୋଜଗାର ଆଶାରେ ଆଦିବାସୀମାନେ ଶାଳ ମଞ୍ଜି ସଂଗ୍ରହ କରିଥିଲେ। ହେଲେ ଉପଯୁକ୍ତ ପାରିଶ୍ରମିକ ନ ପାଇ ସାହୁକାର ମାନଙ୍କ ଶୋଷଣର ଶିକାର ହେଉଥିବା ସଂଗ୍ରହକାରୀ ଅଭିଯୋଗ କରିଛନ୍ତି । କିଲୋ ପିଛା ୨୦ରୁ ୨୫ ଟଙ୍କା ଦରରେ ଶେଷରେ ବିକ୍ରି କରୁଛନ୍ତି। କନ୍ଧମାଳ ଜିଲାରେ ମୋଟ ଜଙ୍ଗଲର ଶତକଡା ୭୦ ଭାଗ କେବଳ ଶାଳ ଜଙ୍ଗଲ ରହିଛି। ଖରା ଦିନରେ ଶାଳଗଛରେ ଫୁଲ ଓ ମଞ୍ଜି ଆସିଥାଏ। ଶାଳ ଗଛର ମଞ୍ଜି ଶୁଖିବା ପରେ ଆପେଆପେ ଝଡିଥାଏ। ସେଗୁଡିକୁ ଆଦିବାସୀ ମହିଳା ପୁରୁଷ ସମସ୍ତେ ସଂଗ୍ରହ କରିଥାନ୍ତି। ଜିଲାରୁ ହଜାର ହଜାର ମେଟ୍ରିକ ଟନ ଶାଳ ମଞ୍ଜି ସଂଗୃହୀତ ହୋଇଥାଏ। ପ୍ରତିବର୍ଷ କନ୍ଧମାଳ ଜିଲାର ଆଦିବାସୀ ଲୋକମାନେ ଏହି ଶାଳ ମଞ୍ଜି ସଂଗ୍ରହ କରିବା ପରେ ବିକ୍ରି କରି ବେଶ ଦି ପଇସା ରୋଜଗାର କରିଥାନ୍ତି। କିନ୍ତୁ ଚଳିତ ବର୍ଷ ମହାମାରୀରେ ସାହୁକାରମାନେ ବାହାରୁ ଆସି ଶାଳ ମଞ୍ଜି କିଣି ନେଇ ପାରୁନାହାନ୍ତି। କେବଳ ସ୍ଥାନୀୟ ବ୍ୟବସାୟୀମାନେ ଶାଳ ମଞ୍ଜି କିଣୁଛନ୍ତି। ତେଣୁ ଚଳିତବର୍ଷ ଦର କମ୍ ରହିଛି। ଶାଳ ମଞ୍ଜିରୁ ସାବୁନ ଓ ତେଲ ଆଦି ପ୍ରସ୍ତୁତ ହୋଇଥାଏ। କିନ୍ତୁ ମହାମାରୀରେ ପରିବାର ଚଳାଇବା ପାଇଁ ଟଙ୍କାର ଆବଶ୍ୟକ ଥିବାରୁ ଆଦିବାସୀମାନେ ଦର କମ ଥିଲେ ମଧ୍ୟ ବିକ୍ରି କରୁଥିବା କହିଛନ୍ତି। ତେବେ ସରକାର ଶାଳ ମଞ୍ଜିର ଦରବୃଦ୍ଧି କଲେ ଆଦିବାସୀ ମାନେ ଉପକୃତ ହୋଇପାରନ୍ତେ।

# ଭଞ୍ଜନଗର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ରୋଗୀ

**ଭଞ୍ଜନଗର,୧୩।୬(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ଗୁରୁବାର ଓ ଶୁକ୍ରବାର କେହି କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିଲେ। ଶନିବାର ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରେ କୁଲାଡ଼ରୁ ଜଣେ ଓ ଆଉ ୫ ଜଣ ଅନ୍ୟ ବ୍ଲକରୁ ୩ ଦିନ ପୂର୍ବେ ଭଞ୍ଜନଗର ମେଡ଼ିକାଲକୁ ଚିକିତ୍ସା ପାଇଁ ଆସିଥିବା ବେଳେ ପଜିଟିଭ୍ ବାହାରିଛନ୍ତି। ରବିବାର ସୁଦ୍ଧା ଭଞ୍ଜନଗର ଡେଡିକେଟେଡ଼ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ୧୧ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଗ୍ରାମାଞ୍ଚଳରେ କରୋନା ଟିକା ନେବାକୁ କିଛି ଲୋକ ରାଜି ହେଉନାହାନ୍ତି। ଶନିବାର ଜଗନ୍ନାଥପ୍ରସାଦ ବ୍ଲକ ଆଦିବାସୀ ବହୁଳ ଗାୟଗଣ୍ଡା ପଞ୍ଚାୟତରେ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ ସମୟରେ ଲୋକଙ୍କୁ କରୋନା ଟିକା ନେବାକୁ ପରାମର୍ଶ ଦିଆଯାଇଥିଲା । ୪୫ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଯେଉଁମାନେ ପ୍ରଥମ ଡୋଜ୍ ଟିକା ନେଇ ନ ଥିଲେ ସେମାନଙ୍କୁ ଭତ୍ତା ପରେ ଟିକା ମଧ ଦିଆଯାଇଥିଲା ।

# ଶୁଖିଲା ପଡ଼ିଛି ବାସନ୍ତୀ ସାଗର ଜଳସେଚନ ପ୍ରକଳ୍ପ


**ରାଇକିଆ,୧୩।୬(ଡି.ଏନ୍.ଏ.)**



## ପୋତି ହୋଇଗଲାଣି କେନାଲ

ରାଇକିଆ ସହର ଉପକଣ୍ଠରେ ଥିବା ବାସନ୍ତୀ ସାଗର ଜଳସେଚନ ପ୍ରକଳ୍ପରୁ ଦୀର୍ଘ ବର୍ଷ ହେଲା ଚାଷୀ ଖରିଫ ଓ ରବିଋତୁରେ ଜଳସେଚନର ସୁବିଧା ପାଉଥିଲେ। ଏହାର ଉନ୍ନତୀକରଣ ବିଶେଷ କରି ଅଧିକା ଚାଷୀ ଯେପରି ପାଣି ପାଇପାରିବେ, ତାକୁ ଦୃଷ୍ଟିରେ ରଖି ୩ କି.ମି. ପର୍ଯ୍ୟନ୍ତ କେନାଲ ସମ୍ପ୍ରସାରଣ କରାଯାଇଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ପର୍ଯ୍ୟାୟକ୍ରମେ ଖର୍ଚ୍ଚ କରାଯିବା ସହ ବନ୍ଧର ଜଳଧାରଣ କ୍ଷମତା ବଢ଼ାଯାଇଥିଲା ଏବଂ ପଥର ପ୍ୟାକିଂ ମଧ କରାଯାଇଥିଲା। ଏହାଦ୍ୱାରା ବାସନ୍ତୀ ସାଗର ତଳି ଅଞ୍ଚଳ ସମେତ ବେରେଡାକିଆ, ଟମରବାଡି ପର୍ଯ୍ୟନ୍ତ ଚାଷୀ ନିୟମିତ ଜଳ ପାଇବା ସହିତ ଶତାଧିକ ଏକର ଜମିକୁ ଜଳ ଯୋଗାଣର ସମ୍ଭାବନା ସୃଷ୍ଟି ହୋଇଥିଲା। ହେଲେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ଏହି ସମ୍ପ୍ରସାରଣ କାର୍ଯ୍ୟର ଖୁବ୍ କମ ଦିନରେ ଆଉ ଜମିକୁ ଜଳ ପହଞ୍ଚୁଲାନି। ଅନେକ ବର୍ଷ ହେଲା କେନାଲରେ ପାଣି ଆସି ନ ଥିବା ଟମରବାଡି ଅଞ୍ଚଳର ସନକ ଦିଗାଲ କହିଛନ୍ତି। ସେହିପରି ବାସନ୍ତୀ ସାଗର ତଳି ଅଞ୍ଚଳରେ ମଧ ଅନୁରୂପ ସମସ୍ୟା ଦେଖାଦେଇଛି। ଗେଟ୍ ଭାଙ୍ଗି ଯାଇଥିବାରୁ ଏବେ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି ବନ୍ଧ। ତଳି ଅଞ୍ଚଳରେ ଥିବା ଜମି ବର୍ଷାଜଳ ଭରସାରେ ରହିଛି। ଏ ନେଇ ରାଇକିଆ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ କହିଛନ୍ତି, ଗେଟ ନଷ୍ଟ ହୋଇ ଯାଇଥିବାରୁ ବନ୍ଧ ଶୁଖିଲା ପଡ଼ିଛି। କୂଅ ମଧରେ ଆବର୍ଜନା ପଡ଼ି ପୋତି ହୋଇଯିବାରୁ ଛଡ଼ା ଯାଉଥିବା ପାଣି ଯାଇ ପାରୁନାହିଁ। ଭାଙ୍ଗି ଯାଇଥିବା ଗେଟ୍‌କୁ ମରାମତି କାମ ସରିଲେ ପୁଣି ଥରେ ଜଳଧାରଣ କ୍ଷମତା ବଢିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଟମରବାଡି ପର୍ଯ୍ୟନ୍ତ କେନାଲକୁ ପାଣି ଆସୁନଥିବା ସେ ଜାଣି ନ ଥିବା ସମ୍ପର୍କରେ ଦେଖିଲା ପରେ ହିଁ କହିପାରିବେ ବୋଲି ଉତ୍ତର ରଖିଥିଲେ।

# ନୂତନ ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ଉଦ୍‌ଘାଟିତ



ବିଦ୍ୟୁତ୍ ସବ୍‌ଷ୍ଟେଶନ।

**ଚିକିଟି,୧୩।୬(ଡି.ଏନ୍.ଏ.)**

ଚିକିଟି ବ୍ଲକ ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତର ପତ୍ରବୁଡି ଗ୍ରାମ ନିକଟରେ ଶୁକ୍ରବାର ୩୩/୧୧କେଭିର ଏକ ନୂତନ ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ଉଦ୍‌ଘାଟିତ ହୋଇଯାଇଛି। ଦିଗପହଣ୍ଡି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ କାମରାଜୁ ସେଠୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସବ୍‌ଷ୍ଟେଶନ୍ ଓଡିଏସ୍‌ଏସ୍‌ପି ଫଣ୍ଡରୁ ୨୦୨୦-୨୧ରେ ୧୧ କୋଟି ବିନିମୟରେ ନିର୍ମାଣ ହୋଇଥିବା ସେ କହିଥିଲେ । ଏହି ସବ୍‌ଷ୍ଟେଶନ୍ ହେବା ଦ୍ୱାରା ଚିକିଟି, ପାତ୍ରପୁର ଓ ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ୧୩ ହଜାର ଉପଭୋକ୍ତା ଉପକୃତ ହେବେ। ପୂର୍ବରୁ ଉକ୍ତ ଗ୍ରାମଗୁଡିକ ଦିଗପହଣ୍ଡି ଗ୍ରୀଡ୍‌ରୁ ଚିକିଟି ସବ୍‌ଷ୍ଟେଶନକୁ ଆସୁଥିଲା। ସେଥିରୁ ୧୧ କେଭି ତାର ମାଧ୍ୟମରେ ଯୋଗାଣ ହେଉଥିଲା। ଫଳରେ ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ଠପ୍ ହୋଇଯାଉଥିଲା। ଏହି ସମସ୍ୟାଗୁଡିକ ରହିବ ନାହିଁ ବୋଲି ନୂଆପଡ଼ା ବିଦ୍ୟୁତ୍ ସେକ୍ସନ୍‌ର କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ପାଲ କହିଛନ୍ତି।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପ୍ରଧାନ ଶିକ୍ଷୟିତ୍ରୀ

**ପାରଳାଖେମୁଣ୍ଡି/ରାୟଗଡ,୧୩।୬(ଡି.ଏନ୍.ଏ.)**



ଗଜପତି ଜିଲା ରାୟଗଡ ବ୍ଲକରେ ଶିକ୍ଷକଙ୍କ ବାରମ୍ବାର ବଦଳିକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏଥିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଉଛି; ଯାହାକୁ ନେଇ ଶିକ୍ଷକଙ୍କ ମୁଣ୍ଡବିନ୍ଧାର କାରଣ ହୋଇଥିବା ବେଳେ ସେମାନଙ୍କୁ ରାଜନୈତିକ ଚକ୍ରାନ୍ତର ଶିକାର କରାଯାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ରାୟଗଡ ବ୍ଲକ ଅଧୀନ ପେଗଡା ପ୍ରାଥମିକ ବିଦ୍ୟାଳୟରେ ୨୦୦୨ରୁ ଶୈଳେନ୍ଦ୍ର କୁମାର ସୁବୁଦ୍ଧି ଶିକ୍ଷକତା କରି ଆସୁଥିଲେ। ତାଙ୍କୁ ୨୦୧୮ ସେପ୍ଟେମ୍ବର ୨୪ରେ ଡମ୍ବାପୁର ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିଲା। ପରେ ତାଙ୍କ ଡେପୁଟେଶନ ବାତିଲ କରାଯାଇଥିଲା। ସେ ପୂର୍ବପରି ପେଗଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକଲେ। ପରେ ୨୦୨୦ ସେପ୍ଟେମ୍ବର ୨୮ରେ ସୁବୁଦ୍ଧିଙ୍କୁ ବରିଷ୍ଠ ଶିକ୍ଷକ(ଲେଭଲ-୫(ବି) ଭାବେ ପଦୋନ୍ନତି ଦିଆଯାଇଥିଲା। ସେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା କଥା କିନ୍ତୁ ସେଠାରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ଦେବୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ; ଯାହାକୁ ନେଇ ୩୦।୯।୨୦ରେ ଶୈଳେନ୍ଦ୍ର ଲିଖିତ ଭାବେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପତ୍ର ନଂ ୧୪୧୩ ଅନୁଯାୟୀ ୧୯।୧୦।୨୦ରେ ଶୈଳେନ୍ଦ୍ରଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରଶ୍ମିତାଙ୍କୁ ହଷ୍ଟେଲ ଦାୟିତ୍ୱ ବୁଝିବା ନେଇ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହା ସତ୍ତ୍ୱେ ରଶ୍ମିତା ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଦୁଇମାସ ପରେ ୨୯।୧୨।୨୦ରେ ପୁନର୍ବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପାଖରେ ଶୈଳେନ୍ଦ୍ର ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ରଙ୍କୁ ପୁଣି ଥରେ ଡେପୁଟେଶନରେ ଡମ୍ବାପୁର ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଲେ। ବର୍ତ୍ତମାନ ସେ ଡମ୍ବାପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।

## ଡେପୁଟେଶନରେ ବୁଲୁଛନ୍ତି ଶିକ୍ଷକ

କିନ୍ତୁ ତାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଉ ନାହିଁ; ଫଳରେ ସେ ମାନସିକ ଚାପରେ ରହୁଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ଦେବୀଙ୍କୁ ପଚାରିବାରୁ ବିଇଓଙ୍କ ତରଫରୁ ତାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବା ବାବଦରେ କୌଣସି ଚିଠି ଆସି ନ ଥିବା ସେ କହିଛନ୍ତି। ଏ ନେଇ ବିଇଓ ମନୋରଞ୍ଜନ ସେଠୀଙ୍କ ସହ ଯୋଗାଯୋଗ କରିବାରେ ଶୈଳେନ୍ଦ୍ରଙ୍କୁ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ପାଇଁ ଆଦେଶ ଦିଆଯାଇଥିଲା। ଯଦି ଚିଠି ପହଞ୍ଚି ନାହିଁ ବୋଲି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ଦେବୀ କହିଛନ୍ତି, ତେବେ ଏହାର ତଦନ୍ତ କରାଯିବ ବୋଲି ସେଠୀ କହିଛନ୍ତି ।

## ରୋଜାଲିନ ପାଟଶାଣୀ ଡବ୍ଲ୍ୟୁଇଡିଓ ଆମ୍ବାସାଡର



**ଭୁବନେଶ୍ୱର,୧୩।୬ (ବ୍ୟୁରୋ):** ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାପତି ତଥା ସାମାଜିକ କର୍ମୀ ଡ. ରୋଜାଲିନ ପାଟଶାଣୀ ମିଶ୍ର ଆନ୍ତର୍ଜାତିକ ସଂସ୍ଥା ଡବ୍ଲ୍ୟୁଇଡିଓ (Womens Evironment Devel- opment Organisation)ର ଭାରତ ପାଇଁ ଆମ୍ବାସାଡର ଭାବେ ମନୋନୀତ ହୋଇଛନ୍ତି । ଜାତିସଂଘ ଦ୍ୱାରା ସ୍ୱୀକୃତ ତଥା ବିଶ୍ୱର ୧୪୪ ଦେଶରେ ମହିଳାଙ୍କ ମାଧ୍ୟମରେ ସାମାଜିକ, ଆର୍ଥିକ ଓ ଶୈକ୍ଷିକ ବିକାଶ ପାଇଁ ଏହି ସଂସ୍ଥା କାର୍ଯ୍ୟ କରିଛି। ଉକ୍ତ ସଂସ୍ଥାର ମୁଖ୍ୟାଳୟ ନ୍ୟୁୟର୍କରେ ଥିବାବେଳେ ପ୍ରତିଷ୍ଠାତା ମୁଖ୍ୟ ହେଉଛନ୍ତି ୱେଣ୍ଡି ଡାଇମଣ୍ଡ। ଏସିଆ ମୁଖ୍ୟ ଡ. ନିଶା କୋହିଲିଙ୍କ ସହ ମିଶି ଡ. ରୋଜାଲିନ ମହିଳାଙ୍କ ବିକାଶ ପାଇଁ ଭାରତ ମୁଖ୍ୟ ଭାବେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ, ପରିଚୟ ଫାଉଣ୍ଡେଶନ ଜରିଆରେ ଡ. ମିଶ୍ର ଦୀର୍ଘ ୧୫ ବର୍ଷ ଧରି ଭାରତର ବିଭିନ୍ନ ପ୍ରାନ୍ତରେ ମହିଳାଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିଥିବାରୁ ଏହି ଆନ୍ତର୍ଜାତିକ ସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପଦ ହାସଲ କରି ସେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

# ଓଡ଼ିଆ ଶିଳ୍ପୀ ପଥରରେ କବିତା ଆଙ୍କିପାରେ

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଗତ ଆଲେଖ୍ୟରୁ ଆମେ ଜାଣିଲେ ଶ୍ରୀପୁରୁଷୋତ୍ତମପୁତ୍ର ଗଜପତି ଲାଙ୍ଗୁଳା ନରସିଂହ ଦେବ କୋଣାର୍କଠାରେ ମନ୍ଦିର ନିର୍ମାଣ ପୂର୍ବରୁ, ହାରାହାରି ଦୁଇବର୍ଷ ପୂର୍ବରୁ କାକତୀୟ ରାଜାଙ୍କୁ ପରାସ୍ତ କରିଥିଲେ। ମନ୍ଦିର ନିର୍ମାଣର ପ୍ରାୟ ଦେଢ଼ବର୍ଷ ପରେ ୧୨୪୩ ମସିହାରେ ବଙ୍ଗଳା ଉପରେ ଆକ୍ରମଣ କରିଥିଲେ। ପରେ ୧୨୪୫ ମସିହା ମାର୍ଚ୍ଚରେ ପୁଣି ଥରେ ବଙ୍ଗଳା ଆକ୍ରମଣ କରିଥିଲେ, ଯେଉଁ ଯୁଦ୍ଧରେ ବଙ୍ଗଳାର ସେନାପତି କରିମୁଦ୍ଦିନ୍ ନିହତ ହୋଇଥିଲେ। ଯୁଦ୍ଧର ଲୋମହର୍ଷଣକାରୀ ଘଟଣାବଳୀ କେନ୍ଦୁପାଟଣା ତାମ୍ରଶାସନରୁ ଆମକୁ ମିଳେ। ମୁସଲମାନ ଇତିହାସ 'ତବାକତ-ଇ-ନସୀରୀ'ରେ ମଧ୍ୟ ମୁସଲମାନ ସୁଲତାନ ଓ ନରସିଂହ ଦେବଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ସ୍ଥାନ ପାଇଛି। ଆମେ ଜାଣିଛେ ବଙ୍ଗଦେଶର ଲକ୍ଷନୌତୀ ଦୁଇଟି ଭାଗରେ ବିଭକ୍ତ ଥିଲା- ରାଢ଼ ଓ ବରେନ୍ଦ୍ର। ରାଢ଼ ଦେଶର ମୁଖ୍ୟ କାର୍ଯ୍ୟାଳୟ ଥିଲା ଲକ୍ଷନୋର ଓ ବରେନ୍ଦ୍ର ଦେଶର ମୁଖ୍ୟ କାର୍ଯ୍ୟାଳୟ ଥିଲା ଦେବକୋଟ।

କୋଣାର୍କଠାରୁ ମହାନଦୀର ନରାଜ ଦେଇ ଦକ୍ଷିଣର 'ବିଜୟକୋଣ୍ଡା'କୁ ୫୩୦ ଜଣ ଶିଳ୍ପୀବଂଶର ଭେଣ୍ଡିଆ ସାମରିକ ବାହିନୀରେ ଯୋଗଦେବାକୁ ଯାଇଥିଲେ, ଯାହା ଆମେ ବାୟା ଚକଡ଼ା ପୋଥିରୁ ଜାଣୁଛେ। ତେଲୁଗୁ ଭାଷାରେ 'କୋଣ୍ଡା'ର ଅର୍ଥ ପର୍ବତ। ବିଜୟକୋଣ୍ଡା ଗୋଟିଏ ପାର୍ବତୀୟ ଦୁର୍ଗ ଥିଲା ଏବଂ ଏହି ଦୁର୍ଗଟି ନିଶ୍ଚିତ ଭାବରେ ସେତେବେଳେ କଳିଙ୍ଗ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ଠିକ୍ ଯେପରି ତେଲେଙ୍ଗାନାର ନାଲଗୋଣ୍ଡା ଜିଲାର କୃଷ୍ଣା ନଦୀକୂଳରେ 'ଦେବରକୋଣ୍ଡା' ଆମର ବିଜିତ ଦୁର୍ଗ ଥିଲା। ବିଜୟକୋଣ୍ଡାକୁ ଯାଇଥିବା ଶିଳ୍ପୀମାନେ ବଙ୍ଗଳା ଆକ୍ରମଣ କାଳରେ ଯୁଦ୍ଧବାହିନୀରେ ସାମିଲ ହୋଇ ଯୁଦ୍ଧ କରିଥିବା ଅସମ୍ଭବ ନୁହେଁ।

୧୨୪୩ ମସିହାରେ ଗଜପତି 'କଟାସିନୁ'ଠାରେ ମୁସଲମାନ ସୈନ୍ୟଙ୍କୁ ପରାସ୍ତ କରି ଲକ୍ଷ୍ମଣାବତୀ ଆକ୍ରମଣ କରିଥିଲେ। ସେଠାରୁ ବଙ୍ଗ ନବାବ ତୁଗ୍ଲାନ ଖାଁ ପ୍ରାଣ ରକ୍ଷା କରିବାକୁ ଅନ୍ୟତ୍ର ପଳାୟନ କଲେ ଏବଂ ଦିଲ୍ଲୀର ସୁଲତାନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ। ଦିଲ୍ଲୀ ସୁଲତାନ ଆଲ୍ଲାଉଦ୍ଦିନ ଅଯୋଧ୍ୟାର ଶାସନକର୍ତ୍ତାଙ୍କୁ ଆଦେଶ ଦେଲେ ଯେ, ଓଡ଼ିଶାର ସୈନ୍ୟମାନଙ୍କୁ ବଙ୍ଗଳାରୁ ବିତାଡ଼ିତ କର। ତତ୍‌ପରବର୍ଷ ଅର୍ଥାତ୍ ୧୨୪୪ରେ ନରସିଂହ ଦେବ ବିପୁଳ ସୈନ୍ୟ ସମ୍ଭାର ସହ ସୁଦୂର ଗୌଡ଼ ରାଜ୍ୟର ରାଜଧାନୀ ଘେରାଉ କରି ଅଯୋଧ୍ୟାର ନବାବଙ୍କୁ ପରାଜିତ କରିଥିଲେ। (ଡ. ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶାର ସାଂସ୍କୃତିକ ଇତିହାସ- ୪ର୍ଥ ଖଣ୍ଡ)।

କେବଳ ସେତିକି ନୁହେଁ, ଡ. ରାଜଗୁରୁ ପ୍ରକାଶ କରିଛନ୍ତି ହିନ୍ଦୁ ମନ୍ଦିର ଧ୍ୱଂସ କରି, ହିନ୍ଦୁ ରାଜାଙ୍କୁ ପରାସ୍ତ କରି ମୁସଲମାନମାନେ ଯେଉଁ ଧନରତ୍ନ ଗଚ୍ଛିତ କରିଥିଲେ ତାହା ନରସିଂହ ଦେବ ଆଣି ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ବିନିଯୋଗ କରିଥିଲେ। ଯେ ସବୁ ଆଲୋଚନା କରିବାର ଅଭିପ୍ରାୟ ଖୁବ୍ ସରଳ। ଓଡ଼ିଶାର ଶିଳ୍ପୀ ରାଜଦରବାରରେ ଯେମିତି ସମ୍ମାନ ପାଉଥିଲା, ଠିକ୍ ସେମିତି ସାମ୍ରାଜ୍ୟର ସୁରକ୍ଷା ସହିତ ମଧ୍ୟ ଜଡ଼ିତ ଥିଲା। ଜାତି ପାଇଁ ପ୍ରାଣ ଦେବାରେ ପଛୁଆ ନ ଥିଲା। କଳା-ସ୍ଥାପତ୍ୟ-ଭାସ୍କର୍ଯ୍ୟ ପ୍ରତି ନିଷ୍ଠା ଓ ତ୍ୟାଗ ବି ରହିଥିଲା। ବଂଶାନୁକ୍ରମିକ ଶିକ୍ଷାରେ ପଥରରେ କବିତା ଆଙ୍କି ପାରୁଥିଲା। ମନ୍ଦିରଟିଏ ଗଢ଼ିଦେଲେ ଚାଲିଯାଉଥିବା ପଥିକଟି ଘଡ଼ିଏ ଅଟକିବାକୁ ବାଧ୍ୟ ହେଉଥିଲା।


ବାହାରିଆ ଲେଖକମାନେ ୟା' ଭିତରେ ପଶିନାହାନ୍ତି। ପଶିଥିଲେ କେବେ ବି ଲେଖି ନ ଥାନ୍ତେ ଓଡ଼ିଆ ଶିଳ୍ପୀ କୋଣାର୍କଠାରେ ମନ୍ଦିର ଗଢ଼ି ନ ଥିଲେ ବୋଲି। ସେଇଥିପାଇଁ ତ ମହାପ୍ରଶସ୍ତ ପଞ୍ଚରଥ ପ୍ରାସାଦର ଆରମ୍ଭ ବେଳର ମଙ୍ଗଳାର୍ପଣ ବିଧି ଏବଂ ଓଡ଼ିଶାର ୧୪ଟି 'ଦଣ୍ଡପାଟ' ତଥା 'ବିଶେ'ରୁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ପ୍ରସଙ୍ଗ ଆମେ 'ବାୟା ଚକଡ଼ା' ପୋଥି ଆଧାରରେ ଉପସ୍ଥାପନ କରିଥିଲୁ!




କୋଣାର୍କର ଲାଳିତ୍ୟମୟ ଲଳନା।

## ଖେଳ ଖବର

# ରେକର୍ଡ ଭାଙ୍ଗିଲେ ଅଷ୍ଟ୍ରେଲିଆ ମହିଳା




୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ବିଶ୍ୱରେକର୍ଡ କରିବାପରେ ଅଷ୍ଟ୍ରେଲୀୟ ସନ୍ତରଣକାରୀ କୋଲି ମ୍ୟାକ୍‌କେଓନ।

**୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣ**

**ଆଡିଲେଡ୍,୧୩।୬(ଏପି):** ଅଷ୍ଟ୍ରେଲୀୟ ସନ୍ତରଣକାରୀ କୋଲି ମ୍ୟାକ୍‌କେଓନ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ଅଲିମ୍ପିକ ଟ୍ରାଏଲ୍ସରେ ୧୯ ବର୍ଷୀୟ ମ୍ୟାକ୍‌କେଓନ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସାଉଥ୍ ଅଷ୍ଟ୍ରେଲିଆନ ଆକ୍ୱାଟିକ୍ ସେଣ୍ଟରରେ ସେ ୫୭.୪୫ ସେକେଣ୍ଡ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ ଆମେରିକାର ରେଗାନ ସ୍ମିଥ୍ ୨୦୧୯ରେ ୫୭.୫୭ ସେକେଣ୍ଡ ସମୟ ନେଇ ରେକର୍ଡ ସୃଷ୍ଟି କରିଥିଲେ।

ମ୍ୟାକ୍‌କେଓନଙ୍କ ବାପା ଶୋଲଟୋ ଗତ ଅଗଷ୍ଟ ମାସରେ ବ୍ରେନ୍ କ୍ୟାନ୍ସରରେ ମୃତ୍ୟୁବରଣ କରିଥିଲେ। ଅସମୟରେ ପିତାଙ୍କ ଦେହାନ୍ତ ତାଙ୍କୁ ଭଲ ପ୍ରଦର୍ଶନ କରିବାକୁ ପ୍ରେରଣା ଯୋଗାଇଥିଲା ବୋଲି ସେ କହିଛନ୍ତି। ଆସନ୍ତା ମାସ ଟୋକିଓ ଅଲିମ୍ପିକ୍ସରେ ସେ ଏହି ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଆମେରିକୀୟ ତାରକା ସ୍ମିଥ୍‌ଙ୍କ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବ। ଏମିଲି ସିବୋମ ୫୮. ୫୯ ସେକେଣ୍ଡ ସମୟ ନେଇ ମ୍ୟାକ୍‌କେଓନଙ୍କ ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଥିଲେ ଓ ଚତୁର୍ଥ ଥର ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।

# ମିଲ୍‌ଖା ସିଂଙ୍କ ସ୍ତ୍ରୀ ବିୟୋଗ

**ଚଣ୍ଡିଗଡ଼, ୧୩।୬ (ପି.ଟି.):** ଭାରତର ପୂର୍ବତନ ମହିଳା ଭଲିବଲ ଦଳର ଅଧିନାୟିକା ତଥା ସ୍ପ୍ରିଣ୍ଟ କିମ୍ବଦନ୍ତୀ ମିଲ୍‌ଖା ସିଂଙ୍କ ସ୍ତ୍ରୀ ନିର୍ମଳ କୌରଙ୍କ ପରଲୋକ ଘଟିଛି। ସେ ମୋହାଲିସ୍ଥିତ ଏକ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ଗତ ମାସରେ ସେ କରୋନା ସଂକ୍ରମିତ ହୋଇଥିଲେ। ଏଥିଯୋଗୁ ତାଙ୍କ ଶରୀରରେ ନାନା ସମସ୍ୟା ଦେଖାଦେଇଥିଲା। ନିର୍ମଳ କୌରଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ସ୍ୱାମୀ, ଏକମାତ୍ର ପୁଅ ଏବଂ ୩ ଝିଅଙ୍କୁ ଛାଡ଼ି ପରଲୋକ ଗମନ କରିଛନ୍ତି। ନିର୍ମଳ ମିଲ୍‌ଖାଙ୍କ ପରିବାରର ମେରୁଦଣ୍ଡ ଥିଲେ। ଦୁଃଖର ବିଷୟ ଏହିକି ଯେ, ଫ୍ଲାଇଂ ଶିଖ୍ ମିଲ୍‌ଖା ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇପାରି ନ ଥିଲେ। କାରଣ କୋଭିଡ୍ ନିମୋନିଆରେ ପୀଡ଼ିତ ଥିବା ମିଲ୍‌ଖା ଏବେ ଚଣ୍ଡିଗଡ଼ସ୍ଥିତ ପିଜିଆଇଏମ୍‌ଇଆର୍ ହସ୍ପିଟାଲର ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ପଞ୍ଜାବ ସରକାରଙ୍କ ପୂର୍ବତନ ମହିଳା କ୍ରୀଡ଼ା ନିର୍ଦ୍ଦେଶକ ଓ ଭାରତୀୟ ଭଲିବଲ୍ ଦଳର ପୂର୍ବତନ ଅଧିନାୟିକା ନିର୍ମଳଙ୍କର ଦୃଢ ଆତ୍ମବିଶ୍ୱାସ ଥିଲା। ଜୀବନ ବଞ୍ଚାଇବା ଲାଗି ସେ ଶେଷ ପର୍ଯ୍ୟନ୍ତ ସଂଘର୍ଷ ଚଳାଇଥିଲେ ବୋଲି ତାଙ୍କ ପରିବାରର ଜଣେ ମୁଖପାତ୍ର କହିଛନ୍ତି।

# ରୁଷିଆକୁ ହରାଇଲା ବେଲ୍‌ଜିୟମ

**ସେଣ୍ଟ ପିଟର୍ସବର୍ଗ,୧୩।୬**

ୟୁରୋକପ୍‌ରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ବେଲ୍‌ଜିୟମ ଘରୋଇ ରୁଷିଆକୁ ବୃହତ୍ ୩-୦ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ କ୍ରେଷ୍ଟୋଭସ୍କି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମୁକାବିଲରେ ବିଶ୍ୱର ୧ ନମ୍ବର ଦଳ ବେଲଜିୟମ ଦମ୍‌ଦାର ପ୍ରଦର୍ଶନ କରି ବିଜୟ ହାସଲ କରିବା ସହ ଅଭିଯାନ ଆରମ୍ଭ କରିଛି। ତାରକା ଷ୍ଟ୍ରାଇକର ରୋମେଲୁ ଲୁକାକୁ ଡବଲ୍ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ କୋଚ୍ ରୋବେର୍ଟୋ

**ୟୁରୋକପ୍ ୨୦୨୧**

ମାର୍ଟିନେଜଙ୍କ ବେଲ୍‌ଜିୟମ ଦଳ ୩ ପଏଣ୍ଟ ହାସଲ କରିଛି। ଗତ ୧୦ଟି ମ୍ୟାଚ୍‌ରେ ବେଲ୍‌ଜିୟମ ଅପରାଜେୟ ରହିଛି। ଗତ ୨୪ଟି ମ୍ୟାଚ୍‌ରେ ବେଲ୍‌ଜିୟମ କେବଳ ଗୋଟିଏ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଗତ ୩୧ଟି ମ୍ୟାଚ୍‌ରେ ବେଲ୍‌ଜିୟମ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଛି।

ଦମ୍‌ଦାର ପ୍ରଦର୍ଶନ ପାଇଁ ଲୁକାକୁ ଷ୍ଟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଲୁକାକୁ ଦଶମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୪ତମ ମିନିଟ୍‌ରେ ଥୋମାସ ମେଉନିଏର ଗୋଲ ଦେଇଥିଲେ। ଶେଷରେ ଲୁକାକୁ ୮୮ତମ ମିନିଟରେ ଦଳ ତରଫରୁ ତୃତୀୟ ଗୋଲ ସ୍କୋର କରିଥିଲେ। ପାସ୍, ପାସ୍ ଆକ୍ୟୁରେସି ଓ ବଲ୍ ପଜେସନରେ ବେଲ୍‌ଜିୟମ ରୁଷିଆକୁ ବହୁ ପଛରେ ପକାଇଥିଲା। ଅନ୍ୟପଟେ ରୁଷିଆ ତରଫରୁ ଗୋଟିଏ ହେଲେ ବି ଗୋଲ ସ୍କୋର ହୋଇ ନ ଥିଲା। ୨୬ ହଜାର ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିଲେ ମଧ୍ୟ ରୁଷିଆ ବିଶ୍ୱକପ୍ ପ୍ରଦର୍ଶନ ଦୋହରାଇପାରି ନ ଥିଲା। ଗତ ବିଶ୍ୱକପ୍‌ରେ ରୁଷିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।




ପ୍ଲେୟର ଅଫ୍ ଦି ମ୍ୟାଚ ରୋମେଲୁ ଲୁକାକୁ।

## ପଦାର୍ପଣରେ ଫିନ୍‌ଲାଣ୍ଡ ବିଜୟୀ

**କୋପେନହେଗେନ, ୧୩।୬**

ଡେନ୍‌ମାର୍କ ମିଡ୍‌ଫିଲ୍ଡର ଖ୍ରୀଷ୍ଟିଆନ ଏରିକ୍ସନ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷ ଆଡକୁ ହଠାତ୍ ବେହୋସ ହୋଇଥିଲେ। ଫଳରେ ମ୍ୟାଚ୍‌କୁ କିଛି ସମୟ ପାଇଁ ସସ୍‌ପେଣ୍ଡ କରାଯାଇଥିଲା। ତେବେ ୯୦ ମିନିଟ୍ ପରେ ମ୍ୟାଚ୍ ପୁଣି ଖେଳାଯାଇଥିଲା ଓ ଏଥିରେ ଫିନ୍‌ଲାଣ୍ଡ ୧-୦ ଗୋଲରେ ଡେନ୍‌ମାର୍କକୁ ହରାଇଥିଲା। ଏହି ମେଗା ଇଭେଣ୍ଟରେ ଫିନ୍‌ଲାଣ୍ଡ ପଦାର୍ପଣ କରି ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିଲା। ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦଳ ତରଫରୁ ଜୋଏଲ ପୋହଜାନପାଲେ ୫୯ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଫିନ୍‌ଲାଣ୍ଡ ଗୋଲକିପର ଲୁକାସ ରାଡେକି ଡେନ୍‌ମାର୍କର ପେନାଲ୍ଟି ଶଟ୍ ରୋକିବାରେ ସଫଳ ହେବାରୁ ଫିନ୍‌ଲାଣ୍ଡ ବିଜୟୀ ହୋଇଥିଲା। ତେବେ ସାରା ମ୍ୟାଚ୍‌ରେ ଏରିକ୍ସନ ବେହୋସ ହେବା ଘଟଣା ଛାଇ ହୋଇ ରହିଥିଲା। ଏହି ଅଭାବନୀୟ ଘଟଣା ପରେ ଖେଳ ଜାରି ରଖି ବିଜୟୀ ହେବା ନିଶ୍ଚିତ କଷ୍ଟକର ଥିଲା ବୋଲି ଫିନ୍‌ଲାଣ୍ଡ ଫରୱାର୍ଡ ଟିମ ପୁକ୍କି କହିଛନ୍ତି।

# ଭାରତକୁ ହଟାଇ ନ୍ୟୁଜିଲାଣ୍ଡ ନମ୍ବର ୱାନ୍

**ଦୁବାଇ, ୧୩।୬ (ପି.ଟି.):** ଆଇସିସି ଟେଷ୍ଟ ଟିମ୍ ର୍‍ୟାଙ୍କିଙ୍ଗ ତାଲିକା ରବିବାର ପ୍ରକାଶ ପାଇଛି। ଏଥିରେ ବର୍ମିଂହାମ୍‌ରେ ଇଂଲଣ୍ଡ ବିପକ୍ଷରେ ସିରିଜ ବିଜୟ ହାସଲ କରିଥିବା ନ୍ୟୁଜିଲାଣ୍ଡ ଭାରତକୁ ହଟାଇ ପ୍ରଥମ ସ୍ଥାନ ଅଧିକାର କରିନେଇଛି। ଜୁନ୍ ୧୮ରେ ସାଉଥାମ୍ପଟନଠାରେ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପୂର୍ବରୁ ନ୍ୟୁଜିଲାଣ୍ଡ ୮ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିବା ସହ ୨ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଜିତିନେଇଛି। ଗତ ଆଇସିସି ଟେଷ୍ଟ ଟିମ୍ ର୍‍ୟାଙ୍କିଙ୍ଗରେ ଭାରତ ପଛକୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଥିଲା। ବର୍ତ୍ତମାନ ୩ ରେଟିଂ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିନେଇଛି। ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ରେଟିଂ ପଏଣ୍ଟ ୧୨୧ ରହିଥିବାବେଳେ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ଦଳର ୧୨୩ ରହିଛି। ହେଲେ ଓଭର ଅଲ ପଏଣ୍ଟ ସଂଖ୍ୟା ନ୍ୟୁଜିଲାଣ୍ଡଠାରୁ ଅଧିକ ରହିଛି। ଭାରତ ୨୪ଟି ମ୍ୟାଚରୁ ୨୯୧୪ ପଏଣ୍ଟ ଅର୍ଜନ କରିଥିବାବେଳେ ନ୍ୟୁଜିଲାଣ୍ଡ ୨୧ଟି ମ୍ୟାଚରୁ ୨୫୯୩ ପଏଣ୍ଟ ପାଇଛି। ଅଷ୍ଟ୍ରେଲିଆ ୧୦୮ ରେଟିଂ ପଏଣ୍ଟ ସହ ତୃତୀୟ ହୋଇଥିବାବେଳେ ଇଂଲଣ୍ଡ (୧୦୭) ଓ ପାକିସ୍ତାନ (୯୪) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମରେ ରହିଛନ୍ତି। ଗତମାସରେ ଆଇସିସି ଟିମ୍ ବାର୍ଷିକ ଅପ୍‌ଡେଟ୍ ପରେ ଭାରତ ନମ୍ବର ୱାନ ଟେଷ୍ଟ ଦଳ ରହିଥିଲା।

# ମାଳବିକା ଫାଇନାଲରେ

**କନାସ୍(ଲିଥୁଆନିଆ),୧୩।୬(ପି.ଟି.)**

ଭାରତର ମାଳବିକା ବନସୋଡ୍ ଏଠାରେ ଚାଲିଥିବା ଆର୍‌ଏସ୍‌ଏଲ୍ ଲିଥୁଆନିଆନ୍ ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଫ୍ରାନ୍ସର ଆନ୍ନା ଟାଟ୍ରାନୋଭାଙ୍କୁ ୨୧-୧୩, ୨୧-୧୦ରେ ହରାଇ ଦେଇଛନ୍ତି। ଏହି ୧୯ ବର୍ଷୀୟା ଖେଳାଳି ଫାଇନାଲ ମୁକାବିଲାରେ ଚତୁର୍ଥ ସିଡ୍ ତଥା ଆୟର୍ଲାଣ୍ଡର ରଚେଲ ଡାରାଗ୍‌ଙ୍କୁ ଭେଟିବେ। ମାଳବିକା ପୂର୍ବରୁ ଓପନିଂ ରାଉଣ୍ଡରେ ସ୍ଥାନୀୟ ଖେଳାଳି ଭିଲ୍‌ଟେ ପାଉଲାଉସ୍‌କେଟଙ୍କୁ ୨୧-୬, ୨୧-୧୦ରେ ଏବଂ ପରେ ଇସ୍ରାଏଲ୍‌ର ହେଲି ନିମାନଙ୍କୁ ୨୧-୧୦, ୨୧-୧୧ରେ ହରାଇ ଦେଇଥିଲେ। କ୍ୱାର୍ଟରଫାଇନାଲରେ ସେ ଅଷ୍ଟ୍ରିଆର କାଟ୍ରିନ୍ ନେଉଲ୍‌ଟଙ୍କୁ ୨୧-୧୨, ୨୧-୯ରେ ପରାସ୍ତ କରିଥିଲେ।



ମାଳବିକା ବନସୋଡ୍

# ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ ବିଜୟୀ

**ବର୍ମିଂହାମ,୧୩।୬**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ରବିବାର ଚତୁର୍ଥ ଦିବସରେ ୮ ଉଇକେଟରେ ବିଜୟୀ ହୋଇଛି। ଫଳରେ ଦୁଇ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୧-୦ରେ ବିଜୟ ହାସଲ କରିଛି। ମ୍ୟାଚ୍‌ରେ ପ୍ରଭାବୀ ବୋଲିଂ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ମ୍ୟାଟ୍ ହେନେରୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ଇଂଲଣ୍ଡ ଓପନର ରୋରି ବର୍ନ୍ସ ଓ ନ୍ୟୁଜିଲାଣ୍ଡ ଓପନର ଡେଭନ କନ୍‌ୱେ ମିଳିତ ଭାବେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମୁକାବିଲା ଜିତି ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପୂର୍ବରୁ ତା'ର ପ୍ରସ୍ତୁତିକୁ ଆହୁରି ଜୋରଦାର କରିଛି। ଲର୍ଡ୍ସରେ ପ୍ରଥମ ଟେଷ୍ଟ ଡ୍ର ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଟେଷ୍ଟର ତୃତୀୟ ଦିନ ବର୍ଷା ଯୋଗୁ ଖେଳ ଧୋଇଯାଇଥିଲା।

ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୧ ଓଭରରେ ୩୦୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୧୯.୧ ଓଭରରେ ୩୮୮ ରନ୍ କରି ଆଉଟ ହେବା ସହ ୮୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୧.୧ ଓଭରରେ ୧୨୨ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୩୮ ରନ୍‌ର ଛୋଟିଆ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଚତୁର୍ଥ ଦିବସ ପ୍ରଥମ ସେସନରେ ନ୍ୟୁଜିଲାଣ୍ଡ ୧୦.୫ ଓଭରରେ ୨ ଉଇକେଟ ହରାଇ ୪୧ ରନ କରି ବିଜୟୀ ହୋଇଛି। କାମଚଳା ଅଧିନାୟକ ତଥା ଓପନର ଟମ୍ ଲଥାମ ୨୩ ଓ ଅଭିଜ୍ଞ ରସ୍ ଟେଲର ବିନା ସ୍କୋରରେ ଅପରାଜିତ ରହିଥିଲେ। ଇନ୍‌ଫର୍ମ ଓପନର ଡେଭନ କନ୍‌ୱେ ୩ ଓ ୱିଲି ୟଙ୍ଗ୍ ୮ ରନ କରି ଯଥାକ୍ରମେ ଷ୍ଟୁଆର୍ଟ ବ୍ରଡ୍ ଓ ଅଲି ଷ୍ଟୋନ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨୨/୯ରୁ ରବିବାର ଚତୁର୍ଥ ଦିବସରେ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଓଲି ଷ୍ଟୋନ୍ ୧୫ ରନ୍‌ରୁ ଖେଳ ଆରମ୍ଭ କରିଥିଲେ। ତେବେ ସେ ଉଇକେଟକିପର ଟମ୍ ବ୍ଲଣ୍ଡେଲଙ୍କୁ କ୍ୟାଚ୍ ଦେଇ ପ୍ରଥମ ବଲ୍‌ରେ ହିଁ ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ ଓ ଏହି ସ୍କୋରରେ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟିଥିଲା। ଦ୍ୱିତୀୟ ଇନିଂସରେ ମାର୍କ ଉଡ୍ ସର୍ବାଧିକ ୨୯ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ମ୍ୟାଟ ହେନେରୀ ଓ ନିଲ୍ ୱାଗନର ୩ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ଓ ଏଜାଜ୍ ପଟେଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଟେଷ୍ଟ ସିରିଜ ବିଜୟୀ ନ୍ୟୁଜିଲାଣ୍ଡ ଦଳ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୧୦୧ ଓଭରରେ ୩୦୩ । ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୧୯.୧ ଓଭରରେ ୩୮୮। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୪୧.୧ ଓଭରରେ ୧୨୨। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୦.୫ ଓଭରରେ ୪୧/୨। (ଟମ୍ ଲଥାମ- ୨୩*, ଡେଭନ କନ୍‌ୱେ- ୩, ୱିଲି ୟଙ୍ଗ୍- ୮, ଷ୍ଟୁଆର୍ଟ ବ୍ରଡ୍- ୧/୧୩, ଓଲି ଷ୍ଟୋନ୍-୧/୫)।

## ସଂକ୍ଷେପରେ

### କୋଲ୍ ଇଣ୍ଡିଆ ଦେଇପାରେ ଅତିରିକ୍ତ ଡିଭିଡେଣ୍ଡ

**ନୂଆଦିଲ୍ଲୀ,୧୩ା୬:** କୋଲ୍ ଇଣ୍ଡିଆ ଏହାର ଅଂଶୀଦାରଙ୍କୁ ୨୦ରୁ ୨୫ ପ୍ରତିଶତ ଅତିରିକ୍ତ ଡିଭିଡେଣ୍ଡ ଦେଇପାରେ। ସୋମବାର ହେବାକୁ ଥିବା କମ୍ପାନୀର ବୋର୍ଡ ବୈଠକରେ ଏ ନେଇ ଘୋଷଣା ହୋଇପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ୪ର୍ଥ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଏଠାରେ ମଧ ଘୋଷଣା କରାଯିବ। ଗତ ଆର୍ଥିକ ବର୍ଷ ଲାଗି ଉତ୍ପାଦନ ଏବଂ ଡେସପାଚ୍ ଲକ୍ଷ୍ୟ ହାସଲ କରିବାରେ କମ୍ପାନୀ ବିଫଳ ହୋଇଛି। ମାତ୍ର ୧୩ ହଜାର କୋଟି ଟଙ୍କାର ସଂଶୋଧିତ ପୁଞ୍ଜି ବ୍ୟୟ ଲକ୍ଷ୍ୟକୁ କମ୍ପାନୀ ହାସଲ କରିବାକୁ ସକ୍ଷମ ହୋଇଛି। ଅଧିକାରୀ ଜଣକ କହିଛନ୍ତି, ଲାଭାଂଶର ଏକ ଅଂଶ ଘୋଷଣା କରିବାକୁ ପ୍ରୟାସ ହୋଇପାରେ। ପୂର୍ବରୁ ହୋଇଥିବା ଅନ୍ତରୀଣ ଲାଭାଂଶଠାରୁ ଏହା କମ୍ ହୋଇପାରେ।

### ଏଚ୍‌ସିଏଲ୍‌ର ଟେକ୍‌ବି ପ୍ରୋଗ୍ରାମ

**ଭୁବନେଶ୍ୱର,୧୩ା୬:** ଏଚ୍‌ସିଏଲ୍ ପକ୍ଷରୁ ଏହାର ଟେକ୍‌ବି ପ୍ରୋଗ୍ରାମ ଦ୍ୱାରା ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରାକ୍ କ୍ୟାରିୟର ସୁଯୋଗ ପ୍ରଦାନ କରୁଛି। ଏହା ଏକ ସମନ୍ୱିତ ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମ ହୋଇଥିବା ବେଳେ ସରକାରଙ୍କ ସ୍କିଲ୍‌ସ ଇଣ୍ଡିଆ କାର୍ଯ୍ୟକ୍ରମ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରୁଛି। ଏଚ୍‌ସିଏଲ୍‌ର ନୂତନ ବ୍ୟକ୍ତି କୌଶଳ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କର ଦକ୍ଷତା ବିକାଶ ସହ ଆଇଟି ଇଞ୍ଜିନିୟରିଂ ଜବ୍ ଅଫର କରାଯାଉଛି। କମ୍ପାନୀରେ ଏଣ୍ଟ୍ରିଲେଭଲ ଆଇଟି ଜବ୍ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଓ ପେସାଗତ ଭାବେ ପ୍ରସ୍ତୁତ କରାଯାଉଛି। ୧୨ ମାସର ତାଲିମ୍ ପ୍ରଦାନ କରାଯିବା ଦ୍ୱାରା ଏଚ୍‌ସିଏଲ୍ ପ୍ରୋଜେକ୍ଟରେ ଇଣ୍ଟର୍ନଶିପ କରିବାର ସୁଯୋଗ ମିଳିପାରିବ। ସେହିଭଳି ଗ୍ରାଜୁଏଟ ଡିଗ୍ରୀ ପ୍ରୋଗ୍ରାମପାଇଁ ଛାତ୍ରୀଛାତ୍ର ବିଟ୍‌ସ ପିଲାନୀ ଏବଂ ଶସ୍ତ୍ର ୟୁନିଭର୍ସିଟି ଭଳି ଅନୁଷ୍ଠାନଗୁଡିକରେ ନାମ ଲେଖାର ସୁଯୋଗ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଜନମଙ୍ଗଳକାରୀ ଯୋଜନା ଲାଗି ଅର୍ଥ ସଞ୍ଚୟ କରୁଛୁ

**ନୂଆଦିଲ୍ଲୀ,୧୩ା୬**

ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ଲଗାତର ବୃଦ୍ଧି ହୋଇ ରେକର୍ଡ ସ୍ତରରେ ରହିଛି। ତେଲ ଉପରେ ଉଚ୍ଚ ଟିକସକୁ ନେଇ ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ଏନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସ୍ପଷ୍ଟୀକରଣ ରଖିଛନ୍ତି। ପ୍ରଧାନ କହିଛନ୍ତି, ତେଲ ଉପରେ ଲାଗୁ ହେଉଥିବା ଟିକସରୁ ସରକାର ଅର୍ଥ ସଞ୍ଚୟ କରୁଛନ୍ତି। ଏହି ଅର୍ଥକୁ ବିଭିନ୍ନ ସାମାଜିକ ଜନମଙ୍ଗଳକାରୀ କାର୍ଯ୍ୟକ୍ରମରେ ବିନିଯୋଗ କରାଯାଉଛି। ସେହିଭଳି କଂଗ୍ରେସ ଶାସିତ ରାଜ୍ୟ ରାଜସ୍ଥାନ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟ ତେଲ ଉପରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଟିକସ କମାନ୍ତୁ ବୋଲି ପ୍ରଧାନ କହିଛନ୍ତି। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ ମଧ୍ୟ କରିଛନ୍ତି। ଏହି ରାଜ୍ୟଗୁଡ଼ିକର ସରକାର ତେଲ ଟିକସ ହ୍ରାସ କରିବାକୁ ରାହୁଲ ହସ୍ତକ୍ଷେପ କରନ୍ତୁ। ଫଳରେ ସାଧାରଣ ଲୋକଙ୍କ ସମସ୍ୟା କମିବ ବୋଲି ଧର୍ମେନ୍ଦ୍ର ମତ ପ୍ରକାଶ କରିଛନ୍ତି।

ଗତ ୬ ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ୫.୭୨ ଟଙ୍କାରୁ ୬.୨୫ ଟଙ୍କା ବଢ଼ିଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଟିକସ ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହିପରିପ୍ରେକ୍ଷୀରେ ପ୍ରଧାନ କହିଛନ୍ତି,

### ତେଲ ଦର ବୃଦ୍ଧି ନେଇ ଧର୍ମେନ୍ଦ୍ରଙ୍କ ସ୍ପଷ୍ଟୀକରଣ

- କଂଗ୍ରେସ ଶାସିତ ରାଜ୍ୟ ତେଲ ଟିକସ କମାନ୍ତୁ
- ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କଲେ



କରୋନା ମହାମାରୀ ସ୍ଥିତିରେ ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ସ୍ତରର ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ରାଜସ୍ୱ ନିଅଣ୍ଟିଆ ସ୍ଥିତିକୁ ଭରଣା କରିବାରେ ତେଲ ଟିକସ ସହାୟକ ହେଉଛି। ଟିକସ ବୋଝ ଲୋକଙ୍କୁ ବାଧୁଥିବା ଆମେ ଜାଣିପାରୁଛୁ। ସ୍ୱାସ୍ଥ୍ୟ ଭିତ୍ତିଭୂମି, ଟିକାପ୍ରଦାନ ଏବଂ ଗରିବ ଲୋକଙ୍କୁ ମାଗଣାରେ ଖାଦ୍ୟ ଶସ୍ୟ ବଣ୍ଟନ କରିବା ଲାଗି ସରକାରଙ୍କୁ ଅତିରିକ୍ତ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ସେ ମତ ଦେଇଛନ୍ତି।

ପ୍ରଧାନ ପୁଣି କହିଛନ୍ତି, ରାହୁଲ ଗାନ୍ଧୀ ଯଦି ସବୁ ବେଳେ ତେଲ ଦର ନେଇ ସରକାରଙ୍କୁ ଦୋଷ ଦେଉଛନ୍ତି ତେବେ ରାଜସ୍ଥାନ ଏବଂ ମହାରାଷ୍ଟ୍ରରେ କାହିଁକି ଇନ୍ଧନ ଦର ଉଚ୍ଚରେ ରହିଛି। ଲୋକଙ୍କ ପାଇଁ ରାହୁଲ ସେହି ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀଙ୍କୁ କହି ଟିକସ କମାନ୍ତୁ। ଅନ୍ୟକୁ କହିବା ପରିବର୍ତ୍ତେ ନିଜ ଘର ଠିକ୍ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲାରେ ତେଲ ଦର ଦେଶ ମଧ୍ୟରେ ସବୁଠାରୁ ଉଚ୍ଚରେ ରହିଛି। ଫେବୃୟାରୀ ମଧ୍ୟଭାଗରେ ସେଠାରେ ପେଟ୍ରୋଲ ୧୦୦ ଟଙ୍କା ସ୍ତର ଛୁଇଁଥିଲା। ଯାହା ବର୍ତ୍ତମାନ ୧୦୭.୨୨ ଟଙ୍କା ରହିଛି। ସେହିଭଳି ସେଠାରେ ଡିଜେଲ ଦର ୧୦୦.୦୫ ଟଙ୍କାରେ ବିକ୍ରି ହେଉଛି।

# ଅସନ୍ତୁଳିତ ଆର୍ଥିକ ପୁନରୁଦ୍ଧାର ଚିନ୍ତାଜନକ

**ନୂଆଦିଲ୍ଲୀ,୧୩ା୬**

ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଡି. ସୁବାରାଓ ଦେଶ ମଧ୍ୟରେ ଅସନ୍ତୁଳିତ ଆର୍ଥିକ ପୁନରୁଦ୍ଧାରକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। କରୋନା ମହାମାରୀ ଯୋଗୁ ଦେଶରେ ଧନୀ ଏବଂ ଗରିବଙ୍କ ମଧ୍ୟରେ ଏକ ବୃହତ୍ ତାରତମ୍ୟ ସୃଷ୍ଟି ହୋଇଛି। କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଜାରି କରାଯାଇଥିବା ଲକ୍‌ଡାଉନ ଯୋଗୁ ଗରିବ ଲୋକଙ୍କ ଜୀବିକା ସଙ୍କଟରେ ରହିଛି। ଲୋକଙ୍କ ରୋଜଗାର ବର୍ତ୍ତମାନ ଗଭୀର ଭାବେ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଧନୀଲୋକଙ୍କ କାର୍ଯ୍ୟକଳାପ ଏବଂ ଜୀବନଯାପନ ଉପରେ ଅପେକ୍ଷାକୃତ କମ୍ ପ୍ରଭାବ ପଡିଥିବା ଦେଖାଯାଇଛି।

ସୁବାରାଓ କହିଛନ୍ତି, ମହାମାରୀ ଯେଉଁ ତାରତମ୍ୟ ସୃଷ୍ଟି କରିଛି ତାହା ଅସନ୍ତୁଳିତ ପୁନରୁଦ୍ଧାର ଆଡ଼କୁ ଇସାରା କରୁଛି। ଆଗାମୀ ଦିନରେ ଏହା ଅଭିବୃଦ୍ଧି ସମ୍ଭାବନାକୁ କ୍ଷତି ପହଞ୍ଚାଇପାରେ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅସନ୍ତୁଳିତ ପୁନରୁଦ୍ଧାର ସିଦ୍ଧାନ୍ତ ଦୃଷ୍ଟିକୋଣରୁ ଭୁଲ୍ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ଏହା କ୍ଷତିପହଞ୍ଚାଇ ପାରେ। ଘରୋଇ ବଜାରରେ ନଗଦ ସ୍ଥିତି ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ନିବେଶ ବୃଦ୍ଧି ଯୋଗୁ ମହାମାରୀ ସମୟରେ ମଧ ଶେୟାର ବଜାର ଏବଂ ଅନ୍ୟ ସମ୍ପତ୍ତି ଏବେ ବଢିଚାଲିଛି।

ସୁବାରାଓ ପୁଣି କହିଛନ୍ତି, ଚଳିତ ବର୍ଷ ଦେଶର ଆର୍ଥିକ ସୁଧାର ଉନ୍ନତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ମହାମାରୀର ନୂଆ ଲହର ଏହା ଉପରେ ଶକ୍ତ କ୍ଷତି ପହଞ୍ଚାଇଛି। ଗତବର୍ଷ ଅର୍ଥ ବ୍ୟବସ୍ଥାର ସ୍ଥିତି ଗତ ୪ ଦଶନ୍ଧିର ସବୁଠାରୁ ଖରାପ ରହିଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଜିଡିପି -୭.୩% ରହିଛି। କ୍ଷତି ପରିମାଣ ଆକଳନଠାରୁ କମ୍ ରହିଥିଲେ ମଧ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ଜୀବନ ଜୀବିକା ଏହା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଛି। ଚଳିତ ବର୍ଷ ବଜାର ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। ହେଲେ ଦ୍ୱିତୀୟ ଲହର ଏଥିରେ ପ୍ରତିବନ୍ଧକ ସାଜିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ଅଭିବୃଦ୍ଧି ଆକଳନକୁ ୧୦.୫%ରୁ ୯.୫%କୁ ଖସାଇଛି। ୯.୫% ହାରରେ ଅଭିବୃଦ୍ଧି ପ୍ରଭାବଶାଳୀ ମାତ୍ର ଗତବର୍ଷ ଜିଡିପିରେ ଯେଉଁ ହ୍ରାସ ହୋଇଛି ସେହି ଆଧାରରେ ଏହା ହାସଲ ହେବ। ଯଦି ଆମେ ଅଭିବୃଦ୍ଧି ହାର ହାସଲ ମଧ କରି ନେଉଛେ ତେବେ ଉତ୍ପାଦନ ମହାମାରୀ ପୂର୍ବ ସ୍ଥିତିଠାରୁ କମ୍ ରହିବ। ମହାମାରୀରେ ଅନେକ ଲୋକଙ୍କ ଜୀବିକା ଚାଲି ଯାଇଥିବା ବେଳେ ଅତିଧନୀଙ୍କ ସମ୍ପତ୍ତି ବୃହତ୍ ପରିମାଣରେ ବଢିଛି ବୋଲି ସେ ମତ ରଖିଛନ୍ତି।

### ସତର୍କ କରାଇଲେ ପୂର୍ବତନ ଗଭର୍ନର ସୁବାରାଓ



# ଅକ୍ସିଜେନ ସିଲିଣ୍ଡର ପ୍ରଦାନ କଲା ଏଏମ୍‌ଏନ୍‌ଏସ୍




**ଭୁବନେଶ୍ୱର,୧୩ା୬**


ଆର୍ସେଲର ମିତ୍ତଲ ଆଣ୍ଡ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍) ପକ୍ଷରୁ ଦ୍ୱିତୀୟ ଦଫାରେ ଓଡ଼ିଶା ସରକାରଙ୍କୁ ୫୦୨୦ ମେଡିକାଲ ଗ୍ରେଡ ଅକ୍ସିଜେନ ସିଲିଣ୍ଡର ଏବଂ ୨ ହଜାର ଫ୍ଲୋମିଟର ପ୍ରଦାନ କରାଯାଇଛି। କମ୍ପାନୀ ଓଡ଼ିଶା ଅପରେଶନର କର୍ପୋରେଟ ବ୍ୟାପାର ମୁଖ୍ୟ ଲକ୍ଷ୍ମୀ ମହାପାତ୍ର ଓଡ଼ିଶା ରାଜ୍ୟ ଔଷଧ ନିଗମକୁ ଏହି ସାମଗ୍ରୀଗୁଡିକୁ ହସ୍ତାନ୍ତର କରିଛନ୍ତି। ଔଷଧ ନିଗମର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଇପିକଲ୍ ଏମ୍‌ଡି ନୀତିନ ଜାୱଲେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ। କୋଭିଡ୍ ଲଢ଼େଇରେ କମ୍ପାନୀ ନିଜର ଯୋଗଦାନ ରଖୁଛି ବୋଲି କମ୍ପାନୀର ଷ୍ଟ୍ରାଟେଜିକ ପ୍ରୋଜେକ୍ଟସ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଟି.ଏସ୍. ସାନଭୁଗେ କହିଛନ୍ତି। ରାଜ୍ୟ ସରକାରଙ୍କ କରେନା ଲଢେଇରେ ଆମର ଦାୟିତ୍ୱବୋଧକୁ ଉପଲବ୍ଧି କରି ସହଯୋଗର ହାତ ବଢାଇଛୁ ବୋଲି କମ୍ପାନୀର ଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ଜି.ସୁରେଶ କହିଛନ୍ତି।

2nd Birthday



ARRADHYA
May the Lord continue to shower you with happiness, good future, prosperity and good health all the days of your life.
-:Best wishes from:-
Baba, Mama, Badababa, Badabou, Gudu, Gudi, Kanikshya, Aniskya, Mamu, Main, Maa, Jeja
D-20887

# ୧୩,୪୨୫ କୋଟି ନିବେଶ କଲେ ଏଫ୍‌ପିଆଇ




**ନୂଆଦିଲ୍ଲୀ,୧୩ା୬**

ଚଳିତ ମାସ ଅଦ୍ୟାବଧି ଦେଶର ପୁଞ୍ଜି ବଜାରରେ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ୧୩,୪୨୫ କୋଟି ଟଙ୍କା ନିବେଶ କରିଛନ୍ତି। କୋଭିଡ ମହାମାରୀ କମୁଥିବା ବେଳେ ଅର୍ଥ ବ୍ୟବସ୍ଥା ଭଲ ପ୍ରଦର୍ଶନ କରିବ ବୋଲି ନିବେଶକମାନେ ଆଶାବାଦୀ ଥିବାରୁ ନିବେଶ ବଢିଥିବା ଜଣାପଡିଛି। ଡିପୋଜିଟୋରି ଡାଟା ମୁତାବକ ନିବେଶକମାନେ ଜୁନ୍ ପହିଲାରୁ ୧୧ ମଧ୍ୟରେ ୧୫,୫୨୦ କୋଟି ଟଙ୍କା ଇକ୍ୱିଟିରେ ନିବେଶ କରିଛନ୍ତି। ଗତ ୨ ସପ୍ତାହ ହେବ ବିଦେଶୀ ନିବେଶଙ୍କ ନିବେଶ ବଢୁଥିବାରୁ ଏହା ଘରୋଇ ବଜାର ଉପରେ ଭରସାର ପ୍ରତିଫଳନ ବୋଲି ମର୍ଣ୍ଣିଂ ଷ୍ଟାର ଇଣ୍ଡିଆର ରିସର୍ଚ୍ଚ ବିଭାଗ ଆସୋସିଏଟ ଡାଇରେକ୍ଟର ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି। ଏହି ଅବଧିରେ ନିବେଶକମାନେ ଡେଟ୍ ସେଗ୍‌ମେଣ୍ଟରୁ ୨,୦୯୬ କୋଟି ଟଙ୍କା ପ୍ରତ୍ୟାହାର କରିଥିବା ଜଣାପଡିଛି। ଫଳରେ ମୋଟ୍ ପୁଞ୍ଜି ଆଗମନ ୧୩,୪୨୫ କୋଟି ଟଙ୍କା ରହିଛି।

## ଫୁର୍‌ସତ୍

# 'ଲେଇଙ୍ଗ୍ ଫ୍ଲାଟ୍' କ୍ୟାମ୍ପେନିଂ

**ଚାଇନାର ବିଜନେସ୍ ଟାଇକୁନ୍ ତଥା ଇ-କମର୍ସ କମ୍ପାନୀ 'ଆଲିବାବା'ର ପ୍ରତିଷ୍ଠାତା ଜାକ୍ ମା ସପ୍ତାହକୁ ସର୍ବନିମ୍ନ ୭୨ ଘଣ୍ଟା କାମ କରିବାକୁ ବରଦାନ କହି ଚର୍ଚ୍ଚାର ପରିଧିକୁ ଆସିଥିଲେ। ସାପ୍ତାହିକ ଛୁଟିକୁ ବାଦ୍ ଦେଇ ୬ଦିନରେ ଦୈନିକ ୧୨ ଘଣ୍ଟା ଲେଖାଏଁ ପରିଶ୍ରମ କରିବା ଲାଗି କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ତେବେ ଜ୍ୟାକ୍ ମାଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ଚାଇନାର ଯୁବବର୍ଗ ଅଭିଯାନ ଆରମ୍ଭ କରିଛନ୍ତି, ଯାହାକୁ 'ଲେଇଙ୍ଗ୍ ଫ୍ଲାଟ୍' କୁହାଯାଉଛି।**



**ବେଜିଂ:** ଚାଇନିଜ୍ କମ୍ପାନୀଗୁଡ଼ିକରେ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ନାହିଁ। ସମୟ, ପରିସ୍ଥିତି ଦେଖି କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ନିର୍ଦ୍ଧାରଣ କରିଥାଆନ୍ତି। ହେଲେ ଥରେ କାର୍ଯ୍ୟ କରିବାର ଅବଧି ବଢ଼ିଗଲେ ପରେ ଏହାକୁ ଆଉ କମାଯାଇ ନ ଥାଏ। ଲକ୍ଷ୍ୟ ପୂରଣ ଲାଗି କର୍ମଚାରୀଙ୍କୁ ମାତ୍ରାଧିକ କାମ ଦିଆଯାଉଥିବା ଅନେକ ସମୟରେ ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ଏହି ବିଶାଳ ଜନବହୁଳ ଦେଶରେ ଖାଦ୍ୟ ଏବଂ ବାସଗୃହର ଘୋର ଅଭାବ ଦେଖାଦେଲାଣି। ହେଲେ ତଦନୁଯାୟୀ ପାରିଶ୍ରମିକରେ ବୃଦ୍ଧି କରାଯାଉନାହିଁ। ଏହାକୁ ନେଇ ଚାଇନାର ଯୁବବର୍ଗଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସେମାନେ ଏଥିରୁ ମୁକୁଳିବା ଲାଗି ନୂଆ ଉପାୟ ଖୋଜିଛନ୍ତି, ଯାହା ଏବେ ନୀରବ ଆନ୍ଦୋଳନର ରୂପ ନେଇଛି। ଏହାକୁ 'ଲେଇଙ୍ଗ୍ ଫ୍ଲାଟ୍' କୁହାଯାଉଛି। ଯୁବପିଢ଼ିଙ୍କ ଏଭଳି ପ୍ରତିକ୍ରିୟରେ ଚାଇନା ସରକାର ସାମାନ୍ୟ ଭୟଭୀତ ହୋଇପଡ଼ିଛନ୍ତି।

ଦୈନିକ ୧୨ଘଣ୍ଟିଆ କାମକୁ ବିରୋଧ କରୁଥିବା ଅଧିକାଂଶ ଯୁବତୀଯୁବକଙ୍କ ବୟସ ୨୦ରୁ ୩୦ ବର୍ଷ ମଧ୍ୟରେ। ସେମାନେ ସପ୍ତାହକୁ ୬ଦିନ କାର୍ଯ୍ୟ କରିବାକୁ ମଧ ଅମଙ୍ଗ ହେଉଛନ୍ତି। ସାମାନ୍ୟ କାମଚାପ ବଢ଼ିଲେ ସେମାନେ ଅଫିସ୍ କିମ୍ବା ଘରେ ସୁବିଧା ଅନୁଯାୟୀ ବିଶ୍ରାମ ନେଉଛନ୍ତି। ଏହାର ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏହି ଅଭିଯାନ ଧୀରେ ଧୀରେ ବଡ଼ ଆନ୍ଦୋଳନର ରୂପ ନେଉଛି। ତେବେ ଚାଇନାରେ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଯାଇଥିବାରୁ ଏଭଳି ଘଟଣା ପଦାକୁ ଆସିପାରୁନାହିଁ।

କିଛିଦିନ ତଳେ ଚାଇନାର ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହୋଇଥିଲା। ଏଥିରେ ୩ଜଣ ଯୁବକ ସାଇକେଲରେ କୌଣସି ଏକ ସ୍ଥାନକୁ ଯାଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସାଇକେଲ ଚଳାଇବା ସମୟରେ ଲାପ୍‌ଟପ୍‌ରେ କାମ କରୁଥିବା ଦେଖିବାକୁ ମିଳିଥିଲା। ତଦନ୍ତରୁ ଜଣାପଡ଼ିଲା ସିଙ୍ଘୁଆ ୟୁନିଭର୍ସିଟିର ସମ୍ପୃକ୍ତ ଯୁବକମାନେ ସମୟ ଅଭାବରୁ ସାଇକେଲ ଚଳାଇବା ସମୟରେ ପାଠପଢ଼ା ସହିତ ଜଡ଼ିତ କାମ କରୁଥିଲେ। ଏହି ଘଟଣା ପରେ ଚାଇନାର ଯୁବପିଢ଼ି କମ୍ପାନୀ ଏବଂ ଚାକିରିରେ ଭୋଗୁଥିବା ଚାପକୁ ନେଇ ଆଲୋଚନା ଆରମ୍ଭ ହୋଇଥିଲା।

ଉଲ୍ଲେଖଯୋଗ୍ୟ, କିଛିବର୍ଷ ହେଲା ଚାଇନିଜ୍ କମ୍ପାନୀଗୁଡ଼ିକ ପରସ୍ପର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଫଳରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ମଧ ଚାପ ବଢ଼ିବାରେ ଲାଗିଛି। ସେମାନଙ୍କୁ ମନୋରଞ୍ଜନ ଲାଗି ସମୟ ମିଳୁନାହିଁ। କିଛି ସମୟ ପାଇଁ ସାଇକେଲ ଚଳାଇବା ଅଥବା କୌଣସି ଜରୁରୀ କାର୍ଯ୍ୟରେ ଫସିଯାଇ ସାମାନ୍ୟ ବିଳମ୍ବରେ କମ୍ପାନୀରେ ପହଞ୍ଚିଲେ ଏହାକୁ ସମୟର ଅପଚୟ ବୋଲି ବିବେଚନା କରାଯାଉଛି, ଯାହା ଯୁବବର୍ଗଙ୍କୁ ମାନସିକତାକୁ ପ୍ରଭାବିତ କରୁଛି। 'ୱାଶିଂଟନ୍ ପୋଷ୍ଟ'ର ଏକ ରିପୋର୍ଟ ଅନୁଯାୟୀ, 'ଲେଇଙ୍ଗ୍ ଫ୍ଲାଟ୍' ଅଭିଯାନରେ ୯୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଡ଼ି ହୋଇଛନ୍ତି। ସେମାନେ ପ୍ରତିବାଦ ସ୍ୱରୂପ ଘରେ ବିଶ୍ରାମ ନେଉଥିବାର ଫଟୋ ସୋସିଆଲ ମିଡିଆରେ ଛାଡୁଛନ୍ତି। ତେବେ ଏହି ଅଭିଯାନରୁ ଚାଇନା ଅର୍ଥନୀତିକୁ ବିପଦ ଥିବାରୁ ସରକାରଙ୍କ ନିର୍ଦ୍ଦେଶରେ ସମସ୍ତ ଫଟୋକୁ ସୋସିଆଲ ମଡିଆରୁ ଡିଲିଟ୍ କରିଦିଆଯାଇଛି।

### କାର୍ଯ୍ୟଚାପ କମାଇବାକୁ ଚାଇନା ଯୁବପିଢ଼ିଙ୍କ ଅଭିଯାନ



### '୯-୯-୬' କଲ୍‌ଚରକୁ ବିରୋଧ

ଅଫିସରେ ବଢୁଥିବା କାର୍ଯ୍ୟଚାପକୁ ଚାଇନାର ଯୁବପିଢ଼ି '୯-୯-୬' କଲ୍‌ଚର ନାମରେ ନାମିତ କରିଛନ୍ତି। ଏହା ସପ୍ତାହର ୬ଦିନ ସକାଳ ୯ଟାରୁ ରାତି ୯ଟା ଯାଏ ଅନବରତ କାମ କରିବାକୁ ସୂଚାଉଛି। ଏଥିରୁ ସାମାନ୍ୟ ବ୍ୟତିକ୍ରମ ହେଲେ ସେମାନଙ୍କ ଚାକିରି ଯିବାର ଭୟ ରହୁଛି କିମ୍ବା ଦରମା କାଟ ହେଉଛି। ଏଭଳି ନିୟମରେ ଯୁବବର୍ଗ ବେଶି ପ୍ରଭାବିତ ହେଉଥିବାବେଳେ ସେମାନେ ମାନସିକ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି।

### ଅତିରିକ୍ତ କାର୍ଯ୍ୟ: ସବୁଠୁ ଆଗରେ ଆଲିବାବା

ଚାଇନାର ଶ୍ରମ ନିୟମ ଅନୁଯାୟୀ କର୍ମଚାରୀଙ୍କ ଲାଗି ସର୍ବାଧିକ କାର୍ଯ୍ୟନିର୍ଘଣ୍ଟ ୮ଘଣ୍ଟା ସ୍ଥିର କରାଯାଇଛି। ହେଲେ ଏହା କେବଳ କାଗଜକଲମରେ ସୀମିତ ବୋଲି ଏକ ରିପୋର୍ଟରେ କୁହାଯାଇଛି। ପ୍ରକୃତ ପକ୍ଷେ ଚାଇନିଜ୍ କମ୍ପାନୀଗୁଡ଼ିକ କର୍ମଚାରୀଙ୍କୁ ୧୨ରୁ ୧୬ ଘଣ୍ଟା ଯାଏ ଖଟାଉଛନ୍ତି। ଏ କ୍ଷେତ୍ରରେ ଆଗରେ ରହିଛି ଇ-କମର୍ସ କମ୍ପାନୀ ଆଲିବାବା। ୨୦୧୯ରେ ସଂସ୍ଥାର ପ୍ରତିଷ୍ଠାତା ଜ୍ୟାକ୍ ମା ସପ୍ତାହକୁ ୭୨ ଘଣ୍ଟା କାମ କରିବାକୁ ବରଦାନ ବୋଲି ମତ ଦେଇଥିଲେ। ସେବେଠାରୁ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ କାମ କରିବାର ସମୟ ସୀମା ବଢ଼ିବାରେ ଲାଗିଛି।

# ଫିଟ୍‌ନେସ୍‌କୁ ଫେରିଲେ କ୍ୟାଟ୍ରିନା



**ମୁମ୍ବାଇ:** କରୋନାରେ ଆକ୍ରାନ୍ତ ହୋଇଥିଲେ ବଲିଉଡ ସୁନ୍ଦରୀ କ୍ୟାଟ୍ରିନା କୈଫ। ଏଥିରୁ ସୁସ୍ଥ ହେବା ପରେ ଏବେ ସେ ନିଜର ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେଇଛନ୍ତି। କ୍ୟାଟ ଏବେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ସେ କ୍ୟାପଶନ ଲେଖିଛନ୍ତି, ୱାର୍କଆଉଟ ଆରମ୍ଭ। କ୍ୟାଟ ଲେଖିଛନ୍ତି, କରୋନାରୁ ସୁସ୍ଥ ହେବା ପରେ ଏବେ ୱାର୍କଆଉଟ ଟ୍ରାକ୍‌ରେ। ବର୍ତ୍ତମାନ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡୁଛି। ତାଙ୍କର ଏହି ପୋଷ୍ଟରେ ପ୍ରଶଂସକଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ପ୍ରତିକ୍ରିୟା ରଖିଛନ୍ତି। ଅନେକ କ୍ୟାଟ୍‌ଙ୍କୁ ପ୍ରଶଂସା କରିଥିବା ବେଳେ ଜଣେ ୟୁଜର ଲେଖିଛନ୍ତି, ବ୍ୟାକ ଟୁ ୱାର୍କଆଉଟ ମାଡାମ। ଜାଣି ଖୁସି ଲାଗିଲା। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେବା ଜରୁରୀ। ବୟଫ୍ରେଣ୍ଡ ଭିକି କୌଶଲ କରୋନା ପଜିଟିଭ୍ ଆସିବା ପରେ ଏପ୍ରିଲ ୬ରେ କ୍ୟାଟ୍ ମଧ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏପ୍ରିଲ ୧୭ରେ କ୍ୟାଟ୍‌ଙ୍କ କରୋନା ରିପୋର୍ଟ ନେଗେଟିଭ୍ ଆସିଥିଲା। ୨୦୧୯ରେ କ୍ୟାଟ୍ରିନାଙ୍କୁ ଶେଷଥର ପାଇଁ 'ଭାରତ' ମୁଭିରେ ଦେଖିବାକୁ ମିଳିଥିଲା। ଏଥିରେ ସଲମାନ ଖାନ ଏବଂ ଦିଶା ପଟାନୀ ରହିଥିବାବେଳେ ଅଲୀ ଅବାସକ ଜାଫର ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସଂଗ୍ରାମ କିଶୋର ସେନାପତି (ଜଙ୍ଗଲୀ)
ଆବିର୍ଭାବ : ୧୧-୦୫-୧୯୬୪
ତିରୋଧାନ : ୦୪-୦୬-୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-: ଶୋକସନ୍ତପ୍ତ :-
IKC GROUP, ଭୁବନେଶ୍ୱର ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୮୮୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦୁର୍ଯ୍ୟୋଧନ ରାଜହଂସ
ଆବିର୍ଭାବ: ୨୦।୦୩।୧୯୪୭
ତିରୋଧାନ: ୦୪।୦୬।୨୦୨୧
ଶାସ୍ତ୍ରୀନଗର ଉନ୍ନୟନ ପରିଷଦର ପୂର୍ବତନ ସଭାପତି ଓ ସମ୍ପାଦକ ତଥା ଭୁବନେଶ୍ୱର ଗାୟତ୍ରୀ ପରିବାରର ବରିଷ୍ଠ ସାଧକ ଓ କାର୍ଯ୍ୟକର୍ତ୍ତାଙ୍କ ପରଲୋକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ:- ଧର୍ମପତ୍ନୀ: ଶ୍ରୀମତୀ ରଜନୀରାଣୀ ରାଜହଂସ, ପୁତ୍ର: ଆଶିଷ କୁମାର ରାଜହଂସ, ପୁତ୍ରବଧୂ: ସୁସ୍ମିତା, ରିମା, ମାମା, ଅନ୍ୟାନ୍ୟ ପରିବାରବର୍ଗ ଓ ଭୁବନେଶ୍ୱର ୟୁନିଟ୍-୯ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟଟ୍ରଷ୍ଟି: ଶ୍ରୀଯୁକ୍ତ ମାୟାଧର ବେହେରା, ଶ୍ରୀଯୁକ୍ତ: ବଳରାମ ସାମନ୍ତରାୟ, ସମସ୍ତ ପରିଜନ ବୃନ୍ଦ
ଧ-୭୦୪୫୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସଂଗ୍ରାମ କିଶୋର ସେନାପତି
ପ୍ଲଟ୍ ନଂ.୧୨୮୯ (ଏ), ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ : ୧୧.୦୫.୧୯୬୪
ତିରୋଧାନ : ୦୪.୦୬.୨୦୨୧
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୮୮୫



# ଅଣ୍ଟାବିନ୍ଧାର ଘରୋଇ ଉପଚାର



ଅଣ୍ଟାବିନ୍ଧା ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି। ତେବେ, ଏପରି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇ ପାରିଲେ ଆପଣ ଏଥିରୁ କେତେକାଂଶରେ ଉପଶମ ପାଇ ପାରିବେ। ଅଧିକ ସମୟ ଠିଆ ହୋଇ କାମ କରୁଥିଲେ ମଝିରେ ମଝିରେ କିଛି ସମୟ ବସି ବିଶ୍ରାମ ନିଅନ୍ତୁ। ଅନ୍ୟପକ୍ଷରେ ଯଦି ଆପଣ ଗୋଟିଏ ଜାଗାରେ ଅଧିକ ସମୟ ବସି ରହୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଠି କିଛି ସମୟ ବୁଲାବୁଲି କରନ୍ତୁ। ଏହାଦ୍ୱାରା ଅଣ୍ଟାକୁ ଆରାମ ମିଳିଥାଏ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ସବୁଠାରୁ ବଡ କଥା ହେଲା ଶାରୀରିକ ଓଜନ। ଏହା ଯେପରି ସନ୍ତୁଳିତ ରହେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଆପଣଙ୍କର ଅଣ୍ଟାବିନ୍ଧା ପରି ସମସ୍ୟା ରହିଛି ତେବେ ଓଜନିଆ ଜିନିଷ ଉଠାନ୍ତୁ ନାହିଁ।

# ବୁଦ୍ଧିମତ୍ତା ଓ ନିଦ୍ରା



ଆମେ ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ହେଲେ କେତେକଙ୍କ କ୍ଷେତ୍ରରେ ଏଥିରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ। ତେବେ ଯଦି ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ନିଦ୍ରା ଯାଆନ୍ତି ତା'ହେଲେ ତାଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ନିକଟରେ 'ବୁଦ୍ଧିମତ୍ତା ଓ ନିଦ୍ରା' ଶୀର୍ଷକ ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ଆବଶ୍ୟକ ମୁତାବକ ନିଦ୍ରା ଯାଉଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ହେଉଥିବାର ଜଣାପଡିଥିଲା। ତେବେ କେବଳ ଶୋଇବା ନୁହେଁ, ତା'ସହ ଖାଦ୍ୟପେୟ ପ୍ରତି ନଜର ଦେବା ଆବଶ୍ୟକ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଏକ୍ମୋ ଚିକିତ୍ସା



ଡା. ଦ୍ୱିଜେଶ କୁମାର ପଣ୍ଡା



ଏକ୍‌ମୋ ଗୋଟିଏ ପରିବର୍ତ୍ତିତ ହାର୍ଟ-ଲଙ୍ଗ୍‌ସ ଯନ୍ତ୍ର। ହୃତ୍‌ପିଣ୍ଡ ବା ହାର୍ଟ ଅପରେଶନ ସମୟରେ ଏହା ବ୍ୟବହାର ହୁଏ। ମୁମୂର୍ଷୁ ରୋଗୀକୁ ଜୀବନ ଦାନ କରେ। ଶରୀରର ବାହାରେ ଥାଇ ଉକ୍ତ ଦୁଇଟି ଅଙ୍ଗର କାର୍ଯ୍ୟ କରେ। ସବୁ ଜୀବକୋଷକୁ ଅକ୍ସିଜେନ ଦିଏ ଓ ଅଦରକାରୀ ବିଷାକ୍ତ ଅଙ୍ଗାରକାମ୍ଳ ନିଷ୍କାସିତ କରେ। ସାଙ୍ଘାତିକ କୋଭିଡ୍ ରୋଗୀର ଏହି ପ୍ରକ୍ରିୟା ସମ୍ଭବ ନ ହେବା ଫଳରେ ମୃତ୍ୟୁ ହୁଏ। ଫୁସ୍‌ଫୁସରେ ପାଣି, ପୂଯ ଓ ରକ୍ତ ଜମାଟ ବାନ୍ଧେ। ଏହାର ଫଳରେ ଅସ୍ୱଚ୍ଛ କାଚ ପରି ଦେଖାଯାଏ। ତେଣୁ ଜୀବନ ରକ୍ଷାକାରୀ ଅମ୍ଳଜାନ ଶରୀରର ବିଭିନ୍ନ ଅଙ୍ଗ ପାଇପାରେ ନାହିଁ। ଏହି ପରିସ୍ଥିତିରେ ଅକାମୀ ଫୁସ୍‌ଫୁସ ପ୍ରତିବଦଳରେ 'ଏକ୍‌ମୋ' କିଛି ଦିନ ବଞ୍ଚିବା ପାଇଁ ଆଶା ସଞ୍ଚାର କରେ। ସାଂଘାତିକ ହୃଦ୍‌ଘାତରେ ଏହା ମଧ୍ୟ ବ୍ୟବହୃତ ହୁଏ। ଏହାର ସମ୍ପୂର୍ଣ୍ଣ ସଫଳତା ନୈରାଶ୍ୟଜନକ। ବଞ୍ଚିବାର ଆଶା ନେଇ ଗରିବ ରୋଗୀ ସର୍ବସ୍ୱାନ୍ତ ହୁଏ।

ଏକ୍‌ମୋ ଶରୀରର ସବୁ ଅଙ୍ଗକୁ ରକ୍ତ ପମ୍ପ କରେ। ହୃତ୍‌ପିଣ୍ଡ ସ୍ପନ୍ଦନ ଜାରି ରଖେ। ଏହା ଫୁସ୍‌ଫୁସ ଓ ହାର୍ଟର ପରିପୂରକ ରୂପେ କାର୍ଯ୍ୟ କରେ। ସଦ୍ୟଜାତ ଶିଶୁ ଓ ବାଳକମାନଙ୍କ ଚିକିତ୍ସା ପାଇଁ ଏହା ଉପଯୋଗୀ। ଏହା ଗୋଟିଏ ବ୍ୟୟବହୁଳ ଚିକିତ୍ସା। ମାତ୍ର ୧୫ ଦିନରେ ପ୍ରାୟ ୧୨ଲକ୍ଷରୁ ଅଧିକ ଖର୍ଚ୍ଚ ହୋଇଥାଏ। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କୁ ସାଂଘାତିକ ହୃଦ୍‌ଘାତ ପରେ ଜୀବନ ରକ୍ଷାକାରୀ ଏକ୍‌ମୋ ଯନ୍ତ୍ରରେ ବହୁଦିନ ରଖାଯାଇଥିଲା। ଏହା ସବୁ ରୋଗୀଙ୍କ ପାଇଁ ବ୍ୟବହାର ସମ୍ଭବ ନୁହେଁ। ଜୀବନ ବଞ୍ଚାଇବା ପାଇଁ ସବୁ ଚିକିତ୍ସା ଅସଫଳ ହେଲେ ଏହାର ବ୍ୟବହାର ଅପରିହାର୍ଯ୍ୟ। ମସ୍ତିଷ୍କ ଅପରେଶନ ପରେ ଏହାର ବ୍ୟବହାର ନିଷେଧ।

ଏକ୍‌ମୋ ଯନ୍ତ୍ର ଜଙ୍ଘ ପାଖରେ ଥିବା ଫିମୋରାଲ୍ ଶିରାରୁ ନଳୀ ମାଧ୍ୟମରେ ଦୂଷିତ ରକ୍ତ ସଂଗ୍ରହ କରେ। ଉକ୍ତ ରକ୍ତକୁ ଅମ୍ଳଜାନ ଦ୍ୱାରା ସଂତୃପ୍ତ କରି ଶରୀର ଉତ୍ତାପରେ ଫିମୋରାଲ ଧମନୀରେ ପ୍ରବାହିତ କରାଯାଏ। ଏହା ହେଉଛି ଫୁସ୍‌ଫୁସର କାର୍ଯ୍ୟ। ଏକ୍‌ମୋ ଯନ୍ତ୍ର ତାହା ନିର୍ବାହ କରେ। ଏହା ସହିତ ଜୀବାଣୁ ନାଶକ ଆଣ୍ଟିବାୟୋଟିକ ଇଞ୍ଜେକ୍‌ଶନ ଦିଆଯାଏ। ସାଙ୍ଘାତିକ କୋଭିଡ୍ ସଂକ୍ରମଣରେ ଏକ୍‌ମୋର ଆବଶ୍ୟକତା ଅନିବାର୍ଯ୍ୟ। ସଙ୍କଟାପନ୍ନ ରୋଗୀ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟା ୬୦ ପ୍ରତିଶତ ହେଉଥିବା ବେଳେ ଏକ୍‌ମୋ ଚିକିତ୍ସାରେ ୪୬ ପ୍ରତିଶତକୁ ହ୍ରାସ ଘଟେ। କିନ୍ତୁ ରୋଗୀ ଡାକ୍ତରଖାନାରୁ ଘରକୁ ଆସିବା ପରେ ସ୍ୱାଭାବିକ ଜୀବନ ନିର୍ବାହ କରିପାରେ ନାହିଁ। ମସ୍ତିଷ୍କ ଭିତରେ ରକ୍ତ ସ୍ରାବ ଆଶଙ୍କା ଥାଏ। ରକ୍ତରେ ପ୍ଲେଟଲେଟ୍ ପରିମାଣ କମିଯାଏ। ଦେହରେ ଏକ୍‌ମୋ ଯନ୍ତ୍ର ଲଗାଯିବା ସମୟରେ ଭୁଲରେ ନଳୀ ଶୀରରେ ନ ଯାଇ ଯଦି ଧମନୀରେ ପ୍ରବେଶ କରେ ଜଟିଳତା ଦେଖାଯାଏ। ରକ୍ତସ୍ରାବ, ରକ୍ତ ଜମାଟ ଓ ଅତ୍ୟଧିକ ପାଣିର ବୋଝ ସମସ୍ୟା ସୃଷ୍ଟି କରେ। ଜୀବାଣୁ ସଂକ୍ରମଣ ଓ ମସ୍ତିଷ୍କ ଆଘାତର ଆଶଙ୍କା ଥାଏ।

ଏକ୍‌ମୋ ଯନ୍ତ୍ର ୧୯୫୦ ମସିହାରେ ଜନ୍ ଗିବନ୍‌ଙ୍କ ଦ୍ୱାରା ଉଦ୍ଭାବିତ ହୋଇଥିଲା। ୧୯୭୫ରେ ପ୍ରଥମେ ଜଣେ ନବଜାତ ଶିଶୁ ଦେହରେ ସଫଳତାର ସହ ବ୍ୟବହାର ହେଲା। ବର୍ତ୍ତମାନ ଆମେରିକା, ଅଷ୍ଟ୍ରେଲିଆ, ଜାପାନ, ଚାଇନା ଓ ତାଇୱାନ୍ ଦେଶମାନଙ୍କରେ ଏକ୍‌ମୋର ଅଧିକ ସଂଖ୍ୟାରେ ବ୍ୟବହାର ହେଉଛି। ଏହି ଯନ୍ତ୍ର କୌଣସି ରୋଗର ନିର୍ଦ୍ଦିଷ୍ଟ ଚିକିତ୍ସା ପାଇଁ ବ୍ୟବହାର ହୁଏ ନାହିଁ। ଏହା ସାମୟିକ ଭାବେ ଶରୀରକୁ ଅକ୍ସିଜେନ ଯୋଗାଏ। ଏକଥା ଜାଣିବାକୁ ହେବ ଯେ, 'ଏକ୍‌ମୋ ଯନ୍ତ୍ର ହୃତ୍‌ପିଣ୍ଡ ଓ ଫୁସ୍‌ଫୁସର ପ୍ରତିବଦଳ ନୁହେଁ।'

-୧୨, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର
ମୋ : ୯୪୩୮୪୭୦୭୭୭





"ଏକ୍‌ମୋ ଯନ୍ତ୍ର ଜଙ୍ଘ ପାଖରେ ଥିବା ଫିମୋରାଲ୍ ଶିରାରୁ ନଳୀ ମାଧ୍ୟମରେ ଦୂଷିତ ରକ୍ତ ସଂଗ୍ରହ କରେ। ଉକ୍ତ ରକ୍ତକୁ ଅମ୍ଳଜାନ ଦ୍ୱାରା ସଂତୃପ୍ତ କରି ଶରୀର ଉତ୍ତାପରେ ଫିମୋରାଲ ଧମନୀରେ ପ୍ରବାହିତ କରାଯାଏ। ଏହା ହେଉଛି ଫୁସ୍‌ଫୁସର କାର୍ଯ୍ୟ। ଏକ୍‌ମୋ ଯନ୍ତ୍ର ତାହା ନିର୍ବାହ କରେ। ଏହା ସହିତ ଜୀବାଣୁନାଶକ ଆଣ୍ଟିବାୟୋଟିକ ଇଞ୍ଜେକ୍‌ଶନ ଦିଆଯାଏ। ସାଙ୍ଘାତିକ କୋଭିଡ୍ ସଂକ୍ରମଣରେ ଏକ୍‌ମୋର ଆବଶ୍ୟକତା ଅନିବାର୍ଯ୍ୟ।"

# ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ...


ଆଜିକାଲି ରକ୍ତଚାପ ବା ବ୍ଲଡ ପ୍ରେସର ସମସ୍ୟା ଏକ ସାଧାରଣ ଘଟଣା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଆଦି ଏଥିପାଇଁ କେତେକାଂଶରେ ଦାୟୀ। ତେବେ ଜଣେ ଉଚ୍ଚ ରକ୍ତଚାପ ରୋଗୀ କେଉଁ ବିଷୟ ପ୍ରତି ଅଧିକ ଧ୍ୟାନ ଦେବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...

- ବିଶେଷଭାବରେ ବୟସ ବଢ଼ିଲେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବା ନିହାତି ଦରକାର।
- ଯଦି ଆପଣ ଏପରି ସମସ୍ୟା ସହ ଜଡିତ, ତେବେ ନିଜର ରକ୍ତଚାପ କେତେ ରହୁଛି ତାହା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାପି ଜାଣି ନିଅନ୍ତୁ।
- କେତେକ କାରଣରୁ ରକ୍ତଚାପ ଅସନ୍ତୁଳିତ ରହିଥାଏ। ଯଦି ଆପଣ ଏହାର ପ୍ରାକ୍ ଲକ୍ଷଣ ବିଷୟରେ ଜାଣିପାରିଲେ ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ।
- ଏ ନେଇ ଡାକ୍ତର ପରାମର୍ଶ ଦେବା ସମୟରେ ଔଷଧ ବ୍ୟତୀତ ଖାଦ୍ୟପେୟ, ଜୀବନଶୈଳୀ ପ୍ରତି ନଜର ଦେବାକୁ କହିଥାଆନ୍ତି। ତାହାର ପରାମର୍ଶଗୁଡିକୁ ଠିକ୍ ଭାବରେ ପାଳନ କରନ୍ତୁ।
- ରକ୍ତଚାପ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ଆପଣଙ୍କର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସୂଚନା ଦେବାକୁ ଭୁଲନ୍ତୁ ନାହିଁ।
- ରକ୍ତଚାପକୁ ସନ୍ତୁଳିତ ରଖିବା ପାଇଁ ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମ ସାମିଲ କରନ୍ତୁ।
- ନିଶାଦ୍ରବ୍ୟ ସେବନ ଯୋଗୁଁ ରକ୍ତଚାପଜନିତ ସମସ୍ୟା ଆଶଙ୍କା ଅଧିକ ଥାଏ। ତା'ସହ ଯଦି ଆପଣ ଏଭଳି ଅଭ୍ୟାସ ସହ ଜଡିତ ତେବେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ।

-ରକ୍ତଚାପରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। କାରଣ ସେ ରକ୍ତଚାପର ଅବସ୍ଥା ଦେଖି ଔଷଧର ଡୋଜ୍ ସ୍ଥିର କରିଥାଆନ୍ତି।




# ପରିଚୟ ସାଂପ୍ରତିକ ଇତିହାସର ଅନୁପମ ଧାରା




ସାଂପ୍ରତିକ ଘଟଣାବଳୀକୁ ଭଲ ଭାବରେ ତର୍ଜମା କରି ତାହାକୁ 'ସାଂପ୍ରତିକ ଇତିହାସର ଅନୁପମ ଧାରା' ପୁସ୍ତକରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି ବିଶିଷ୍ଟ ବିଜ୍ଞାନ ଲେଖକ ଡ. ନିଖିଳାନନ୍ଦ ପାଣିଗ୍ରାହୀ। ଉପସ୍ଥାପିତ ଏଭଳି ଘଟଣାବଳୀ ସମାଜ ଏବଂ ଜନସାଧାରଣଙ୍କ ପାଇଁ କିପରି ଶିକ୍ଷଣୀୟ ହୋଇପାରିବ ସେ ନେଇ ଲେଖକ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ତା' ସହ ଉପସ୍ଥାପନା ସମୟରେ ଏହାର ଧାରା ଏବଂ ଶବ୍ଦ ସଂଯୋଜନା ଯେପରି ପାଠିକା-ପାଠକଙ୍କୁ ବାନ୍ଧି ରଖିପାରେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଛନ୍ତି ସେ। ବର୍ତ୍ତମାନ ସମୟରେ ଏପରି ଏକ ପୁସ୍ତକ ବେଶ୍ ପାଠକାଦୃତ ହେବ ବୋଲି ଆଶା କରାଯାଏ। ଉକ୍ତ ପୁସ୍ତକରେ ରହିଛି ମୋଟ ୩୯୨ ପୃଷ୍ଠା। ଅଗ୍ରଣୀ ପ୍ରକାଶକ ସଂସ୍ଥା କଟକସ୍ଥିତ ଓଡିଶା ବୁକ୍ ଏମ୍ପୋରିୟମ ଏହାକୁ ଚଳିତ ବର୍ଷ ପ୍ରକାଶ କରିଛନ୍ତି ଏବଂ ଏହାର ମୂଲ୍ୟ ରହିଛି ୪୫୦ ଟଙ୍କା। ଯୋଗାଯୋଗ : ଓଡ଼ିଶା ବୁକ୍ ଏମ୍ପୋରିୟମ, କଟକ।


# ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ।
- ଅଧିକ ପରିମାଣରେ ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ଖାଇବା ପରେ ନିଶାଦ୍ରବ୍ୟ ସେବନ ଆଦୌ କରନ୍ତୁ ନାହିଁ।
- ରାତ୍ରଭୋଜନ ପରେ କିଛି ସମୟ ଚାଲବୁଲ କରନ୍ତୁ। ଖାଇସାରି ସାଙ୍ଗେ ସାଙ୍ଗେ ଶୋଇଲେ ତାହା ଏସିଡିଟି ସମସ୍ୟା ବଢ଼ାଇ ଦେଇଥାଏ।
- ନିଜକୁ ସବୁବେଳେ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। କିଛି ନ ହେଲେ ପ୍ରତିଦିନ ଅଧ ଘଣ୍ଟାଏ ଚାଲନ୍ତୁ।
- ଯଦି କୌଣସି ରୋଗର ଲକ୍ଷଣ ବିଷୟରେ ଜାଣିପାରିଲେ ତାହାକୁ ହେୟ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସବୁବେଳେ ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କଲେ ଶାରୀରିକ ସମସ୍ୟା ରହେ ନାହିଁ।



# ସ୍ମରଣୀୟ କାରଲ ଲ୍ୟାଣ୍ଡଷ୍ଟେନର

ଆଜି ହେଉଛି 'ବିଶ୍ୱ ରକ୍ତଦାତା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ବିଶେଷ ଉପସ୍ଥାପନା...



ଡା. କାରଲ ଲ୍ୟାଣ୍ଡଷ୍ଟେନର

୧୯୦୧ ମସିହାରେ ରକ୍ତ ବିଜ୍ଞାନରେ ଏକ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା। ଡା. କାରଲ ଲ୍ୟାଣ୍ଡଷ୍ଟେନର ନିଜ ଶରୀରରୁ ଓ ନିଜ ଅଧୀନରେ ଗବେଷଣା କରୁଥିବା ଗବେଷକଙ୍କ ଶରୀରରୁ ରକ୍ତ ନମୁନା ସଂଗ୍ରହ କରି ବହୁପ୍ରକାର ଗବେଷଣା ପରେ ୧୯୦୧ ମସିହାରେ ମନୁଷ୍ୟ ଶରୀରରେ 'ଏ', 'ବି' ଏବଂ 'ଓ' ରକ୍ତ ଗ୍ରୁପ୍ ଉଦ୍ଭାବନ କରିଥିଲେ। ୧୯୦୨ ମସିହାରେ ଡା. ଲ୍ୟାଣ୍ଡଷ୍ଟେନରଙ୍କର ଦୁଇ ଜଣ ଛାତ୍ର ଓ ବୈଜ୍ଞାନିକ ଡା. ଷ୍ଟରଲି ଏବଂ ଡା. ଡିକାଷ୍ଟେଲୋ 'ଏବି' ନାମକ ଚତୁର୍ଥ ରକ୍ତ ଗ୍ରୁପ୍ ଉଦ୍ଭାବନ କରିଥିଲେ। 'ଏ', 'ବି' ଏବଂ 'ଓ' ରକ୍ତ ଗ୍ରୁପର ଆବିଷ୍କାର ପାଇଁ ଡା. କାରଲ ଲ୍ୟାଣ୍ଡଷ୍ଟେନରଙ୍କୁ ଭେଷଜ ବିଜ୍ଞାନ ପାଇଁ ୧୯୩୦ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. କାରଲ ଲ୍ୟାଣ୍ଡଷ୍ଟେନର ୧୮୬୮ ମସିହା ଜୁନ ୧୪ ତାରିଖରେ ଅଷ୍ଟ୍ରିଆର ରାଜଧାନୀ ଭିଏନା ଠାରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ନୋବେଲ ପୁରସ୍କାର ଗ୍ରହଣ ବେଳକୁ ସେ ଆମେରିକାର ନାଗରିକତ୍ୱ ଗ୍ରହଣ କରିସାରିଥିଲେ। ୧୯୪୩ ମସିହାରେ ସେ ଇହଜଗତରୁ ବିଦାୟ ନେଇଥିଲେ ମଧ୍ୟ ରକ୍ତ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ଚିରସ୍ମରଣୀୟ।

୨୦୦୪ ମସିହା ଠାରୁ ଡା. କାରଲ ଲ୍ୟାଣ୍ଡଷ୍ଟେନରଙ୍କ ଜନ୍ମ ଦିନ (ଜୁନ ୧୪ ତାରିଖ)କୁ ସାରା ବିଶ୍ୱରେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ପାଇଁ ଓ ତାଙ୍କୁ ମନେରଖିବା ପାଇଁ 'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସର ବାର୍ତ୍ତାଟି ହେଲା - "ରକ୍ତଦାନ କରନ୍ତୁ ଓ ସାରା ମାନବ ସମାଜକୁ ସଚେତନ କରାନ୍ତୁ"।

ପ୍ରତେକ ବ୍ୟକ୍ତି ସୁସ୍ଥ ଥିବା ପର୍ଯ୍ୟନ୍ତ ସ୍ୱେଚ୍ଛାକୃତ ଭାବେ ଜୀବନରେ ଥରେ ହେଉ ପଛେ ରକ୍ତଦାନ କରିବା ଉଚିତ। ଯିଏ ଥରେ ରକ୍ତଦାନ କରିଛି ସେ ଆଉ ଅଟକି ଯାଇ ନାହିଁ। ଠିକ ସମୟ ବ୍ୟବଧାନରେ ନିୟମିତ ରକ୍ତଦାନ କରି ରକ୍ତଦାତା ପାଲଟି ଯାଇଛି। କେବଳ ସେତିକି ନୁହେଁ, ଜଣେ ରକ୍ତଦାତା ଯେତେବେଳେ ରକ୍ତଦାନ ପ୍ରକ୍ରିୟା ସହିତ ଯୋଡି ହୋଇ ରହେ ସେ ରକ୍ତ ବିଜ୍ଞାନ ବିଷୟରେ ଜ୍ଞାନ ଆହରଣ କରେ ଓ ଅନ୍ୟକୁ ରକ୍ତଦାନ କରିବା ପାଇଁ ପ୍ରବର୍ତ୍ତାଏ। ତେଣୁ ରକ୍ତଦାତା ସମୟକ୍ରମେ ଜଣେ ପ୍ରବର୍ତ୍ତକ ବା ମୋଟିଭେଟର ପାଲଟିଯାଏ। ଚଳିତ ବର୍ଷ ବାର୍ତ୍ତାର ଲକ୍ଷ୍ୟ ହେଉଛି ନିଜେ ରକ୍ତଦାନ କରନ୍ତୁ ଓ ଅନ୍ୟମାନଙ୍କୁ ରକ୍ତଦାନ କରିବା ପାଇଁ ପ୍ରବର୍ତ୍ତାନ୍ତୁ- ତେବେ ଯାଇ ରକ୍ତଭଣ୍ଡାରରେ ରକ୍ତର ଅଭାବ ରହିବ ନାହିଁ କିମ୍ବା ଅନ୍ୟ ଅର୍ଥରେ ଡାକ୍ତରଖାନାରେ ବହୁ ସମସ୍ୟାରେ ଥିବା ରୋଗୀ ରକ୍ତ ପାଇବା ପାଇଁ ଅଧିକ ଯନ୍ତ୍ରଣା ପାଇବ ନାହିଁ।

-ଦିଲ୍ଲୀପ ଦାଶଶର୍ମା
ପ୍ରତିଷ୍ଠାତା ସଭାପତି, ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ, ଓଡ଼ିଶା
ମୋ: ୮୯୮୪୦୦୭୬୦୦



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




# ନୋଭାକ୍ ଜୋକୋଭିଚ୍ ଚାମ୍ପିୟନ

**ପ୍ୟାରିସ, ୧୩।୬**

ସର୍ବିୟାର ନୋଭାକ୍ ଜୋକୋଭିଚ୍ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ୍‌ଙ୍କୁ ୬-୭(୬/୮), ୨-୬, ୬-୩, ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଭାବୀ ପ୍ରଦର୍ଶନ କରି ସିତ୍‌ସିପାସ ପ୍ରଥମ ୨ଟି ସେଟ୍‌ରେ ବିଜୟୀ ହୋଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲର ନିକଟତର ହୋଇଥିଲେ ହେଁ ଅଭିଜ୍ଞତାର ଉପଯୋଗ କରି ବାଜି ମାରିଥିଲେ ଜୋକୋଭିଚ୍। ମ୍ୟାଚଟି ୪ ଘଣ୍ଟା ୧୧ ମିନିଟଧରି ଚାଲିଥିଲା। ଏହାକୁ ମିଶାଇ ଜୋକୋଭିଚ୍ ଦ୍ୱିତୀୟ ଥରପାଇଁ ଫ୍ରେଞ୍ଚ୍ ଓପନ ଏବଂ ଓଭରଅଲ୍ ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ୨୦୧୬ରେ ସେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ଅର୍ଥାତ୍ ୫ ବର୍ଷ ବ୍ୟବଧାନରେ ସେ ପୁଣି ରୋଲାଣ୍ଡ ଗାରୋସ୍‌ର ଲାଲ୍ ମାଟିରେ ବିଜୟ ଧ୍ୱଜା ଉଡ଼ାଇଛନ୍ତି। ଜୋକୋଭିଚ୍ ୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୬, ୨୦୧୯, ୨୦୨୦ ଓ ୨୦୨୧ରେ ଅଷ୍ଟ୍ରେଲିଆନ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଥିବାବେଳେ ୨୦୧୧, ୨୦୧୪, ୨୦୧୫, ୨୦୧୮ ଓ ୨୦୧୯ରେ ୱିମ୍ବଲଡନ ଏବଂ ୨୦୧୧, ୨୦୧୫ ଏବଂ ୨୦୧୮ରେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। ଅନ୍ୟପକ୍ଷରେ ସିତ୍‌ସିପାସ ୨୦୧୯ ଓ ୨୦୨୧ରେ ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିବାବେଳେ ୨୦୧୮ରେ ୱିମ୍ବଲଡନରେ ୪ର୍ଥ ରାଉଣ୍ଡ ପ୍ରବେଶ ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ସେହିପରି ସେ ୨୦୨୦ରେ ୟୁଏସ୍ ଓପନରେ ସର୍ବାଧିକ ୩ୟ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନିତ ହୋଇ ପାରିଥିଲେ। ଫ୍ରେଞ୍ଚ୍ ଓପନରେ ରନର୍ସଅପ୍ ହେଉଛି କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ।


ରିଟର୍ନ ଶଟ୍ ଖେଳିବା ଅବସରରେ ନୋଭାକ ଜୋକୋଭିଚ୍।

# କ୍ରେଜିକୋଭାଙ୍କୁ ଡବଲ ଟାଇଟଲ

**ପ୍ୟାରିସ, ୧୩।୬**

ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭା ରବିବାର ଶେଷ ହୋଇଥିବା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସରେ ଡବଲ ଟାଇଟଲ ବିଜୟୀ ହୋଇଛନ୍ତି। ପୂର୍ବରୁ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଥିବା ଏହି ଚେକ୍ ଖେଳାଳି ମହିଳା ଡବଲ୍ସରେ ମଧ୍ୟ ଟାଇଟଲ ହାସଲ କରିଛନ୍ତି। ଅନ୍ୟତମ ଚେକ୍ ଖେଳାଳି କାଟରିନା ସିନିକୋଭାଙ୍କୁ ସାଥିକରି ସେ ମହିଳା ଡବଲ୍ସ ଫାଇନାଲରେ ପୋଲାଣ୍ଡର ଇଗା ସ୍ୱିଟେକ ଓ ଆମେରିକାର ବେଥାନି ମାଟେକ-ସାଣ୍ଡ୍ସ ଯୋଡ଼ିଙ୍କୁ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବରୁ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ କ୍ରାଜିସେକ୍ ରୁଷିଆର ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭାଙ୍କୁ ୬-୧, ୨-୬, ୬-୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ପୂର୍ବରୁ କ୍ରେଜିକୋଭା ମହିଳା ଡବଲ୍ସରେ ୨୦୧୮ରେ ଫ୍ରେଞ୍ଚ୍ ଓପନ ଏବଂ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ମିକ୍ସଡ ଡବଲ୍ସରେ ମଧ୍ୟ ସେ ୨୦୧୯, ୨୦୨୦ ଏବଂ ୨୦୨୧ରେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ତେବେ ଏଥର ସେ ପ୍ରଥମଥର ପାଇଁ ସିଙ୍ଗଲ୍ସ ଟାଇଟଲ ହାସଲ କରିବାର ସ୍ୱାଦ ପାଇଛନ୍ତି।

## ମାହୁଟ୍-ହର୍‌ବର୍ଟ ଚାମ୍ପିୟନ

ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଇଭେଣ୍ଟରେ ଫ୍ରାନ୍ସ ଯୋଡି ନିକୋଲାସ ମାହୁଟ୍ ଓ ପିଏର-ହ୍ୟୁଗ୍ସ ହେରବେର୍ଟ ଟାଇଟଲ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୪-୬, ୭-୬, ୬-୪ ସେଟ୍‌ରେ ପ୍ରତିପକ୍ଷ କାଜାଖସ୍ତାନ ଯୋଡି ଆଲେକଜାଣ୍ଡର ବବ୍‌ଲିକ ଓ ଆନ୍ଦ୍ରେ ଗୋଲୁବେଭଙ୍କୁ ହରାଇ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏବେ ଏହି ଯୋଡି ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ପ୍ରୟାସ କରିବେ। ମିଳିତ ଭାବେ ଏହି ଫ୍ରେଞ୍ଚ୍ ଯୋଡି ପଞ୍ଚମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

ଏହାପୂର୍ବରୁ ୨୦୧୮ରେ ମାହୁଟ୍ ଓ ହର୍‌ବର୍ଟ ପ୍ୟାରିସ୍‌ରେ ପ୍ରଥମ ଟାଇଟଲ ହାସଲ କରିଥିଲେ।

# ଓଡ଼ିଶା ଏଫ୍‌ସି ଡିଜିଟାଲ ଗ୍ରାସ୍‌ରୁଟ ଏକାଡେମୀ ଆରମ୍ଭ


**ଭୁବନେଶ୍ୱର, ୧୩।୬ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଭୁବନେଶ୍ୱର ଭିତ୍ତିକ କ୍ଲବ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଫୁଟ୍‌ବଲ ପ୍ରଶିକ୍ଷଣ ପାଇଁ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କ୍ଲବ ରବିବାର 'ଓଡ଼ିଶା ଏଫ୍‌ସି ଡିଜିଟାଲ ଗ୍ରାସ୍‌ରୁଟ୍ ଏକାଡେମୀ' ଆରମ୍ଭ କରିଛି। ଯୁବ ଖେଳାଳିଙ୍କର ଫୁଟ୍‌ବଲ ସଂକ୍ରାନ୍ତରେ ମୌଳିକ ଜ୍ଞାନ ଓ କୌଶଳରେ ଉନ୍ନତି ଆଣିବାକୁ କ୍ଲବ ତରଫରୁ ଏହି ଏକାଡେମୀ ଆରମ୍ଭ କରାଯାଇଛି।

ରାଜ୍ୟ ତଥା ଦେଶରେ ଯୁବ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଉନ୍ନତି, ପ୍ରୋତ୍ସାହନ ଓ ପ୍ରମୋଶନ ପାଇଁ ଓଏଫ୍‌ସିର ଏକ ପରିକଳ୍ପନା ବା ଭିଜନ୍ ରହିଛି। କ୍ଲବ୍‌ର ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ରାଜ୍ୟର ସବୁ ଖେଳାଳିଙ୍କ ପାଇଁ ଏହା ଉପଲବ୍ଧ ହେବ ଓ ସବୁ ଯୁବ ଖେଳାଳି ଏହାର ଲାଭ ଉଠାଇପାରିବେ ବୋଲି ଓଏଫ୍‌ସି ଆଶା ରଖିଛି। ଏ ନେଇ ଓଏଫ୍‌ସି ଗ୍ରାସ୍‌ରୁଟ୍ ମ୍ୟାନେଜର ଶୁଭମ୍ ଦାସ ବିବରଣୀ ପ୍ରଦାନ କରିଛନ୍ତି। ଏହି ପ୍ରୋଗ୍ରାମ ସର୍ବୋତ୍ତମ ସୁବିଧା ପ୍ରଦାନ କରିବାରେ ସହାୟ ହେବ। ପ୍ରତି ସପ୍ତାହରେ ସୁବ୍ୟବସ୍ଥିତ ତଥା ଶୃଙ୍ଖଳିତ ୱେବିନାର ମାଧ୍ୟମରେ ଖେଳାଳିମାନେ ଟିପ୍ସ ପାଇପାରିବେ। ଏହାପରେ ଓଏଫ୍‌ସି ତାରକା ଖେଳାଳିମାନେ କେତୋଟି ସାଧାରଣ ଡ୍ରିଲ୍ ପ୍ରଦାନ କରିବା ସହ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବେ। ଆମ ଯୁବ ବିଭାଗ କୋଚ୍ ସନ୍ଦୀପ ଅଲହାନ ଓ କୀର୍ତ୍ତିକାଶ୍ୟପଙ୍କ ତତ୍ତ୍ୱାବଧାନରେ ଏହି ପ୍ରୋଗ୍ରାମ ଚାଲିବ ବୋଲି ଶୁଭମ୍ କହିଛନ୍ତି। ଏହାଦ୍ୱାରା ଯେପରି ଖେଳାଳିମାନଙ୍କର ସ୍କିଲ୍‌ରେ ଉନ୍ନତି ଆସିବ ସେ ନେଇ ଏହି ଦୁଇ କୋଚ୍ ସହାୟତା ପ୍ରଦାନ କରିବେ।

'ଓଡ଼ିଶା ଏଫ୍‌ସି ଡିଜିଟାଲ ଗ୍ରାସ୍‌ରୁଟ୍ ଏକାଡେମୀ' ଏହି ମାସରେ ଆରମ୍ଭ ହୋଇଥିବାରୁ କ୍ଲବ୍ ଅଧ୍ୟକ୍ଷ ରାଜ ଅଥଓ୍ୱାଲ ଖୁସି ଜାହିର କରିଛନ୍ତି। ଏହା ଦ୍ୱାରା ରାଜ୍ୟର ଫୁଟ୍‌ବଲ ପ୍ରତିଭାମାନଙ୍କୁ ଏକ ସ୍ୱତନ୍ତ୍ର ଉପାୟରେ ଫୁଟ୍‌ବଲ ସମ୍ପର୍କରେ ଶିକ୍ଷିତ କରାଯିବ ଓ ସେମାନଙ୍କ କୌଶଳରେ ଉନ୍ନତି ଅଣାଯାଇପାରିବ। ଏହି ପ୍ରୋଗ୍ରାମରେ ଅଧିକରୁ ଅଧିକ ପିଲା ଯୋଗ ଦେବେ ବୋଲି ଅଥଓ୍ୱାଲ ଆଶାପ୍ରକାଶ କରିଛନ୍ତି। ସେହିପରି ତୃଣମୂଳ ସ୍ତରରେ ଓ ଯୁବ ଖେଳାଳିଙ୍କ ଉନ୍ନତି ପାଇଁ ଓଏଫ୍‌ସି ସବୁବେଳେ ପ୍ରାଥମିକତା ଦେଇ ଆସୁଛି ବୋଲି କ୍ଲବ କାର୍ଯ୍ୟନିର୍ବାହୀ ରୋହନ ଶର୍ମା କହିଛନ୍ତି। ପରପିଢ଼ିର ଫୁଟ୍‌ବଲରେ ଉନ୍ନତି ଆଣିବା ଆମର ମୂଳ ଲକ୍ଷ୍ୟ ରହିଛି। ଗତବର୍ଷ ଅବଶ୍ୟ ଆମେ ଏହି ଲକ୍ଷ୍ୟ ହାସଲ କରିପାରି ନ ଥିଲୁ। ଯୁବ ଫୁଟ୍‌ବଲରଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ଆମେ ସାହଯ୍ୟ ଓ ସମର୍ଥନ ଦେବା ଅବ୍ୟାହତ ରଖିବୁ। ଯୁବ ଫୁଟ୍‌ବଲରମାନେ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣନ୍ତୁ ଏହା ଆମର ମୂଳ ଲକ୍ଷ୍ୟ ବୋଲି ରୋହନ କହିଛନ୍ତି।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଭିନୁ ମଙ୍କଡ଼

**ଦୁବାଇ, ୧୩।୬ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ହଲ୍ ଅଫ୍ ଫେମ୍ ତାଲିକାରେ ରବିବାର ଖେଳର ୧୦ଜଣ ଆଇକନ୍‌ଙ୍କୁ ସାମିଲ କରାଯାଇଛି। ୫ଟି ଯୁଗର ୨ଜଣ ଲେଖାଏଁ ଖେଳାଳିଙ୍କୁ ତାଲିକାଭୁକ୍ତ କରାଯାଇଛି। ଜୁନ୍ ୧୮ରେ ସାଥାମ୍ପଟନଠାରେ ଭାରତ ବନାମ ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପୂର୍ବରୁ ଆଇସିସି ଏହି ଘୋଷଣା କରିଛି। ଟେଷ୍ଟ କ୍ରିକେଟ ଇତିହାସରେ ଖେଳ ପ୍ରତି ଏହି ୧୦ଜଣ କିମ୍ବଦନ୍ତୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସେମାନଙ୍କୁ ସାମିଲ କରାଯିବା ଦ୍ୱାରା ହଲ୍ ଅଫ୍ ଫେମ୍ ତାଲିକାର ଅନ୍ତର୍ଜାତୀୟ ଦିନିକିଆ ଯୁଗ (୧୯୭୧ରୁ ୧୯୯୫) ପାଇଁ ୱେଷ୍ଟଇଣ୍ଡିଜର ଦେସମଣ୍ଡ ହେନ୍ସ ଓ ଇଂଲଣ୍ଡର ବବ୍ ୱିଲ୍ସ ଏବଂ ଆଧୁନୀକ ଯୁଗ (୧୯୯୬ରୁ୨୦୧୬)ପାଇଁ ଜିମ୍ବାୱେର ଆଣ୍ଡି ଫ୍ଲାୱାର ଓ ଶ୍ରୀଲଙ୍କାର କୁମାର ସଙ୍ଗକାରା। ମଙ୍କଡ଼ଙ୍କୁ ଭାରତର ଅନ୍ୟତ ମଶ୍ରେ ଅଲରାଉଣ୍ଡର ବିବଚେନା କରାଯାଇଥାଏ। ସେ ୪୪ ଟେଷ୍ଟ ମ୍ୟାଚ ଖେଳି ୩୧.୪୭ ଆଭରେଜରେ ୨,୧୦୯ ରନ ସଂଗ୍ରହ କରିଛନ୍ତି। ସେ ୩୨.୩୨ ଆଭରେଜରେ ୧୬୨ ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ସେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଓ ବାମହାତୀ ଧିମା ରକ୍ଷଣଶୀଳ ବୋଲର ଥିଲେ। ସେ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ୧୯୫୨ରେ ଇଂଲଣ୍ଡ ବିପକ୍ଷରେ ଲର୍ଡ୍ସଠାରେ ହାସଲ କରିଥିଲେ। ସେ ୭୨ ଓ ୧୮୪ ରନ ସ୍କୋର କରିବା ସହ ମ୍ୟାଚରେ ୯୭ ଓଭର ବୋଲିଂ କରିଥିଲେ। ସେ ହେଉଛି ବିଶ୍ୱର ତୃତୀୟ କ୍ରିକେଟର ଯିଏକି ଟେଷ୍ଟ କ୍ରିକେଟରେ ପ୍ରତ୍ୟେକ ପୋଜିଶନରେ ବ୍ୟାଟିଂ କରିଛନ୍ତି। ସେ ଆହୁରି ମଧ୍ୟ ଅନ୍ୟ ଜଣେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କୁ କୋଚିଂ ଦେଇଛନ୍ତି। ଗାଭାସ୍କର ପୂର୍ବରୁ ହଲ୍ ଅଫ୍ ଫେମ୍‌ର ସଦସ୍ୟ ହୋଇସାରିଛନ୍ତି।



ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ୧୦ କ୍ରିକେଟ କିମ୍ବଦନ୍ତୀ।

ସଦସ୍ୟ ସଂଖ୍ୟା ୧୦୩କୁ ବୃଦ୍ଧି ପାଇଛି। ତାଲିକାଭୁକ୍ତ କିମ୍ବଦନ୍ତୀମାନେ ହେଲେ ପ୍ରାରମ୍ଭିକ ଯୁଗ (୧୯୧୮ ପୂର୍ବରୁ) ପାଇଁ ଦକ୍ଷିଣ ଆଫ୍ରିକାର ଅବ୍ରେ ଫକ୍‌ନର ଓ ଅଷ୍ଟ୍ରେଲିଆର ମଣ୍ଟି ନୋବଲ, ଆନ୍ତଃ ଯୁଦ୍ଧ ଯୁଗ (୧୯୧୮ରୁ୧୯୪୫) ପାଇଁ ୱେଷ୍ଟଇଣ୍ଡିଜର ସାର୍ ଲିଏରି କନଷ୍ଟାଣ୍ଟିନ୍ ଓ ଅଷ୍ଟ୍ରେଲିଆର ଷ୍ଟାନ ମ୍ୟାକ୍‌କେବ୍, ଯୁଦ୍ଧର ପରବର୍ତ୍ତୀ ଯୁଗ (୧୯୪୬ରୁ ୧୯୭୦) ପାଇଁ ଇଂଲଣ୍ଡର ଟେଡ୍ ଡେକ୍ସଟର ଓ ଭାରତର ଭିନୁ ମଙ୍କଡ,

